ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ଅଧୀନ ଉସୁର, ବାସାଗୁଡା ଓ ପାମେଡ ଅଞ୍ଚଳକୁ ଲାଗି ରହିଥିବା ଜଙ୍ଗଲରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯବାନଙ୍କ ଗୁଳିରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ଜାରି ରହିଥିବା ନେଇ ବସ୍ତର ଆଇଜି ସୁନ୍ଦର ରାଜ ପି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମାଓବାଦୀ ଦମନ ପାଇଁ ଡିଆର୍‌ଜି, ପୋଲିସ ଓ କୋବ୍ରା ବାଟାଲିୟନ ପକ୍ଷରୁ ମିଳିତ ଭାବେ ତଲାସି ଅଭିଯାନ ଜାରି ରହିଥିବା ବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀ ଯବାନଙ୍କୁ ଦେଖି ଗୁଳିଚାଳନା ଆରମ୍ଭ କରିଥିଲେ। ଏହାପରେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଇଛି।

# ଭିଜିଲାନ୍ସ ଜାଲରେ ସ୍ୱାସ୍ଥ୍ୟ ଅଧିକାରୀ, ଫାର୍ମାସିଷ୍ଟ

## କ୍ଲିଅରାନ୍ସ ସାର୍ଟିଫିକେଟ୍ ବାବଦକୁ ନେଉଥିଲେ ୪୦ ହଜାର ଲାଞ୍ଚ

ବୈପାରିଗୁଡ଼ା, ୮।୧୧
(କଳ୍ପତରୁ ମହାନ୍ତି)

ଜଣେ ଠିକା କର୍ମଚାରୀଙ୍କ ନିୟମିତ ହେବା ପାଇଁ ଆବଶ୍ୟକ କ୍ଲିଅରାନ୍ସ ସାର୍ଟିଫିକେଟ୍ ଦେବା ବାବଦକୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱଜିତ୍ ଭୂୟାଁ ଓ ଏମ୍‌ଏଚ୍‌ୟୁରେ କାର୍ଯ୍ୟରତ ଫାର୍ମାସିଷ୍ଟ ଉତ୍ତମ ମହାଙ୍କୁଡ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଜଣେ ମହିଳା ଠିକା କର୍ମଚାରୀଙ୍କୁ ନିୟମିତ କରିବାକୁ ନିର୍ଦ୍ଦେଶ ଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କ କ୍ଲିଅରାନ୍ସ ରିପୋର୍ଟ ଆବଶ୍ୟକ ପଡୁଥିବା ବେଳେ ଏ ବାବଦକୁ ୪୦ ହଜାର ଟଙ୍କା ସେ ଦାବି କରିଥିଲେ। ଏଥିରେ ଫାମାସିଷ୍ଟ ମହାଙ୍କୁଡ ମଧ୍ୟସ୍ଥତା କରିଥିଲେ। ଏ ନେଇ କର୍ମଚାରୀ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏମ୍‌ଏଚ୍‌ୟୁ ଫାର୍ମାସିଷ୍ଟ ମହାଙ୍କୁଡ ଅଭିଯୋଗକାରୀଙ୍କଠାରୁ ଟଙ୍କା ନେଉଥିବା ବେଳେ ଚଢ଼ାଉକରି ଜବତ କରିଥିଲା। ଫାର୍ମାସିଷ୍ଟଙ୍କ ବୟାନକୁ ଆଧାରକରି ଡାକ୍ତର ବିଶ୍ୱଜିତ ଭୂୟାଁଙ୍କୁ ମଧ ଧରି ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ଚଢ଼ାଉରେ ଭିଜିଲାନ୍ସ ବିଭାଗର ଡିଏସ୍‌ପି ସଦାନନ୍ଦ ପାଣି,ଅଭୟ ପ୍ରଧାନ, ଜୟଶ୍ରୀ ପ୍ରଧାନ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ ଓ ଅନୁଭବ ଦାସ ପ୍ରମୁଖ ସାମିଲଥିଲେ।


ବିଶ୍ୱଜିତ୍ ଭୂୟାଁ


ଉତ୍ତମ ମହାଙ୍କୁଡ



# ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ୍ ଡେମି-ଅଫିସିଆଲ(ଡିଓ) ଚିଠି ପଠାଇବାର ଅନେକ ଦଶନ୍ଧିର ପୁରୁଣା ଅଭ୍ୟାସକୁ ଉଜାଗର କରିଛନ୍ତି। ବାବୁ ସାମ୍ରାଜ୍ୟର ଆଭ୍ୟନ୍ତରୀଣ କାର୍ଯ୍ୟ ସହ ଜଡ଼ିତ ଥିବା ଭାରତୀୟମାନେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମନେକରନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଅପ୍‌ଡେଟ ରଖିବାକୁ ସଚିବମାନଙ୍କ ପାଇଁ ୧୯୬୪ ମସିହାରେ ଏକ ସ୍ୱଚ୍ଛ, ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ରୂପେ ଏହା ଆରମ୍ଭ କରାଯାଇଥିଲା ଏବଂ ସମୟକ୍ରମେ ଅମଲାତାନ୍ତ୍ରିକ ପରମ୍ପରା ଭାବେ ରହିଆସିଛି। ବିଶେଷକରି ସଂକ୍ଷିପ୍ତ ଓ ବ୍ୟକ୍ତିଗତ ଟିପ୍ପଣୀର ଏହି ଚିଠିଗୁଡ଼ିକ ପ୍ରମୁଖ ବିଷୟଗୁଡ଼ିକୁ ସାମ୍ନାକୁ ଆଣିବା ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏବେ ସେଗୁଡ଼ିକ ଲମ୍ବା ଓ ଅନାବଶ୍ୟକ ସୂଚନା ସହ ବହୁତ ବଡ଼ ହୋଇଯାଇଛି। କୌଣସି ଦୂରଦୃଷ୍ଟି ନ ରହି ଚିଠିଗୁଡ଼ିକ କେବଳ ତଥ୍ୟର ସଂକଳନ ହୋଇଗଲା। ଫଳରେ ଯାହା ହାସଲ କରିବାକୁ ଚାହୁଁଥିଲେ ତାହାର ମହତ୍ତ୍ୱ ରହିଲା ନାହିଁ। ଏହାକୁ ଲକ୍ଷ୍ୟକରି ବଡ଼ ମାସିକ ରିପୋର୍ଟ ପ୍ରସ୍ତୁତ ନ କରିବାକୁ ସୋମନାଥନ୍ ତାଙ୍କ ସଦ୍ୟତମ ଚିଠିରେ କହିଛନ୍ତି। ଏହାସହ ଚିଠିର ଉଦ୍ଦେଶ୍ୟକୁ ଫେରିବାକୁ ସେ ସଚିବମାନଙ୍କୁ ଅନୁରୋଧ କରିଛନ୍ତି, ଯାହା ପ୍ରକୃତ ସଂକ୍ଷିପ୍ତ ତଥା ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ। ରିପୋର୍ଟ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ପୃଷ୍ଠା ହେବ ଏବଂ ଏହା ନୀତିରେ ଥିବା ବାଧା, ଗୁରୁତ୍ୱପୂର୍ଣ୍ଣ ବିଚାରାଧୀନ ପ୍ରସ୍ତାବ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଧ୍ୟାନ ଦେଉଥିବ। କେବଳ ଲେଖା କମାଇବା ଉଦ୍ଦେଶ୍ୟ ନୁହେଁ ବରଂ ପ୍ରଭାବଶାଳୀ ଯୋଗାଯୋଗ ଏବଂ କାର୍ଯ୍ୟକ୍ଷମତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଦେଖିବାକୁ ଗଲେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଅଧିକ ପ୍ରତିକ୍ରିୟାଶୀଳ ଏବଂ ପ୍ରଭାବଶାଳୀ ଅମଲାତନ୍ତ୍ର ପାଇଁ ଉଦ୍ଦିଷ୍ଟ।

### ନିଜସ୍ୱ କ୍ୟାଡର ଦାବି

ଗୋଆ ପାଇଁ ନିଜର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ କ୍ୟାଡର ରହିବା ପାଇଁ ଗୋଆ ଫର୍‌ୱାର୍ଡ ପାର୍ଟି (ଜିଏଫ୍‌ପି) ଅଧ୍ୟକ୍ଷ ବିଜୟୀ ସର୍ଦ୍ଦେଶାଇ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ତାଙ୍କ ମତରେ ବାହାରର ଅଧିକାରୀମାନଙ୍କ ତୁଳନାରେ ସ୍ଥାନୀୟ ଅଧିକାରୀମାନେ ଗୋଆର ଆବଶ୍ୟକତା, ସଂସ୍କୃତି ଏବଂ ଆହ୍ୱାନଗୁଡ଼ିକୁ ଭଲ ଭାବେ ବୁଝିଥାଆନ୍ତି। ସେମାନେ ରାଜ୍ୟର ବିକାଶରେ ଅଧିକ ଜଡ଼ିତ ହେବା ସହ ଲୋକଙ୍କ ସଙ୍ଗେ ମିଳିମିଶି ଅଧିକ କାମ କରନ୍ତି। ସର୍ଦ୍ଦେଶାଇ ଗୋଆର ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ଦେଇଥିବା ଚିଠିରେ ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଆଲୋଚନା କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଯେତେବେଳେ ଅଧିକାରୀମାନେ ସ୍ୱଳ୍ପ ସମୟ ପାଇଁ ଆସନ୍ତି, ସେମାନେ ଉପରଠାଉରିଆ ଭାବେ କାମ କରନ୍ତି। ସେମାନେ ଲୋକଙ୍କଠାରୁ ଦୂରେଇ ରହନ୍ତି। ଏଭଳି ବିଚ୍ଛିନ୍ନତା ଯୋଗୁ ବିଶ୍ୱାସର ଅଭାବ ଦେଖାଦିଏ। କେତେଜଣ ଅଧିକାରୀ ମଧ୍ୟ ଅହଂକାରୀ କିମ୍ବା ଉଦାସୀନ ଏବଂ ଅନ୍ୟମାନେ ବିଶେଷକରି ପୋଷ୍ଟିଂ ବିଷୟରେ ଚିନ୍ତିତ ରହିଥାନ୍ତି ଏବଂ ଗୋଆକୁ ଲାଭ ଦେବା ଭଳି ଦୃଢ଼ ନିଷ୍ପତ୍ତି ନେବାରୁ ବିରତ ରହନ୍ତି। ସର୍ଦ୍ଦେଶାଇଙ୍କ ଚିଠି ଆମକୁ ମନେପକାଇଦେଇଛି ଯେ ଗୋଆ ପୂର୍ବରୁ ନିଜସ୍ୱ କ୍ୟାଡର ସୃଷ୍ଟି କରିବାକୁ ଚେଷ୍ଟା କରିଛି, କିନ୍ତୁ ଫଳପ୍ରଦ ହୋଇନାହିଁ। ପୂର୍ବାପେକ୍ଷା ବର୍ତ୍ତମାନ ସମ୍ଭବତଃ ଏହାକୁ ପୁନଃ ଉପସ୍ଥାପନ କରିବାର ଉପଯୁକ୍ତ ସମୟ। ଏକ ଉତ୍ସର୍ଗୀକୃତ ଗୋଆ କ୍ୟାଡର ଶାସନକୁ ଶୃଙ୍ଖଳିତ କରିବା ସହ ପ୍ରଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ଅଧିକ ଶକ୍ତିଶାଳୀ ସମ୍ପର୍କ ସ୍ଥାପନ କରିପାରିବ ଏବଂ ନିଶ୍ଚିତ କରିପାରିବ ଯେ ଏହିପରି ଅଧିକାରୀମାନେ ରାଜ୍ୟ ତଥା ଏହାର ଲୋକଙ୍କ ପାଇଁ ପ୍ରକୃତରେ ଉତ୍ତରଦାୟୀ।

### ଅମଲାତାନ୍ତ୍ରିକ ତ୍ରୁଟି

ଅସାବଧାନତାରୁ ହେଉ କିମ୍ବା ଅଧିକ କାର୍ଯ୍ୟଭାର ଯୋଗୁ ଅନେକ ସମୟରେ ଅମଲାତାନ୍ତ୍ରିକ ତ୍ରୁଟିଗୁଡ଼ିକ ବାବୁମାନଙ୍କୁ କେବଳ ବ୍ୟକ୍ତିଗତଭାବେ ଲଜ୍ଜିତ କରେନାହିଁ, ବରଂ ସମଗ୍ର ବିଭାଗ ଏବଂ ସରକାରଙ୍କ ତ୍ରୁଟିକୁ ସାମ୍ନାକୁ ଆଣେ। ନିକଟରେ ହରିୟାଣାରେ ହୋଇଥିବା ତ୍ରୁଟି ଏହାର ଏକ ବଡ଼ ଉଦାହରଣ। ୩ ନଭେମ୍ବର ୨୦୨୪ର ଏକ ନିର୍ଦ୍ଦେଶକ୍ରମେ ଛରଖି ଦାଦ୍ରିର ଡେପୁଟି କମିଶନର ଭାବେ ୨ଜଣ ଆଇଏଏସ୍ ଅଧିକାରୀ ମୁନିଶ ଶର୍ମା ଏବଂ ଡ. ଜୟିନ୍ଦର ସିଂ ଛିଲ୍ଲାରଙ୍କୁ ନିଯୁକ୍ତ କରାଯାଇଥିଲା। କହିବାକୁ ଗଲେ ଗୋଟିଏ ଜିଲାରେ ୨ ଜଣ ମୁଖ୍ୟ। କେରଳ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ, ଯାହା ପୂର୍ବରୁ ଏହି ସ୍ତମ୍ଭରେ ରିପୋର୍ଟ କରାଯାଇଥିଲା। ସେହି ସମାନ ଦିନରେ ରାଜ୍ୟ ୨୦୦୫ ବ୍ୟାଚ୍ କେରଳ କ୍ୟାଡରର ଆଇଏଏସ୍ ଅଧିକାରୀ ପ୍ରଣବଜ୍ୟୋତି ନାଥଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ର ନାଲ୍‌କୋର ମୁଖ୍ୟ ଭିଜିଲାନ୍ସ ଅଫିସର ଭାବରେ ନିଯୁକ୍ତ କରିଥିଲେ। ସେହିଭଳି ୨୦୦୭ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇଏଏସ୍ ଅଧିକାରୀ ଅନିନ୍ଦିତା ମିତ୍ର ପଞ୍ଜାବ କ୍ୟାଡରକୁ ଫେରିବା ପରେ ଚଣ୍ଡିଗଡ଼ ମ୍ୟୁନିସିପାଲ କମିଶନର ଭାବେ ତାଙ୍କ ୩ବର୍ଷର କାର୍ଯ୍ୟକାଳ ଶେଷ ପରେ ଆଉ ୩ ମାସ ବୃଦ୍ଧି କରାଯିବାକୁ ପିଏସି ସ୍ୱୀକୃତି ଦେଇଥିଲେ ମଧ୍ୟ ସେଥିରେ ବ୍ୟତିକ୍ରମ ହୋଇଥିଲା। ବିଗତ ୬ ମାସରୁ ଅଧିକ ସମୟ ମଧ୍ୟରେ ଏଭଳି ପ୍ରଶାସନିକ ତ୍ରୁଟିର ଲମ୍ବା ତାଲିକା ଦର୍ଶାଉଛି ଯେ, ଅସାବଧାନତା ଏହା ପଛର ଏକ କାରଣ। ଏବେ ହୁଏତ କାର୍ଯ୍ୟଭାର କମାଇବାକୁ ହେବ କିମ୍ବା ସର୍ବସାଧାରଣରେ ଘୋଷଣା କରିବା ପୂର୍ବରୁ ଅତି କମ୍‌ରେ ୨ଥର ଯାଞ୍ଚ କରିବାକୁ ପଡ଼ିବ। ମଣିଷ ମାତ୍ରକେ ଭୁଲ୍ ଅଛି, କିନ୍ତୁ ବିଶ୍ୱାସ ବଜାୟ ରଖିବାକୁ ହେଲେ ତାହାକୁ କମ୍ କରିବାକୁ ହେବ।

Email: dilipcherian@gmail.com

# ରତନ ଟାଟାଙ୍କ ବ୍ୟକ୍ତିତ୍ୱ ଅନେକ ପିଢ଼ି ପାଇଁ ପ୍ରେରଣା



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ରତନ ଟାଟା ଆମକୁ ଛାଡ଼ି ଚାଲିଯିବାର ଗୋଟିଏ ମାସ ବିତିଗଲାଣି। କୋଳାହଳପୂର୍ଣ୍ଣ ମହାନଗର ଓ ଛୋଟ ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ, ତାଙ୍କର ଅନୁପସ୍ଥିତି ସମାଜର ପ୍ରତ୍ୟେକ ସ୍ତରରେ ଅନୁଭୂତ ହେଉଛି। ବିଶିଷ୍ଟ ଶିଳ୍ପପତି, ଯୁବ ଉଦ୍ୟୋଗୀ ଏବଂ କଠିନ ପରିଶ୍ରମ କରୁଥିବା ପେସାଦାରମାନେ ତାଙ୍କ ବିୟୋଗରେ ଶୋକାଭିଭୂତ ହୋଇ ପରିବେଶକୁ ନେଇ ଯତ୍ନଶୀଳ ଏବଂ ଦାନ ପୁଣ୍ୟରେ ଆଗ୍ରହୀ ଥିବା ଲୋକମାନେ ମଧ୍ୟ ଅନୁରୂପ ଭାବେ ଦୁଃଖିତ। ତାଙ୍କର ଅନୁପସ୍ଥିତି କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଗଭୀର ଭାବେ ଅନୁଭୂତ ହେଉଛି।

ଯୁବପିଢ଼ିଙ୍କ ପାଇଁ ରତନ ନାନା ଏକ ପ୍ରେରଣା ଥିଲେ। ସ୍ୱପ୍ନକୁ ସାକାର କରିବା ସମ୍ଭବ ଏବଂ କରୁଣା ଓ ବିନମ୍ରତାର ସହ ସଫଳତା ହାସଲ କରାଯାଇପାରିବ, ଏହା ସେ ଶିଖାଇଥିଲେ। ଅନ୍ୟମାନଙ୍କ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତର ଶ୍ରେଷ୍ଠ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିଲେ। ସଚ୍ଚୋଟତା, ଉତ୍କର୍ଷ ଏବଂ ସେବା ମୂଲ୍ୟବୋଧ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ସେ ପରିଚିତ। ତାଙ୍କ ନେତୃତ୍ୱରେ, ଟାଟା ଗ୍ରୁପ ନୂଆ ଉଚ୍ଚତା ଛୁଇଁଥିଲା ଏବଂ ସାରା ବିଶ୍ୱରେ ସମ୍ମାନ, ସଚ୍ଚୋଟତା ଓ ବିଶ୍ୱସନୀୟତାର ପ୍ରତୀକ ପାଲଟିଥିଲା। ଏହା ସତ୍ତ୍ୱେ ସେ ବିନମ୍ରତା ଓ ଉଦାରତା ସହିତ ନିଜର ସଫଳତାକୁ ଅତି ହାଲୁକା ଭାବେ ନେଇଥିଲେ।

ଅନ୍ୟମାନଙ୍କ ସ୍ୱପ୍ନ ପ୍ରତି ରତନ ଟାଟାଙ୍କ ଅତୁଟ ସମର୍ଥନ ତାଙ୍କର ସବୁଠୁ ଶ୍ରେଷ୍ଠ ଗୁଣ ଥିଲା। ଗତ କିଛିବର୍ଷ ମଧ୍ୟରେ ସେ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ମାର୍ଗଦର୍ଶନ କରିଥିଲେ ଏବଂ ଅନେକ ସମ୍ଭାବନାପୂର୍ଣ୍ଣ ଉପକ୍ରମରେ ନିବେଶ କରିଥିଲେ। ସେ ଯୁବ ଉଦ୍ୟୋଗୀଙ୍କ ଆଶା ଓ ଆକାଂକ୍ଷାକୁ ବୁଝିଥିଲେ ଏବଂ ଭାରତର ଭବିଷ୍ୟତକୁ ଆକାର ଦେବାରେ ସେମାନଙ୍କର କ୍ଷମତାକୁ ଜାଣିପାରିଥିଲେ। ସେମାନଙ୍କ ପ୍ରୟାସକୁ ସମର୍ଥନ କରି ସେ ସ୍ୱପ୍ନ ଦେଖୁଥିବା ନୂଆ ପିଢ଼ିକୁ ସାହସିକ ପଦକ୍ଷେପ ନେବା ଏବଂ ଚିରାଚରିତ ସୀମାଠାରୁ ଆଗକୁ ବଢ଼ିବା ପାଇଁ ସଶକ୍ତ କରିଥିଲେ। ତାଙ୍କର ସମର୍ଥନ ନବସୃଜନ ଓ ଉଦ୍ୟମିତାର ସଂସ୍କୃତି ଗଢ଼ିବାରେ ଏକ ଲମ୍ବା ରାସ୍ତା ନିର୍ଦ୍ଧାରଣ କରିସାରିଛି। ଆଗାମୀ ଦଶନ୍ଧିରେ ଭାରତ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ମୋର ବିଶ୍ୱାସ ରହିଛି।

ସେ କ୍ରମାଗତ ଭାବରେ ଉତ୍କର୍ଷତାକୁ ସମର୍ଥନ କରିଥିଲେ ଏବଂ ଭାରତୀୟ ଉଦ୍ୟୋଗଗୁଡ଼ିକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ସ୍ଥାପିତ କରିବାକୁ ଅନୁରୋଧ କରୁଥିଲେ। ମୁଁ ଆଶା କରୁଛି, ଏହି ଦୃଷ୍ଟିକୋଣ ଆମର ଭବିଷ୍ୟତର ନେତାମାନଙ୍କୁ ଭାରତକୁ ବିଶ୍ୱସ୍ତରୀୟ ଗୁଣବତ୍ତାର ସମକକ୍ଷ କରିବା ପାଇଁ ପ୍ରେରଣା ଯୋଗାଇବ।

କେବଳ ବୋର୍ଡ ରୁମ୍ କିମ୍ବା ସାଥୀ ମଣିଷଙ୍କୁ ସାହାଯ୍ୟ କରିବାରେ ତାଙ୍କର ମହାନତା ସୀମିତ ନ ଥିଲା। ତାଙ୍କର କରୁଣାଭାବ ସମସ୍ତ ଜୀବଜଗତଙ୍କ ପାଇଁ ବିସ୍ତାରିତ ହୋଇଥିଲା। ପ୍ରାଣୀମାନଙ୍କ ପ୍ରତି ତାଙ୍କର ଗଭୀର ଭଲପାଇବା ବିଷୟରେ ସମସ୍ତେ ଜାଣନ୍ତି ଏବଂ ପ୍ରାଣୀଙ୍କ କଲ୍ୟାଣ ଉପରେ କେନ୍ଦ୍ରିତ ପ୍ରତ୍ୟେକ ସମ୍ଭାବ୍ୟ ପ୍ରୟାସକୁ ସେ ସମର୍ଥନ କରିଥିଲେ। ସେ ପ୍ରାୟତଃ ତାଙ୍କ ପୋଷା କୁକୁରଙ୍କର ଫଟୋ ଶେୟାର କରନ୍ତି, ଯେଉଁମାନେ ଯେକୌଣସି ବ୍ୟବସାୟିକ ଉଦ୍ୟୋଗ ପରି ତାଙ୍କ ଜୀବନର ଏକ ଅଂଶ ଥିଲେ। ପ୍ରକୃତ ନେତୃତ୍ୱ କେବଳ କାହାର ସଫଳତା ଦ୍ୱାରା ନୁହେଁ, ବରଂ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି ଧ୍ୟାନଦେବାର ଦକ୍ଷତା ଆଧାରରେ ମାପ କରାଯାଇଥାଏ, ତାଙ୍କ ଜୀବନ ଆମ ସମସ୍ତଙ୍କୁ ଏହି ଶିକ୍ଷା ଦେଇଥିଲା।

କୋଟି କୋଟି ଭାରତୀୟଙ୍କ ପାଇଁ ରତନ ଟାଟାଙ୍କ ଦେଶପ୍ରେମ ସଙ୍କଟ ସମୟରେ ଉଜ୍ଜ୍ୱଳ ହୋଇ ଉଠିଥିଲା। ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ସେ ତୁରନ୍ତ ମୁମ୍ବାଇର ତାଜ ହୋଟେଲ ଖୋଲିଥିଲେ। ଦେଶ ଆଗରେ ରହିଥିବା ଆହ୍ୱାନର ସେ ଦୃଢ଼ ଜବାବ ଦେଇଥିଲେ। ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇଲା ନାହିଁ, ନିଜର ଏକତା ଶକ୍ତି ପ୍ରଦର୍ଶନ କଲା।

ବ୍ୟକ୍ତିଗତ ଦୃଷ୍ଟିକୋଣରୁ କହିବାକୁ ଗଲେ, ବର୍ଷ ବର୍ଷ ଧରି ତାଙ୍କୁ ଅତି ନିକଟରୁ ଜାଣିବାର ସୌଭାଗ୍ୟ ମୁଁ ପାଇଥିଲି। ଆମେ ଗୁଜରାଟରେ ଘନିଷ୍ଠ ଭାବରେ କାମ କରିଥିଲୁ, ଯେଉଁଠାରେ ସେ ବ୍ୟାପକ ପୁଞ୍ଜିନିବେଶ କରିଥିଲେ ଏବଂ ଅନେକ ପ୍ରକଳ୍ପକୁ ନେଇ ସେ ବହୁତ ଉତ୍ସାହୀ ଥିଲେ। କିଛି ସପ୍ତାହ ତଳେ, ମୁଁ ସ୍ପେନ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜଙ୍କ ସହ ଭଦୋଦରାରେ ଥିଲି ଏବଂ ଆମେ ମିଳିତ ଭାବେ ଏକ ବିମାନ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲୁ। ଏହି ସ୍ଥାନରେ ହିଁ ପ୍ରଥମ ଥର ପାଇଁ ଭାରତରେ ସି-୨୯୫ ବିମାନ ନିର୍ମିତ ହେବ। ରତନ ଟାଟା ହିଁ ଏହା ଉପରେ କାମ ଆରମ୍ଭ କରିଥିଲେ। କହିବା ବାହୁଲ୍ୟ ଯେ ରତନ ଟାଟାଙ୍କ ଅନୁପସ୍ଥିତି ଏଠାରେ ଖୁବ୍ ଗଭୀର ଭାବେ ଅନୁଭୂତ ହୋଇଥିଲା।

ନିୟମିତ ଭାବେ ଚିଠି ଲେଖୁଥିବା ଜଣେ ବ୍ୟକ୍ତି ଭାବେ ମୁଁ ରତନ ଟାଟାଙ୍କୁ ସ୍ମରଣ କରୁଛି। କେବେ ଶାସନ ପ୍ରସଙ୍ଗରେ ହେଉ କିମ୍ବା ସରକାରୀ ସହାୟତାକୁ ପ୍ରଶଂସା କରି ହେଉ ଅଥବା ନିର୍ବାଚନ ବିଜୟ ପରେ ଅଭିନନ୍ଦନ ଜଣାଇବା ହେଉ, ସେ ମୋତେ ବିଭିନ୍ନ ପ୍ରସଙ୍ଗରେ ନିୟମିତ ଚିଠି ଲେଖୁଥିଲେ।

ମୁଁ କେନ୍ଦ୍ରକୁ ଆସିବା ପରେ ଆମର ଘନିଷ୍ଠ ସମ୍ପର୍କ ଜାରି ରହିଲା ଏବଂ ସେ ଆମ ରାଷ୍ଟ୍ର ନିର୍ମାଣ ପ୍ରୟାସରେ ଜଣେ ପ୍ରତିଶ୍ରୁତିବଦ୍ଧ ଅଂଶୀଦାର ଥିଲେ। ବିଶେଷ କରି, ସ୍ୱଚ୍ଛ ଭାରତ ମିଶନ ପାଇଁ ରତନଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା।

ଭାରତର ପ୍ରଗତି ପାଇଁ ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିମଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରି ସେ ଏହି ଜନ ଆନ୍ଦୋଳନର ଜଣେ ଦୃଢ଼ ସମର୍ଥକ ଥିଲେ। ଅକ୍ଟୋବର ଆରମ୍ଭରେ ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକୀ ଅବସରରେ ତାଙ୍କ ହୃଦୟସ୍ପର୍ଶୀ ଭିଡିଓ ବାର୍ତ୍ତା ମୋର ଆଜି ବି ମନେଅଛି। ଏଥିରେ ଶେଷଥର ପାଇଁ ସେ ସର୍ବସମ୍ମୁଖକୁ ଆସିଥିଲେ।

ଆଉ ଏକ ମହତ୍ କାର୍ଯ୍ୟ ତାଙ୍କ ହୃଦୟର ନିକଟତର ଥିଲା, ତାହା ହେଉଛି ସ୍ୱାସ୍ଥ୍ୟସେବା। ବିଶେଷକରି କର୍କଟବିରୋଧୀ ସଂଗ୍ରାମରେ ଯୋଗଦାନ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇରହିବେ। ମୋର ମନେଅଛି, ଦୁଇବର୍ଷ ପୂର୍ବେ ଆସାମରେ ହୋଇଥିବା କାର୍ଯ୍ୟକ୍ରମ, ଯେଉଁଠାରେ ଆମେ ମିଳିତ ଭାବେ ରାଜ୍ୟର ଏକାଧିକ କର୍କଟ ଚିକିତ୍ସାଳୟକୁ ଉଦ୍‌ଘାଟନ କରିଥିଲୁ। ସେହି ସମୟରେ ସେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ ଭାବେ କହିଥିଲେ, ସେ ତାଙ୍କର ଶେଷ ବର୍ଷଗୁଡ଼ିକୁ ସ୍ୱାସ୍ଥ୍ୟସେବା ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି। ସ୍ୱାସ୍ଥ୍ୟସେବା ଓ କର୍କଟ ଚିକିତ୍ସାକୁ ଶସ୍ତା ଓ ସୁଲଭ କରିବା ପାଇଁ ତାଙ୍କର ପ୍ରୟାସ ପଛରେ ମୂଳ ଉଦ୍ଦେଶ୍ୟ ଥିଲା- ରୋଗ ସହ ଲଢୁଥିବା ଲୋକଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରଦର୍ଶନ କରିବା। ସବୁଠାରୁ ଅସୁରକ୍ଷିତ ଲୋକଙ୍କ ସହ ଛିଡ଼ା ହୋଇଥିବା ସମାଜ ହିଁ ପ୍ରକୃତରେ ନ୍ୟାୟପୂର୍ଣ୍ଣ ସମାଜ ବୋଲି ସେ ବିଶ୍ୱାସ କରୁଥିଲେ।

ଆଜି ଆମେ ଯେତେବେଳେ ତାଙ୍କୁ ସ୍ମରଣ କରୁଛୁ, ତାଙ୍କ ପରିକଳ୍ପିତ ସମାଜ କଥା ଆମ ମନକୁ ଆସୁଛି, ଯେଉଁଠି ବ୍ୟବସାୟକୁ କଲ୍ୟାଣର ଶକ୍ତି ରୂପେ ବିନିଯୋଗ କରିହେବ, ପ୍ରତ୍ୟେକ ବ୍ୟକ୍ତିର ସମ୍ଭାବନାକୁ ଗୁରୁତ୍ୱ ମିଳୁଥିବ ଏବଂ ସମସ୍ତଙ୍କ କଲ୍ୟାଣ ଓ ଖୁସିର ମାପଦଣ୍ଡ ଆଧାରରେ ପ୍ରଗତିକୁ ମାପିବା ସମ୍ଭବ ହୋଇପାରିବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅଗଣିତ ଲୋକଙ୍କ ଜୀବନରେ ଏବଂ ତାଙ୍କ ଦ୍ୱାରା ପ୍ରୋତ୍ସାହିତ ଅନେକ ସ୍ୱପ୍ନରେ ସେ ସବୁବେଳେ ଜୀବନ୍ତ ରହିବେ। ଭାରତକୁ ଅଧିକ ଉନ୍ନତ, ଦୟାପୂର୍ଣ୍ଣ ଏବଂ ଆଶାବାଦୀ ସ୍ଥାନରେ ପରିଣତ କରିଥିବାରୁ ଅନେକ ପିଢ଼ି ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।

# ପଦ ମର୍ଯ୍ୟାଦା



ଯଦୁମଣି ପାଣିଗ୍ରାହୀ

ଆଜିର ସମୟରେ ବିଭିନ୍ନ ପଦପଦବୀରେ ଆସୀନ ବ୍ୟକ୍ତିବିଶେଷ ସେହି ପଦର ମର୍ଯ୍ୟାଦା ରକ୍ଷା କରିବା ପ୍ରତି ଆଦୌ ସଚେତନ କିମ୍ବା ଯତ୍ନବାନ୍ ହେଉ ନ ଥିବା ଦେଖିବାକୁ ମିଳୁଛି। ଯାହାଫଳରେ ସେମାନେ ସାଧାରଣରେ ସମ୍ମାନ ହରାଇବା ସହିତ ସେମାନଙ୍କର ଅଜ୍ଞତା ଓ ଅପରିପକ୍ୱତାର ପରିଚୟ ଦେଉଛନ୍ତି। ପଦପଦବୀର ମର୍ଯ୍ୟାଦା ରକ୍ଷା କରିବାକୁ ହେଲେ ପ୍ରଥମେ ବ୍ୟକ୍ତି ଯେଉଁ ପଦବୀରେ ନିୟୋଜିତ ଅଛନ୍ତି, ସେଥିପ୍ରତି ସଚେତନ ଓ ସମର୍ପିତ ହେବାକୁ ପଡ଼ିବ। ସେହି ଅନୁସାରେ ସେମାନଙ୍କ ଭିତରେ ସେତିକି ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠା ସଦାସର୍ବଦା ଜାଗ୍ରତ ହୋଇ ରହିବ। ଆଉ ସେଥିପାଇଁ ଆପଣାର ସ୍ୱଭାବ ଓ ଆଚରଣକୁ ସେତିକି ମାର୍ଜିତ, ଶୃଙ୍ଖଳିତ ଓ ରୁଚିସମ୍ପନ୍ନ କରିବାକୁ ପଡ଼ିବ। ପରିବାରର ମୁରବି କି ଗାଁର ମୁଖିଆ ପଦ ମୁଣ୍ଡାଇଥିବା ବ୍ୟକ୍ତି ଧୈର୍ଯ୍ୟବାନ୍, ସ୍ୱାଭିମାନୀ, ସହନଶୀଳ ତଥା ଆତ୍ମସଂଯମୀ ନ ହେଲେ ଆପଣାର ସମ୍ମାନ ଓ ଗୁରୁତ୍ୱ ହରାଇ ବସିଥାନ୍ତି। ତେଣୁ ସବୁ ବ୍ୟକ୍ତିଙ୍କ ଲାଗି ସବୁ ପଦ ପଦବୀ ଯୋଗ୍ୟ କି ଶୋଭନୀୟ ହୋଇ ନ ଥାଏ। ଭାଗ୍ୟ ବଳରେ ହେଉ ଅଥବା ଶିକ୍ଷାଦୀକ୍ଷା, ପରିଶ୍ରମ ଓ ଅଧ୍ୟବସାୟ ବଳରେ ହେଉ ଆଜିକାଲି ଯେଉଁମାନେ ସରକାରୀ ଚାକିରି ଖଣ୍ଡେ ପାଇଗଲେ, ସେମାନଙ୍କର ବ୍ୟବହାର, ଚାଲିଚଳନ ଓ କଥାବାର୍ତ୍ତା ସବୁକିଛି ବଦଳି ଯାଉଛି। ସେମାନେ ସେମାନଙ୍କର ପଦ ପଦବୀର ମର୍ଯ୍ୟାଦାକୁ ପାଦରେ ଦଳିମକଚି ନଷ୍ଟ କରି ଦେଇ ବିଭିନ୍ନ ଦୁର୍ନୀତି ଓ ବେନିୟମ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ପଦପଦବୀ ଓ କ୍ଷମତାର ଅପବ୍ୟବହାର କରି ଅର୍ଥ ଉପାର୍ଜନ କରୁଛନ୍ତି। ସେହିପରି ଯେଉଁମାନେ ଆଉ ଟିକେ ଅଧିକ ଉଚ୍ଚ ପଦପଦବୀରେ ଆସୀନ ହେଉଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ମଣିଷଙ୍କୁ ଆଉ ମଣିଷ ବୋଲି ବିବେଚନା କରୁ ନାହାନ୍ତି। ବିଡ଼ମ୍ବନା ହେଉଛି, ସାଧାରଣ ଲୋକଙ୍କ ସେବାରେ ଏମାନେ ନିୟୋଜିତ ଅଛନ୍ତି ଏବଂ ସେମାନଙ୍କ କର, ଖଜଣା ଅର୍ଥରେ ବେତନ ପାଉଛନ୍ତି। ଅଥଚ ଲୋକଙ୍କୁ ସେବା ଯୋଗାଇ ଦେବା ନାଁରେ ଏମାନେ ଶୋଷଣ, ପକ୍ଷପାତିତା ଓ ପ୍ରିୟାପ୍ରୀତିତୋଷଣ ନୀତିକୁ ଆପଣାଇ ଏମାନଙ୍କ ପଦପଦବୀର ମର୍ଯ୍ୟାଦା ହାନି ହେବା ଭଳି କାର୍ଯ୍ୟ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଏମାନଙ୍କୁ ଜେଲ, ଜରିମାନା ଦଣ୍ଡ ଭୋଗିବାକୁ ପଡୁଛି। ସାଧାରଣ ଶିକ୍ଷକଟିଏ ହୁଅନ୍ତୁ କି ବିଡିଓ, ତହସିଲଦାର, ଇଞ୍ଜିନିୟର, ଡାକ୍ତର ଓ ପୋଲିସ ବାବୁ ଆଦି ହୁଅନ୍ତୁ ଅଥବା ଜିଲାପାଳ, ଏସ୍‌ପିଙ୍କଠାରୁ ପୁଣି ସଚିବ ଓ ନିର୍ଦ୍ଦେଶକଙ୍କ ଭଳି ପଦପଦସ୍ଥ ପ୍ରଶାସନିକ ଅଧିକାରୀ ହୁଅନ୍ତୁ ସେମାନଙ୍କର ଏକ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ରହିଛି। ସେମାନଙ୍କଠାରୁ ଏ ସମାଜ ଓ ସାଧାରଣ ଲୋକେ ଅନେକ କିଛି ଆଶା ରଖିଥାନ୍ତି। ଏମାନଙ୍କ ଯୋଗ୍ୟତା, ଦକ୍ଷତା ଉପରେ ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ରହିଥାଏ। ସେହିପରି ଏମାନଙ୍କ ସାଧୁତା, ସଚ୍ଚୋଟତା ଓ କର୍ତ୍ତବ୍ୟ ପରାୟଣତା ଉପରେ ଲୋକଙ୍କର ଭରସା ରହିଥାଏ। ଏପରିସ୍ଥଳେ ଏମାନେ ଯଦି ଏମାନଙ୍କର ପଦବୀର ମର୍ଯ୍ୟାଦାକୁ ଜଳାଞ୍ଜଳି ଦେଇ ଅସତ୍ ଓ ଅନ୍ୟାୟ ପଥରେ ପଥିକ ହୁଅନ୍ତି, ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସମସ୍ୟା ପ୍ରତି ଧ୍ୟାନ ନ ଦେଇ ସେମାନଙ୍କୁ ଶୋଷଣ କରିବାର ମସୁଧା କରନ୍ତି, ତେବେ ଏଥିଲାଗି ସେମାନଙ୍କୁ ସାମାଜିକ ସ୍ତରରେ କେବଳ ନିନ୍ଦା ଓ ଅପବାଦ ମୁଣ୍ଡାଇବାକୁ



ପଡ଼ିଥାଏ। ସାଧାରଣ ଲୋକେ ଏମାନଙ୍କ ଯୋଗ୍ୟତା ଓ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇବାକୁ ପଛାନ୍ତି ନାହିଁ।

ବର୍ତ୍ତମାନ ସମୟରେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଆଚରଣ ଓ କାର୍ଯ୍ୟକଳାପକୁ ନେଇ ସାଧାରଣରେ ବେଶ ଚର୍ଚ୍ଚା ଆଲୋଚନା ହେଉଛି। ସାଧାରଣ ଭୋଟରଙ୍କ ଆଶୀର୍ବାଦରେ ଏମାନେ ପଦପଦବୀର ଅଧିକାରୀ ହେବା ପରେ ଲୋକଙ୍କ ସ୍ୱାର୍ଥ ଓ ସମସ୍ୟାକୁ ଭୁଲି କେବଳ ଆପଣାର ସ୍ୱାର୍ଥ ସାଧନରେ ଲାଗି ପଡୁଛନ୍ତି। ବିଭିନ୍ନ ସମୟରେ ଏମାନଙ୍କ ନାଁରେ ଭିନ୍ନ ଭିନ୍ନ ଅଭିଯୋଗ ଆସୁଛି। କେତେବେଳେ ଏମାନଙ୍କ ନାଁରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ନାରୀ ନିର୍ଯାତନାର ଅଭିଯୋଗ ହେଉଛି ତ କେତେବେଳେ ହତ୍ୟାକାଣ୍ଡରେ ଲିପ୍ତ ରହିବା ଭଳି ଅଭିଯୋଗ ଆଗତ ହେଉଛି। କେବେ ଏମାନେ ସିଧାସଳଖ ଭାବେ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଜଡ଼ିତ ରହୁଛନ୍ତି ତ ଆଉ କେବେ ଅପରାଧ ମାନ ଘଟାଇବାକୁ ସମର୍ଥକମାନଙ୍କୁ ପ୍ରରୋଚିତ କରୁଥିବାର ଅଭିଯୋଗ ହେଉଛି। ଆଜିକାଲି ବିଧାନସଭା ଓ ସଂସଦ ଅଧିବେଶନ ଚାଲିଥିବା ବେଳେ ବିଧାୟକ ଏବଂ ସାଂସଦଙ୍କ ଆଚରଣ ଓ କାର୍ଯ୍ୟକଳାପ ଦେଖିଲେ ସେମାନେ ସେହିସବୁ ପଦବୀ ନିମନ୍ତେ ସତରେ ଯୋଗ୍ୟ ନୁହେଁ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସର୍ବସାଧାରଣ ସ୍ଥାନରେ ଖରାପ ଭାଷା ବ୍ୟବହାର କରିବା, ଲୋକଙ୍କ ଉପରକୁ ହାତ ଉଠେଇ ସେମାନଙ୍କ ପଦ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛନ୍ତି। କୌଣସି ଗୋଟିଏ ପ୍ରସଙ୍ଗ ମିଳିଗଲା ପରେ ବିଭିନ୍ନ ରାଜନୈତିକ ଦଳରେ ସମ୍ମାନଜନକ ପଦପଦବୀରେ ଥିବା ନେତା ଓ ନିର୍ବାଚିତ ଜନପ୍ରତିନିଧିମାନେ ପରସ୍ପର ପ୍ରତି ଯେପରି ଆକ୍ଷେପ ଓ ପ୍ରତିଆକ୍ଷେପ କରୁଛନ୍ତି ଏବଂ ଏହାକୁ ବ୍ୟକ୍ତିଗତ ସ୍ତରକୁ ନେଇଯାଉଛନ୍ତି, ତାହା ପରିତାପର ବିଷୟ। ସାଧାରଣ ଲୋକେ ଏସବୁ ଶୁଣୁଛନ୍ତି, ଜାଣୁଛନ୍ତି ଓ ଭୁଲତ୍ରୁଟିର ତର୍ଜମା କରୁଛନ୍ତି ବୋଲି ଏମାନେ ବୁଝିପାରୁନାହାନ୍ତି। ବିଭିନ୍ନ ସମୟରେ ନେତା ଓ ଜନପ୍ରତିନିଧିମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ବିବୃତି ଦେବା ବେଳେ ଅଥବା ସଭାସମିତିରେ ଭାଷଣ ଦେବା ବେଳେ ଏମାନେ ଅନ୍ୟମାନଙ୍କର ମାନସମ୍ମାନ ହାନି ହେବା ଭଳି ତଥା ଅନ୍ୟମାନଙ୍କୁ କଷ୍ଟ ଦେବା ଭଳି ଏମିତି କିଛି କଥା କହୁଛନ୍ତି, ଯାହା ସେମାନଙ୍କ ପଦପଦବୀର ମର୍ଯ୍ୟାଦାକୁ ତଳେ ପକାଇଦେଉଛି। ଅନେକ ସମୟରେ ନେତା ଓ ଜନ ପ୍ରତିନିଧିମାନେ କୌଣସି ପ୍ରସଙ୍ଗ ସମ୍ପର୍କରେ ଭଲ ଭାବେ ଅବଗତ ନ ହୋଇ ଓ ଏହାର ସତ୍ୟାସତ୍ୟକୁ ହୃଦୟଙ୍ଗମ ନ କରି ଅତି ହାଲୁକା ବୟାନବାଜି କରିବା ଦ୍ୱାରା ପ୍ରସଙ୍ଗଟି ଅଧିକ ବିବାଦୀୟ ହୋଇପଡୁଛି। କେବଳ ସେତିକି ନୁହେଁ, ଜନ ପ୍ରତିନିଧିମାନେ ଜାଣିଶୁଣି ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ମତମନ୍ତବ୍ୟ ଦେଇ ଲୋକଙ୍କ ଭିତରେ ଉତ୍ତେଜନା ସୃଷ୍ଟି କରିବା ସହ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ନଷ୍ଟ କରିଥା'ନ୍ତି। ଏଭଳି ଘଟଣାରେ କେତେକ ପରବର୍ତ୍ତୀ ସମୟରେ ସାଧାରଣରେ କ୍ଷମାପ୍ରାର୍ଥନା କରି ନିଜ ମନ୍ତବ୍ୟକୁ ପ୍ରତ୍ୟାହାର କରି ନେଉଥିବା ବେଳେ ଆଉ କେତେକଙ୍କ ଜିଦ୍‌ଖୋର ମନୋଭାବ ଘଟଣାକୁ କୋର୍ଟ କଚେରିଯାଏ ଟାଣି ନେଉଛି। ଇଏତ ଗଲା ନେତା ଓ ଜନ ପ୍ରତିନିଧିଙ୍କ କଥା। ବିଭିନ୍ନ ସାମ୍ବିଧାନିକ ପଦପଦବୀରେ ଥିବା ବ୍ୟକ୍ତିବିଶେଷ ସେମାନଙ୍କ ପଦପଦବୀର ମର୍ଯ୍ୟାଦା ସମ୍ପର୍କରେ ସଚେତନ ନ ହୋଇ ବିଭିନ୍ନ ସମୟରେ ବିବାଦୀୟ ତଥା ଉତ୍ତେଜନା ସୃଷ୍ଟି କଲାଭଳି ମତ, ମନ୍ତବ୍ୟ ମାନ ଦେଉଛନ୍ତି; ଯାହା ସେମାନଙ୍କୁ ସାଧାରଣରେ ନିନ୍ଦିତ ଓ ଅପମାନିତ କରୁଛି। ତେଣୁ ଯିଏ ଯେଉଁ ପଦପଦବୀରେ ଥାଆନ୍ତୁ ନା କାହିଁକି, ଏହାର ମର୍ଯ୍ୟାଦା ରକ୍ଷା ପ୍ରତି ସଚେତନ ରହିବା ଜରୁରୀ।

**ଶଂଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ: ୯୯୩୭୫୬୫୫୨୭**

### ଏଇ ଭାରତରେ

ପୂର୍ବ ହିମାଳୟର ଅରୁଣାଚଳ ପ୍ରଦେଶର ସାଙ୍ଗ୍‌ଟି ଗାଁକୁ ଏବେ ପ୍ରଦୂଷଣମୁକ୍ତ କରିପାରିଛନ୍ତି ଇତିଶା ସାରା। ସାଙ୍ଗଟି ନଦୀକୂଳରେ ଥିବାରୁ ଏହି ଗାଁର ନାମ ବି ସାଙ୍ଗ୍‌ଟି। ଏଠାରେ ମୋନପା ବର୍ଗର ଲୋକେ ରହନ୍ତି। ଇତିଶା 'ନର୍ଥଇଷ୍ଟ ୱେଷ୍ଟ କଲେକ୍‌ଟିଭ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ବର୍ଜ୍ୟ ପରିଚାଳନା କରୁଛନ୍ତି। ପଶ୍ଚିମ କାମେଙ୍ଗ ଜିଲାର ସାଙ୍ଗଟି ଗାଁରେ ବେକରେ କଳାରଙ୍ଗ ଥିବା ବଗ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଲୋପ ପାଇଯାଉଥିଲା। କିନ୍ତୁ ସାଙ୍ଗଟିକୁ ବର୍ଜ୍ୟଶୂନ୍ୟ କରିବା ପରେ ଏହି ପ୍ରଜାତିର ବଗମାନଙ୍କ ବଂଶ ରକ୍ଷା ହୋଇପାରିଛି। ଇତିଶାଙ୍କ ଘର ଅସାମର ଗୁଆହାଟିରେ। ସେ ଅର୍ଥନୀତିରେ ଡିଗ୍ରୀ ହାସଲ କରିବା ସହ ସୋସିଆଲ ଡିଜାଇନ କୋର୍ସରେ ଶେଷ କରିଛନ୍ତି। ୨୦୧୮ରୁ ସାଙ୍ଗଟି ଗାଁରେ ରହି ସେ ଲୋକଙ୍କ ସହାୟତାରେ ବର୍ଜ୍ୟ ସଫେଇ କରିଆସୁଛନ୍ତି। ବୌଦ୍ଧ ଧର୍ମର କ୍ୟାଲେଣ୍ଡର ଅନୁଯାୟୀ ମୋନପାମାନେ ମାସକୁ ୪ଦିନ କିଛି କାମ କରନ୍ତି ନାହିଁ। ଏହାକୁ ସେମାନେ କର୍ମମୟ ଜୀବନରେ ଛୁଟି ବୋଲି ବିଚାର କରିଥାନ୍ତି। ଏପରି କି ସେମାନେ ଚାଷ ବି କରି ନ ଥାନ୍ତି। ଏହି ୪ ଦିନ ମଧ୍ୟରୁ ତିନିଦିନ ସେମାନେ ବର୍ଜ୍ୟ ପରିଚାଳନା ପାଇଁ ଦେଉଛନ୍ତି। ଏହା ବ୍ୟତୀତ ଜଣେ ମହିଳା ଓ ୪ ଜଣ ପୁରୁଷଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସେମାନେ ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି।

### ୫୦ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୭୫

- ଗୋଦାବରୀ ନଦୀ ଜଳ ବଣ୍ଟନ ସଂକ୍ରାନ୍ତରେ ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ବିଚାରପତି ମାମୁଦ୍ ହୁସେନ ବାଂଲାଦେଶ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ରୂପେ ଶପଥ ଗ୍ରହଣ କରିଛନ୍ତି।
- ଆଙ୍ଗୋଲାର ତିନି ପ୍ରତିଦ୍ୱନ୍ଦ୍ୱୀ ମୁକ୍ତି ସଙ୍ଗଠନର ନେତୃବର୍ଗ ଦେଶର ଏକ ଐକ୍ୟବଦ୍ଧ ବା ମିଳିତ ସରକାର ଗଠନ କରିବା ନିମନ୍ତେ ସମ୍ପ୍ରତି ନୀତିଗତ ଭାବେ ଏକମତ ହୋଇଛନ୍ତି।

### ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଲେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | 9 | | |
| | | | | | 1 | | | 5 |
| 2 | | | | 9 | | 4 | | |
| | | 9 | | | | | 4 | |
| | | | | | | | 2 | |
| | 1 | | 4 | | 5 | | | 7 |
| | | 5 | 7 | | | | | |
| | 9 | 2 | 1 | 8 | | | | 3 |
| | | 6 | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 2 | 9 | 1 | 8 | 7 | 3 |
| 1 | 2 | 7 | 4 | 3 | 8 | 9 | 5 | 6 |
| 3 | 9 | 8 | 5 | 7 | 6 | 1 | 4 | 2 |
| 5 | 7 | 6 | 8 | 4 | 9 | 2 | 3 | 1 |
| 8 | 1 | 3 | 7 | 6 | 2 | 4 | 9 | 5 |
| 9 | 4 | 2 | 1 | 5 | 3 | 6 | 8 | 7 |
| 2 | 6 | 9 | 3 | 8 | 5 | 7 | 1 | 4 |
| 4 | 8 | 5 | 6 | 1 | 7 | 3 | 2 | 9 |
| 7 | 3 | 1 | 9 | 2 | 4 | 5 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଳାବଜାର ପ୍ରତି ଦୃଷ୍ଟି ରହୁ

ମହାଶୟ,

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟ ବୃଦ୍ଧି କରା ନ ଯାଉ। ଯେପରି ପନିପରିବା, ଖାଦ୍ୟ, ଡାଲି, ଚୂଡ଼ା, ଗୁଡ, ସୁଜି, ମଇଦା, ବେସନ, ତେଲ ତଥା ତେଲରୁ ପ୍ରସ୍ତୁତ ଖାଦ୍ୟ ଇତ୍ୟାଦି। ସେହିପରି ଯଥେଷ୍ଟ ଜିନିଷ ଥଲେ ମଧ୍ୟ ଅଭାବ ଦର୍ଶାଇଥାନ୍ତି। ଅସାଧୁବ୍ୟବସାୟୀମାନଙ୍କ ଅଧିକ ଲାଭଖୋର ମନୋବୃତ୍ତି ନ ହେଉ। ଖାଉଟୀମାନଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦିଆଯାଉ। ଯୋଗାଣ ବିଭାଗ ବାତ୍ୟା ଓ ବର୍ଷା ଯୋଗୁ ଗାଡ଼ି ନ ଆସିବାର କାରଣ ଦେଖାଇଥାନ୍ତି। ଲୋକଙ୍କୁ ଠକିବାର ଅପଚେଷ୍ଟା କରା ନ ଯାଉ। ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**-ରମେଶ ଚନ୍ଦ୍ର ବେହେରା, ରାୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମବାୟ ବ୍ୟାଙ୍କ ପକ୍ଷରୁ ବୀମା ରାଶି ପ୍ରଦାନ

**କୁତ୍ରା,୮।୧୧(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ରାଜଗାଙ୍ଗପୁର ଶାଖା ପକ୍ଷରୁ ପଞ୍ଚରା ଲ୍ୟାମ୍ପ ଅଧୀନ କୁସୁମଡେଗି ଓ ରଙ୍ଗାମାଟି ଗ୍ରାମର ୨ ଜଣ ହିତାଧିକାରୀଙ୍କ ପରିବାର ସଦସ୍ୟଙ୍କୁ ବୀମା ରାଶି ପ୍ରଦାନ କରାଯାଇଛି। ପଞ୍ଚରା ଲ୍ୟାମ୍ପରେ କୁସୁମଡେଗି ଗ୍ରାମର ସନ୍ଦୀପ ଖେସ ଓ ରଙ୍ଗା ମାଟି ଗ୍ରାମର ସଞ୍ଜୟ ପୂର୍ତ୍ତି ନାମକ ୨ ଜଣ ବ୍ୟକ୍ତି କିଶାନ କ୍ରେଡିଟ ଋଣ କରିବା ସହ ଜନତା ଆକ୍ସିଡେଣ୍ଟ ଯୋଜନାରେ ୬୯ ଟଙ୍କା ଦେଇ ବୀମା ପଲିସି କରିଥିଲେ। ତେବେ ବିଗତ ଦିନରେ ଦୁର୍ଘଟଣାରେ ଉଭୟ ପ୍ରାଣ ହରାଇଥିଲେ। ବୀମା କମ୍ପାନୀ ଓ ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ସ୍ୱର୍ଗତ ସଞ୍ଜୟ ପୂର୍ତ୍ତିଙ୍କ ମା' ଫୁଲ୍ମାନି ପୂର୍ତ୍ତି ଓ ସନ୍ଦୀପ ଖେଶଙ୍କ ସ୍ତ୍ରୀ କିରଣ କୁଜୁରଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଚେକ ବୀମା ରାଶି ବାବଦରେ ପ୍ରଦାନ କରାଯାଇଛି। ପଞ୍ଚରା ଲ୍ୟାମ୍ପ ପରିସରରେ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜଗାଙ୍ଗପୁର ଶାଖା ପରିଚାଳକ ମନୋଜ ସାହୁ, ଲ୍ୟାମ୍ପ ସଭାପତି ରୋସନ ବାର୍ଲା, ଉପସଭାପତି ସବିତା କୁଜୁର, ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ନାଗ ଓ ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟମାନଙ୍କ ଗହଣରେ ଏହି ବୀମା ରାଶି ପ୍ରଦାନ କରାଯାଇଥିଲା।

# ଦାଣ୍ଡଜମରାକୁ ମରୁଡ଼ି ଘୋଷଣା ଦାବିକଲେ ଗ୍ରାମବାସୀ

**ବଡ଼ଗାଁ, ୮।୧୧(ଅଶୋକ ଷଡ଼ଙ୍ଗୀ)**


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସରପଞ୍ଚ ଓ ଗ୍ରାମବାସୀ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଚଳିତବର୍ଷ ସ୍ୱାଭାବିକଠାରୁ ୬୦ ପ୍ରତିଶତ କମ ବର୍ଷା ହେବାରୁ ବିଶେଷକରି ମାଳ ଏବଂ ବେର୍ଣ୍ଣା କିସମ ଜମିର ଖରିଫ ଧାନଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାକୁ ନେଇ ବ୍ଲକ ଅଞ୍ଚଳର ଜନ ପ୍ରତିନିଧିମାନେ ଜିଲାପାଳଙ୍କ ସହିତ ଆଲୋଚନା କରି ମରୁଡି ଘୋଷଣା କରିବାକୁ ଦାବିପତ୍ର ଦେଇଥିଲେ। ଶୁକ୍ରବାର ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା, ସମିତି ସଭ୍ୟା ପ୍ରଭା ଡୁଙ୍ଗଡୁଙ୍ଗଙ୍କ ସହିତ ଯଚିନ୍ଦ୍ର ପୃଷେଟ, ସଞ୍ଜିତ ମଗର, କୌସିକ ଭିତ୍ରୀୟା, ସୁଶାନ୍ତ ପୃଷେଟ, ପର୍ଶୁରାମ ବେହେରା, ଲାଲୁ ଧରେଇ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେବା ସହିତ ବଡ଼ଗାଁ ବିଡିଓ ସୁମତି ପଣ୍ଡା ଓ ତହସିଲଦାର ଝରଣା ପ୍ରଧାନଙ୍କୁ ମରୁଡ଼ି ଘୋଷଣା ପାଇଁ ଦାବିପତ୍ର ଦେଇଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଚଳିତବର୍ଷ ଆମ ପଞ୍ଚାୟତ ଅଞ୍ଚଳରେ ସ୍ୱାଭାବିକଠାରୁ ବହୁତ କମ୍ ବର୍ଷା ହେବାରୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀଭାଇମାନେ ପ୍ରଥମେ ତଳି ପକାଇ ବର୍ଷାକୁ ଅପେକ୍ଷା କରି ରହିଥିଲେ। ବର୍ଷା ନ ହେବାରୁ ତଳି ସବୁ ନଷ୍ଟ ହୋଇଯାଇଥିଲା। ପରେ କିଛି ପରିମାଣର ବର୍ଷା ହେବାରୁ ବିହନ ଯୋଗାଡ଼ କରି ତଳି ପକାଇ ଚାଷ କରିଥିଲେ। ମାତ୍ର ବିଳମ୍ବରେ ହୋଇଥିବା ଚାଷରେ ରୋଗପୋକ ଲାଗି ଫସଲକୁ ବହୁ ପରିମାଣରେ ନଷ୍ଟ କରିଦେଇଥିଲେ। ସେଥିରୁ ଫସଲକୁ ବଞ୍ଚାଇ ମୁଠାଏ ଅମଳ ହେବା ଆଶାରେ ରହିଥିଲାବେଳେ ଶେଷ ପର୍ଯ୍ୟାୟରେ ବର୍ଷା ଅଭାବରୁ ଅଧିକାଂଶ ଫସଲ ଉଜୁଡ଼ି ଯାଇଛି। ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ପଞ୍ଚାୟତ ଅଞ୍ଚଳର ସର୍ବାଧିକ ପରିବାର ମୁଖ୍ୟତଃ ଧାନଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଧାନ ଫସଲ ଅମଳ ପରେ ବଳକା ଧାନକୁ ବିକ୍ରିକରି ଗୁଜୁରାଣ ମେଣ୍ଟାଇଥାନ୍ତି। ତେଣୁ ସରକାର ଚାଷୀଙ୍କ ଏଭଳି ପରିସ୍ଥିତିକୁ ଦୃଷ୍ଟିଦେଇ ଫସଲ କ୍ଷତି ପୂରଣ ଓ ମରୁଡ଼ି ସହାୟତା ସହିତ ଫସଲ ବୀମା ଯୋଗାଇଦେବାକୁ ପଞ୍ଚାୟତ ଅଞ୍ଚଳର ଅଧିବାସୀମାନେ ଦାବି କରିଛନ୍ତି।

# ବିଜ୍ଞାନ ମେଳାରେ ୧୦୦ ପ୍ରକଳ୍ପ ସ୍ଥାନିତ


କୁଆଁରମୁଣ୍ଡା ଡନବସ୍କୋ ସ୍କୁଲରେ ଅନୁଷ୍ଠିତ ବିଜ୍ଞାନ ମେଳା।

**କୁଆଁରମୁଣ୍ଡା,୮।୧୧(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ଡନବସ୍କୋ ସ୍କୁଲରେ ଶୁକ୍ରବାର ବିଜ୍ଞାନ, କଳା ଓ ହସ୍ତଶିଳ୍ପ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ବ୍ଲକ ସହକାରୀ ଶିକ୍ଷାଧିକାରୀ ଡୋରୋଥିଆ ଟପ୍ପୋ ଓ ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ଶୈଳେଶ ତିୱାରୀ ଯୋଗଦେଇ ଉଦ୍ଘାଟନ କରିଥିଲେ। ଉଦ୍ଘାଟନ ପୂର୍ବରୁ ସ୍କୁଲର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଉପସ୍ଥିତ ଅଭିଭାବିକା ଓ ଅଭିଭାବକମାନଙ୍କ ମନକୁ ମୁଗ୍ଧ କରିଥିଲେ। ଏହା ପରେ ମୁଖ୍ୟ ଅତିଥି ସହକାରୀ ଶିକ୍ଷା ଅଧିକାରୀ ଟପ୍ପୋ ଓ ସମ୍ମାନିତ ଅତିଥି ସାମାଜିକ କର୍ମୀ ତିୱାରୀ ଆନୁଷ୍ଠାନିକଭାବେ ବିଜ୍ଞାନ ମେଳା କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏଥିରେ ୧୦୦ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଉକ୍ତ ପ୍ରକଳ୍ପଗୁଡ଼ିକୁ ଛାତ୍ରଛାତ୍ରୀମାନେ ବୁଝାଇ ଥିଲେ। ଏହା ପରେ ବିଚାରକ ମଣ୍ଡଳୀ ବିଭିନ୍ନ ଷ୍ଟଲ ପରିଦର୍ଶନ କରି ସେଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଏହି କାର୍ଯ୍ୟକ୍ରମଟି ସ୍କୁଲର ଅଧ୍ୟକ୍ଷ ଫାଦର ସମୀର ତିର୍କୀ, ଭାଇସପ୍ରିନ୍ସିପାଲ ଟପ୍ପୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବେଳେ ଅନ୍ୟ ସହଯୋଗୀ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ଲହୁଣୀପଡାରେ ପଞ୍ଚାୟତ ସମିତି ବୈଠକ

**ଲହୁଣୀପଡା,୮।୧୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ସଭାକକ୍ଷଠାରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶୁକମତୀ ମୁଣ୍ଡା ବିଳମ୍ବରେ ପହଞ୍ଚିଥିବାରୁ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଲହୁଣୀପଡା ବ୍ଲକ(କ) ଜୋନ ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର,ଏମପି ପ୍ରତିନିଧି ନମିତା ମାହାନ୍ତ,ବିଧାୟକ ପ୍ରତିନିଧି ଲାଲ ବାହାଦୁର ମାହାନ୍ତ, ବିଡିଓ ଅନୁରାଗ ମିଶ୍ର, ସହକାରୀ ଯନ୍ତ୍ରୀ ଜାଉରୁ ଏକ୍କା ମଞ୍ଚାସୀନ ଥିବା ବେଳେ ଭାରପ୍ରାପ୍ତ ପଞ୍ଚାୟତ ଅଧିକାରୀ ଭାଗବତ ଗୁଡୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମିତି ବୈଠକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ୮ ମାସ ପରେ ସମିତି ବୈଠକ ଅନୁଷ୍ଠିତ ହେଉଥିବାରୁ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ବିଡିଓ ସଠିକ ଉତ୍ତର ଦେଇ ନ ପାରିବାରୁ ହୋ ହାଲ୍ଲା ହୋଇଥିଲା। କିଛି ସମିତି ସଭ୍ୟାସଭ୍ୟମାନେ ବୈଠକ ବର୍ଜନ କରି ବାହାରକୁ ପଳାଇ ଯାଇଥିଲେ। କିନ୍ତୁ ସରପଞ୍ଚ ଓ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିବାରୁ ବିଡ଼ିଓ କୋରମ ଦର୍ଶାଇ ବୈଠକ କରାଇଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ,ଉଦ୍ୟାନ, କୃଷି, ନୂଆ ରାସନ କାର୍ଡ଼ ଓ ରାସନ କାର୍ଡ଼ ନୂତନ ସଦସ୍ୟ ସଂଯୋଗ କରିବା, ଗାଁ କଲ୍ୟାଣ ପାଣ୍ଠି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନିଜସ୍ୱ ଯୋଜନା ସମ୍ପର୍କରେ ତଥ୍ୟ ରଖିଥିବା ଜଣାପଡ଼ିଛି। ଏହି ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିବା ଜଣାପଡିଛି।

# ବେଦାନ୍ତ ଆଇଓଓର ନୂତନ ପ୍ରକଳ୍ପ ଉଦ୍‌ଘାଟିତ




**ଭୁବନେଶ୍ୱର,୮।୧୧(ଅଭୟ ଦାଶ)**

ବେଦାନ୍ତ ଆଇରନ ଓର୍ ଓଡ଼ିଶା ବା ବେଦାନ୍ତ ଆଇଓଓର ନୂତନ ପ୍ରକଳ୍ପ ନିକଟରେ ସୁନ୍ଦରଗଡର କୋଇଡା ଅଞ୍ଚଳରେ ଉଦଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ପ୍ରୋଜେକ୍ଟ ଜୀବିକା ଅନ୍ତର୍ଗତ ଦୁଇଟି ନୂତନ ପ୍ରକଳ୍ପ ଆରମ୍ଭ ହୋଇଛି, ନାଡିଡିହି ଗାଁରେ ବେଦାନ୍ତ ଟେଲରିଂ ଆଣ୍ଡ ଟ୍ରେନିଂ ସେଣ୍ଟର ଏବଂ ରେଙ୍ଗାଲବେଡାର ଇନ୍ଦିରା କଲୋନୀଠାରେ ସ୍ଲିପର ମେକିଂ ୟୁନିଟର ଶୁଭାରମ୍ଭ କରାଯାଇଛି। ସେହିଭଳି ସ୍ଥାୟୀ ଜୀବିକା ମାଧ୍ୟମରେ ଗ୍ରାମୀଣ ମହିଳାଙ୍କୁ ସଶକ୍ତିକରଣ କରିବାର ପ୍ରତିବଦ୍ଧତାର ଏକ ଅଂଶ ଭାବେ ଏହି ପଦକ୍ଷେପଗୁଡିକ ସ୍ଥାନୀୟ ମହିଳାମାନଙ୍କ ମଧ୍ୟରେ ଦକ୍ଷତା, ଉଦ୍ୟୋଗ ପ୍ରତିଷ୍ଠା ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏଥିରେ ବର୍ତ୍ତମାନ ୨୦ ଜଣ ମହିଳା ନାମ ଲେଖାଇଛନ୍ତି ଏବଂ ଉକ୍ତ କାର୍ଯ୍ୟକ୍ରମଗୁଡିକରୁ ଉପକୃତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ କୋଇଡା ସିଡିପିଓ ଅନୀତା ସାହୁ, ବେଦାନ୍ତ ଲୁହାପଥର ଓଡିଶାର ହେଡ ସିଏସଆର ଆଣ୍ଡ ଇଆର ସମ୍ବିତ ନାୟକଙ୍କ ସମେତ ନାଡିଡିହି ଏବଂ ରେଙ୍ଗାଲବେଡାର ୱାର୍ଡ ମେମ୍ବର ଏବଂ ସ୍ଥାନୀୟ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ। ବେଦାନ୍ତ ଆଇରନ ଓର୍ ଓଡିଶାର ସିଓଓ ବିଶ୍ୱନାଥ ସାହ କହିଥିଲେ,ପ୍ରୋଜେକ୍ଟ ଜୀବିକା ତୃଣମୂଳସ୍ତରରେ ସ୍ଥାୟୀ ଜୀବିକା ସୃଷ୍ଟି କରିଛି। ଏପରିକି ଟେଲରିଂ ଏବଂ ସ୍ଲିପର ମେକିଂ ୟୁନିଟ ଏହି ମିଶନରେ ପ୍ରମୁଖ ପଦକ୍ଷେପ ହୋଇଥିଲାବେଳେ ଏହା ମହିଳାମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରିଥାଏ।

# ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ବ୍ରତଧାରୀଙ୍କ ପୂଜା ସମ୍ପନ୍ନ

**ବନ୍ଧମୁଣ୍ଡା, ୮।୧୧(ସୁବ୍ରତ ଦେ)**

ଆସ୍ଥା ଓ ବିଶ୍ୱାସର ପର୍ବ ଛଟ ପୂଜା ବନ୍ଧମୁଣ୍ଡା ଏବଂ ବିଶ୍ରାଠାରେ ସମ୍ପନ୍ନ ହୋଇଯାଇଛି। ବିଶେଷ କରି ବିହାରୀମୂଳର ଲୋକମାନେ ବିହାର ତଥା ଉତ୍ତରପ୍ରଦେଶ ଅଞ୍ଚଳର ଲୋକମାନେ ଏହି ପର୍ବକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ କରିଛନ୍ତି। ୪ଦିନ ଧରି ପାଳିତ ହେଉଥିବା ଏହି ପର୍ବ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଥୀରୁ ଆରମ୍ଭ ହୋଇ ସପ୍ତମୀ ପର୍ଯ୍ୟନ୍ତ ଚାଲିଥାଏ। ଶୁକ୍ରବାର ସକାଳୁ ଘନ କୁହୁଡ଼ି ସତ୍ତ୍ୱେ ବ୍ରତଧାରୀମାନେ ନିଜ ପରିବାର ସହ ନଦୀ ତଥା ପୋଖରୀ କୂଳରେ ପ୍ରଭାତର ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ପୂଜାର୍ଚ୍ଚନା କରିଛନ୍ତି। ପୂଜା ପାଇଁ ଜରାଇକେଲା ଏବଂ ତେତେରକେଲାସ୍ଥିତ କୋଏଲ ନଦୀ ଘାଟ, ବନ୍ଧମୁଣ୍ଡା ନେପାଳୀ ବସ୍ତି ପୋଖରୀ, ତିଳକାନଗର ପୋଖରୀ, ଉତ୍ତମବସ୍ତି ପୋଖରୀ, କୋଇଲା ଗେଟ ପୋଖରୀ ଆଦି ସ୍ଥାନରେ ଛଟ ପର୍ବ ପାଳନ କରାଯାଇଛି। ପୂଜା ଶେଷ ହେଲା ପରେ ଛଟ ଘାଟରେ ବ୍ରତଧାରୀମାନେ ଲୋକଙ୍କ ମଧ୍ୟରେ ପ୍ରସାଦ ବଣ୍ଟନ କରିଥିଲେ। ଏହି ଅବସରରେ ବିଶ୍ରା ଏବଂ ବନ୍ଧମୁଣ୍ଡା ପୋଲିସ ତରଫରୁ କଡ଼ା ସୁରକ୍ଷା ସହିତ ମୁଖ୍ୟ ରାସ୍ତାରେ ଯାତାୟାତ ବ୍ୟବସ୍ଥା ଉପରେ କଡ଼ା ନଜର ରଖାଯାଇଥିଲା।


ବ୍ରତଧାରୀ ଅର୍ଘ୍ୟ ଅର୍ପଣ କରୁଛନ୍ତି।

# ୧୫ତମ ଗଣୁଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଟେନ୍‌ସା,୮।୧୧(ସମୀର କୁମାର ପାଢ଼ୀ)**



ପ୍ରତିଯୋଗିତାରେ ଭାଗନେଇଥିବା ଖେଳାଳିଙ୍କ ସହ ଅତିଥି।

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ ଗଣୁଆ ସ୍ପୋର୍ଟିଂ କ୍ଲବ ପକ୍ଷରୁ ସର୍ବ ଭାରତୀୟ ୧୫ତମ ଫୁଟବଲ ଟୁର୍ନାମେଣ୍ଟ ଗଣୁଆ ମିନି ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁରୁବାଲି ପାତ୍ର,ବଲଦା ସରପଞ୍ଚ ବରୁଣ ନାଏକ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟିତ କରିଥିଲେ। ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୩୨ଟି ଟିମ ଭାଗ ନେଇଛନ୍ତି । ଉଦ୍‌ଘାଟନୀ ମ୍ୟାଚ ଗଣୁଆ ସ୍ପୋର୍ଟିଂ କ୍ଲବ ଓ ଭଞ୍ଜପାଲି ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ପେନାଲ୍‌ଟି ସଟ୍ ଭାବେ ଗଣୁଆ ସ୍ପୋର୍ଟିଂ କ୍ଲବ ବିଜୟୀ ହୋଇଥିଲା। ଏହାର ଫାଇନାଲ ମୁକାବିଲା ଆସନ୍ତା ୧୦ ତାରିଖରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ବିଜେତା ଦଳକୁ ୧,୭୦,୦୦୦ ନଗଦ ସହ ଟ୍ରଫି, ଉପ ବିଜେତା ଦଳକୁ ୧,୫୦,୦୦୦ ନଗଦ ସହ ଟ୍ରଫି, ସେମି ଫାଇନାଲ ଉଭୟ ଦଳକୁ ୫୦ ହଜାର ନଗଦ ପ୍ରଦାନ ସହ ଟ୍ରଫି ରହିଥିବା ବେଳେ ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ସ୍କୋରର, ଡିଫେଣ୍ଡର, ଗୋଲକିପରକୁ ୫ ହଜାର ନଗଦ ସହ ଟ୍ରଫି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସ୍ପୋର୍ଟିଂ କ୍ଲବ ଗଣୁଆ ପକ୍ଷରୁ ସଭାପତି ତପନ କୁମାର ପାତ୍ର, ଉପ ସଭାପତି ଦିବାକର ନାଏକ, ସମ୍ପାଦକ ରଞ୍ଜିତ ନାଏକ, କୋଷାଧ୍ୟକ୍ଷ ଗୌର ବାରିକ, ଟିକେଶ୍ୱର ପାତ୍ର, ଯୋଗେଶ୍ୱର ପାତ୍ର, ସମାଜସେବୀ ବାଦଲ ବାରିକ ପ୍ରମୁଖଙ୍କ ସହ କ୍ଲବର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଶେଷ ଫାଇନାଲ ଖେଳରେ ମୁଖ୍ୟ ଆକର୍ଷଣ ଭାବେ ଚଳଚ୍ଚିତ୍ର ଅଭିନେତା ସ୍ୱରାଜ ବାରିକ ଯୋଗଦେବେ ବୋଲି ଗଣୁଆ ସ୍ପୋର୍ଟିଂ କ୍ଲବ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଗଣୁଆ ଗ୍ରାମରେ ସାମାଜିକ କର୍ମୀ ବାଦଲ ବାରିକଙ୍କ ସହଯୋଗରେ ଗତ ୧୫ବର୍ଷ ତଳେ ଗଠିତ ହୋଇଥିଲା ସ୍ପୋର୍ଟିଂ କ୍ଲବ। ଗଣୁଆ ଗ୍ରାମରେ ସେହିଦିନଠାରୁ ପ୍ରଥମେ ବ୍ଲକ ସ୍ତରୀୟ, ପରେ ଜିଲା, ରାଜ୍ୟ ସ୍ତରୀୟ ଭାବେ ସୁନାମ ଅର୍ଜନ କରିଥିଲା ଏହି ଫୁଟବଲ ଟୁର୍ନାମେଣ୍ଟ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ରାଜଗାଙ୍ଗପୁର,୮।୧୧(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଶୁକ୍ରବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ବରିଷ୍ଠ ବିଜେଡି ନେତା ଅନିଲ ବରୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସହରର ବିଜୁପଟ୍ଟନାୟକ ଛକ ଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଏହି ପଦଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମଣ କରି କମ୍ୟୁନିଟି ସେଣ୍ଟରଠାରେ ପହଞ୍ଚିଥିଲା। ସେଠାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଦେବି ମିଶ୍ର, ମଙ୍ଗଳା କିଷାନ, ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ବ୍ଲକ ଅଧ୍ୟକ୍ଷା ସାବିନା ମିଞ୍ଜ, ଉପନଗରପାଳ ମହମ୍ମଦ ଇରଫାନ, ବିଭିନ୍ନ ଜିଲା ପରିଷଦ ସଦସ୍ୟା ପ୍ରମୁଖ ମଞ୍ଚାସୀନ ରହି ନିଜର ବକ୍ତବ୍ୟମାନ ରଖିଥିଲେ। ସଭାକାର୍ଯ୍ୟକୁ ବରିଷ୍ଠ ବିଜେଡି ନେତା ଅମରେଶ ପଣ୍ଡା ପରିଚାଳନା କରିଥିଲେ। ବସନ୍ତ ଟପ୍ପୋ, ପୂର୍ବତନ ପୌରଧକ୍ଷା ଶୁଶ୍ରିତା ପାଇକରାୟ, ଜିତୁଦାସ, ଶୁଭଦ୍ରା ଷଡଙ୍ଗୀ,ସଞ୍ଜୀବ ବେହୁରା, ପ୍ରିୟଦର୍ଶିନୀ ଭୋଇ ପ୍ରମୁଖଙ୍କ ସହ ବିଭିନ୍ନ କାଉନସିଲର, ସରପଞ୍ଚ ଓ ସମିତି ସଭ୍ୟା ତଥା ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ଥିଲେ।


## DISTRICT EDUCATION OFFICE, SUNDARGARH

Email: deosundergarh30@gmail.com/ Ph.No. 06622-291077

**CORRIGENDUM TO TENDER NO. 15848. DTD. 15.10.2024**

FOR SELECTION OF TRAVEL AGENCY FOR PROVIDING BUS SERVICES TO DIFFERENT OAVs & COLLEGES OF SUNDARGARH DISTRICT UNDER DIST. MINERAL FOUNDATION, SUNDARGARH.

| Page No. | Clause No. | Read as |
|---|---|---|
| Major Events). Sl.No. 5 | Last Date for submission of Bid: 13.11.2024 by 12.00 PM | Last Date for submission of Bid: 13.11.2024 by 12.00 PM (Noon) |
| Tech:2 Sl.No.9 | The Bidder must attach a turnover and net worth certificate duly signed by the Chartered Accountant for the last three financial years, i.e. F.Y. 2020-21, 2021-22, 2022-23. The minimum average annual turnover of the bidder should be at least INR 30 Crores and should have cumulative positive net worth at least INR 60 Crores for the last three (3) years (FY 2020-21, FY 2021-22, FY 2022-23). | The Bidder must attach a turnover and net worth certificate duly signed by the Chartered Accountant for the last three financial years, i.e. F.Y. 2020-21, 2021-22, 2022-23. The minimum average annual turnover of the bidder should be at least INR 30 Crores and should have average positive net worth at least INR 20 Crores for the last three (3) years (FY 2020-21, FY 2021-22, FY 2022-23). |
| | NA | The committee shall have the right to ask for supporting documents from participating Agencies in the bid. |

The other terms & Conditions of the RFP remain unchanged.

**Sd./- District Education Officer, Sundargarh**



ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
Department of School Education & Literacy
Ministry of Education, Government of India

ରାଷ୍ଟ୍ରୀୟ ଇ-ପୁସ୍ତକାଳୟ
Rashtriya e Pustakalaya

## ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନକାରୀ ବିଜ୍ଞପ୍ତି

**ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ସଚିବାଳୟ, ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ, ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପାଇଁ ଇ-ପୁସ୍ତକଗୁଡ଼ିକର ଚୟନ ଏବଂ ସଂଗ୍ରହଣ ଲାଗି ପ୍ରକାଶକମାନଙ୍କର ମନୋନୟନ ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛି ।** ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ଶିଶୁ ଓ କିଶୋରମାନଙ୍କ ପାଇଁ ଅଣ-ଶିକ୍ଷାଗତ ପୁସ୍ତକ ଉପଲବ୍ଧ କରାଇବା ଲାଗି ଉଦ୍ଦିଷ୍ଟ ଏକ ଆପ୍ ଓ ୱେବ୍ ଆଧାରିତ ଡିଜିଟାଲ ଲାଇବ୍ରେରୀ ଅଟେ ।
ନିମ୍ନଲିଖିତ ଭାଷାର ଇ-ପୁସ୍ତକଗୁଡ଼ିକୁ ସଂଗ୍ରହଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି:- ଅସମୀୟ, ବଙ୍ଗଳା, ବୋଡ଼ୋ, ଡୋଗ୍ରି, ଗୁଜୁରାଟି, ହିନ୍ଦୀ, କନ୍ନଡ଼, କଶ୍ମୀରୀ, କୋଙ୍କଣୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ମୈଥିଳି, ନେପାଳୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସାନ୍ତାଳି, ସିନ୍ଧି, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂରାଜୀ ।

**ଆବେଦନ ଫର୍ମ ଏବଂ ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଆଗ୍ରହୀ ପ୍ରକାଶକମାନେ ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି:**
**https://eprocure.gov.in/eprocure/app କିମ୍ବା https://www.nbtindia.gov.in/**

| | |
|---|---|
| ଦାଖଲର ପଦ୍ଧତି: | https://eprocure.gov.in/eprocure/app ମାଧ୍ୟମରେ ଅନ୍‌ଲାଇନ୍‌ରେ |
| ଦାଖଲର ଆରମ୍ଭ ତାରିଖ: | ତା୦୬।୧୧।୨୦୨୪ରିଖ |
| ଦାଖଲର ଶେଷ ତାରିଖ: | ତା୨୫।୧୧।୨୦୨୪ରିଖ ୧୭.୦୦ ଘଟିକା |

ପ୍ରକାଶକମାନଙ୍କ ତାଲିକାଭୁକ୍ତୀକରଣ କରିବା ତଥା ଇ-ପୁସ୍ତକ ସଂଗ୍ରହଣ କରିବା ସମ୍ବନ୍ଧରେ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ସଚିବାଳୟର କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ବାଧ୍ୟତାମୂଳକ ହେବ ।

ସ୍କାନ୍ କରି ଡାଉନ୍‌ଲୋଡ୍ କରନ୍ତୁ

କୌଣସି ପ୍ରଶ୍ନ ପାଇଁ, ପ୍ରକାଶକମାନେ rashtriyaepustakalaya@gmail.comକୁ ଲେଖିପାରନ୍ତି

କାର୍ଯ୍ୟାନ୍ୱୟନ ଏଜେନ୍ସି
ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
NATIONAL BOOK TRUST, INDIA
Ministry of Education, Government of India
CBC-21103/12/0032/2425



## ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୧.୨୦୨୪ରିଖ ଏବଂ ତା.୦୯.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।**

**ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **ତା୨୫.୧୧.୨୦୨୪ରିଖ ଏବଂ ତା.୦୯.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: କ୍ର.ନଂ.: ୧ ଏବଂ ୨ ପାଇଁ ୨୫.୧୧.୨୦୨୪** ପୂର୍ବାହ୍ନ ୧୧.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ
**ଇ-ନିଲାମ ତାରିଖ ଓ ସମୟ: କ୍ର.ନଂ.: ୩ ଏବଂ ୪ ପାଇଁ ୦୯.୧୨.୨୦୨୪** ପୂର୍ବାହ୍ନ ୧୧.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ

ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: କ୍ର. ନଂ.: **୧ ଏବଂ ୨ ପାଇଁ ୨୦.୧୧.୨୦୨୪ ରୁ ୨୫.୧୧.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା
ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: କ୍ର. ନଂ.: **୩ ଏବଂ ୪ ପାଇଁ ୦୪.୧୨.୨୦୨୪ ରୁ ୦୯.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା

ସମ୍ପତ୍ତି ତନଖି କରିବାର ସମୟ- କ୍ର. ନଂ.: **୧ ଏବଂ ୨ ପାଇଁ ୧୮.୧୧.୨୦୨୪ ରୁ ୨୨.୧୧.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
ସମ୍ପତ୍ତି ତନଖି କରିବାର ସମୟ- କ୍ର. ନଂ.: **୩ ଏବଂ ୪ ପାଇଁ ୦୨.୧୨.୨୦୨୪ ରୁ ୦୭.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର**
**(ଶ୍ରୀ ଶୁଭ ଶଙ୍କର ସାହୁ, ମୋ.: ୭୦୦୮୦୫୫୫୧୮ ଏବଂ ଶ୍ରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ବନ୍ଧକଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | **ଡୁବୁରି ଶାଖା /** **ଋଣଗ୍ରହୀତା: ଶ୍ରୀ ମହେଶ୍ୱର ଜେନା,** ସା: ବାରଗଡିଆ, ଥାନା: କଳିଙ୍ଗନଗର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୨୬ / **ମୋଟ ବକେୟା ରାଶି: ତା.୧୧.୦୬.୨୦୨୪ ରିଖ ସୁଦ୍ଧା ଟ.୯,୯୨,୨୭୪.୨୮ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ମହେଶ୍ୱର ଜେନାଙ୍କ** ନାମରେ ଥିବା ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧/୪୫, ପ୍ଲଟ୍ ନଂ.: ୪୯୫, କ୍ଷେତ୍ର: ଏକର ୦.୧୮ ଡିସିମିଲି, କିସମ: ଘରବାରୀ, ମୌଜା: ବାରଗଡିଆ, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏସଆରଓ: ସୁକିନ୍ଦା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା (ପିଡବ୍ଲୁଡି), ଦକ୍ଷିଣ: ଜଳଧର ଦେଓ, ପୂର୍ବ: ବିପିନ ବିହାରି ଦେଓ, ପଶ୍ଚିମ: ଜଳଧର ଦେଓ | ଟ.୩୨,୧୨,୧୦୦/- / ଟ.୩,୨୧,୨୧୦/- / ସାଙ୍କେତିକ |
| ୨. | **ଡୁବୁରି ଶାଖା /** **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା.: ଆମ୍ଭୋର, ପୋ.:ଜଳସୁଆଁ ପାଟଣା, ଭାୟା: କୁଶଲେଶ୍ୱର, ଜିଲ୍ଲା: ଯାଜପୁର-୭୫୫୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ମହାରଣା,** ପିତା: ଶ୍ରୀ ଚୈତନ୍ୟ ମହାରଣା, ସା.: ଟୋଲକାନୀ, ପୋ.:ଚିତୀରି, ଭାୟା: ଜେ.କେ. ରୋଡ୍, ଜିଲ୍ଲା: ଯାଜପୁର-୭୫୫୦୨୫ / **ମୋଟ ବକେୟାରାଶି: ତା.୨୦.୦୯.୨୦୧୬ରିଖ ସୁଦ୍ଧା ଟ.୩,୨୪,୩୫୮/- +** ପରବର୍ତ୍ତୀ ସୁଧ,ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀ ଶ୍ରୀକାନ୍ତ ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୭/୨୨, ପ୍ଲଟ୍ ନଂ.:୬୭୦, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ,ମୌଜା: ଆମ୍ଭୋର, ଥାନା: ଟମକା, ଏସ୍‌ଆରଓ: ସୁକିନ୍ଦା,ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚରିପାର୍ଶ୍ୱ ରେଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣୁ ସେଠୀ, ପୂର୍ବ: କୀର୍ତ୍ତନମହାପାତ୍ର, ପଶ୍ଚିମ: ପାଣୁ ସେଠୀ | ଟ.୭,୫୬,୯୦୦/- / ଟ. ୭୫,୬୯୦/- / ସାଙ୍କେତିକ |
| ୩. | **ଘସିପୁରା ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଅମର ଟ୍ରାକ୍ଟର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ପ୍ରଭାତି କାନୁନ୍‌ଗୋ,** ସ୍ୱାମୀ: ରାଧାମାଧବ କାନୁନ୍‌ଗୋ, ସା: ଜଅଁରା, ପୋ.: ଘସିପୁରା, ଜିଲ୍ଲା: କେନ୍ଦୁଝର - ୭୫୮୦୧୫ (ଓଡ଼ିଶା) / **ମୋଟ ବକେୟା ରାଶି: ତା.୧୭.୦୮.୨୦୨୧ରିଖ ସୁଦ୍ଧା ଟ.୨୫,୨୩,୫୦୭.୯୯ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ପ୍ରଭାତି କାନୁନ୍‌ଗୋ,** ସ୍ୱାମୀ: ରାଧାମାଧବ କାନୁନ୍‌ଗୋଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୮୫/୩୫୨, ପ୍ଲଟ୍ ନଂ.: ୧୬୬/୮୦୭, କ୍ଷେତ୍ର: ଏକର ୦.୦୫୮ ଡିସିମିଲି, କିସମ: ଘରବାରୀ, ମୌଜା: ଜଅଁରା, ପୋ.: ଘସିପୁରା, ତହସିଲ: ଘସିପୁରା, ଥାନା: ଘସିପୁରା, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ବନମାଳୀ ଦାସ, ଦକ୍ଷିଣ: ପ୍ରଣତି କାନୁନ୍‌ଗୋ, ପୂର୍ବ: ରବି ମହାନ୍ତି, ପଶ୍ଚିମ: ଉତ୍କଳ ଏସ୍‌ନାୟକ ଏବଂ ଘରୋଇ ରାସ୍ତା | ଟ. ୩୨,୦୦,୮୫୦/- / ଟ. ୩,୨୦,୦୮୫/- / ସାଙ୍କେତିକ |
| ୪. | **ଚମ୍ପୁଆ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ପ୍ରେମ ଚାନ୍ଦ ପୋଦ୍ଦାର,** ପିତା: ରାମଚନ୍ଦ୍ର ପୋଦ୍ଦାର, ସା/ପୋ: ଚମ୍ପୁଆ, ଥାନା: ଚମ୍ପୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୪୧ / **ମୋଟ ବକେୟା ରାଶି: ତା.୧୨.୧୦.୨୦୨୩ ରିଖ ସୁଦ୍ଧା ଟ.୩୨,୫୨,୬୮୭.୦୧ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ପ୍ରେମ ଚାନ୍ଦ ପୋଦ୍ଦାରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୫୦/୭୦୧, ପ୍ଲଟ୍ ନଂ.: ୭୧୬/୨୫୭୬/୨୯୮୧, କ୍ଷେତ୍ର: ଏକର ୦.୨୦ ଡିସିମିଲି, କିସମ: ଘରବାରୀ, ମୌଜା: ଚମ୍ପୁଆ ୟୁନିଟ ନଂ.: ୪, ତହସିଲ: ଚମ୍ପୁଆ ନଂ.୦୩, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ମହମ୍ମଦ ଇମ୍ରାନ୍, ଦକ୍ଷିଣ: ମହମ୍ମଦ ମୁସ୍ତାଫା, ପୂର୍ବ: ସରକାରୀ ପ୍ଲଟ୍, ପଶ୍ଚିମ: ମହମ୍ମଦ ଇଶରାହା | ଟ. ୫୭,୩୭,୯୫୦/- / ଟ. ୫,୭୩,୭୯୫/- / ସାଙ୍କେତିକ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।
**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍**
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୧୫ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ ।

**ସ୍ଥାନ : କେନ୍ଦୁଝର, ତାରିଖ : ୦୮.୧୧.୨୦୨୪** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ସଂକ୍ଷେପରେ

### ବୋରୱେଲ ଖୋଳୁଥିବା ସମୟରେ ଜଳିଗଲା ଗାଡ଼ି

ପାଟଣାଗଡ,୮।୧୧(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ବ୍ଲକ ଅନ୍ତର୍ଗତ କଲ୍ଲାମାଳ ଗାଁର ସୁବାଷ ଷାଣ୍ଡଙ୍କ ରଏତି ଜମିରେ ଶୁକ୍ରବାର ମଧ୍ୟାହ୍ନରେ ବୋରୱେଲ ମେଶିନ ସାହାଯତାରେ ଗାତ ଖୋଳାଯିବା ସମୟରେ ବୋରୱେଲ ଗାଡି ହଠାତ୍ ଜଳିବାକୁ ଆରମ୍ଭ କରିଥିଲା। କିନ୍ତୁ ସେହି ଗାଡିରେ କାମ କରୁଥିବା କର୍ମଚାରୀମାନେ ଉପସ୍ଥିତ ବୁଦ୍ଧି ଯୋଗୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି। ଖବରପାଇ ପାଟଣାଗଡ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ବୋରୱେଲ ଗାଡ଼ିର ଅଧାରୁ ଅଧିକ ଅଂଶ ଜଳି ଯାଇଥିଲା। ଏଥିରେ କୌଣସି କ୍ଷୟକ୍ଷତି ଘଟି ନ ଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏପରି ହୋଇଥିବା ସମ୍ପୃକ୍ତ ଗାଡି ଚାଳକଙ୍କ ଠାରୁ ଜଣାପଡିଛି। ପାଟଣାଗଡ ଅଞ୍ଚଳର ଜନୈକ ବ୍ୟକ୍ତି ତାମିଲନାଡୁର ଜଣେ ଗାଡି ମାଲିକଙ୍କ ସହ କଥାବାର୍ତ୍ତା କରି ଏହି ଗାଡିକୁ ଲିଜ୍ ସୂତ୍ରରେ ଆଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ବୋରୱେଲମାନ ଖୋଳୁଥିବା ଜଣାପଡିଛି।

## ବିଦ୍ୟୁତ୍ ଫାଶରେ ଦନ୍ତାହାତୀ ମୃତ୍ୟୁ ଘଟଣା

# ୨ କୁଖ୍ୟାତ ଶିକାରୀ ଗିରଫ

ପାଟଣାଗଡ଼,୮।୧୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ରେଞ୍ଜ ଲରମ୍ବା ସେକ୍ସନ ଅଧୀନସ୍ଥ ଗଡିଆଜୋର ଗାଁ ଝରଝରି ମହଦାସାନୀ ତଳ ପାହାଡ଼ ପାଦଦେଶରେ ଥିବା ସଂରକ୍ଷିତ ଜଙ୍ଗଲରେ ଗତ ୧ ତାରିଖ ଦିନ ଶିକାରୀଙ୍କ ଦ୍ୱାରା ବିଛା ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଫାଶରେ ପଡ଼ି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଦୁଇ ଜଣ ଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ହାତୀମୃତ୍ୟୁ ଘଟଣା ନେଇ ଗତ ରବିବାର ଭୁବନେଶରରୁ ଆସିଥିବା ଭାରପ୍ରାପ୍ତ ଜେଟିଏଫ, ରେଞ୍ଜର, ବଲାଙ୍ଗୀର ଡିଏଫଓ ,ଏସିଏଫ ଓ ସାଇଣ୍ଟିଫିକ ଟିମ୍‌ର ସହାୟତା ନେଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ବିଦ୍ୟୁତ୍ ଫାଶରେ ହାତୀର ମୃତ୍ୟୁ ଘଟିଥିବା ସ୍ପଷ୍ଟ ଭାବରେ ଜଣାପଡିଥିଲା। ଏହାପରେ ବିଭାଗ ପକ୍ଷରୁ ଏସିଏଫ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ତିନି ଗୋଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ମଙ୍ଗଳବାର ରାତିରେ ଉକ୍ତ ଟିମ୍ ଗଡିଆଜୋର ଗାଁର ନନ୍ଦକିଶୋର ଠାକୁର ଓ ସୁଲିଆମାଲ ଗାଁର ପଞ୍ଚାନନ ମେହେରଙ୍କୁ ଉଠାଇନେଇ ବଲାଙ୍ଗୀର ମୁଖ୍ୟ କାର୍ଯ୍ୟାଳୟକୁ ନେଇ ଅଧିକ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ଏହି ଶିକାରୀଦ୍ୱୟ ପକାଇ ଥିବା ବିଦ୍ୟୁତ୍ ଫାଶରେ ପଡି ଦନ୍ତାହାତୀର ମୃତ୍ୟୁ ଘଟିଥିବା ସ୍ୱୀକାର କରିବା ସହ ସେହି ରାତିରେ ମୃତ ହାତୀର ଅନତି ଦୂରରେ ଦୁଇ ଗୋଟି ବାର୍‌ହା ମରିଥିବା କହିଥିଲେ। ଏପରି କି ତାଙ୍କ ସହ ସାମିଲ ଥିବା ଆଉ ୪ ଜଣ ଶିକାରୀଙ୍କ ମଧ୍ୟରୁ ଗଡିଆଜୋର ଗାଁର ଜଣେ ଓ ସୁଲିଆମାଲ ଗାଁର ତିନି ଜଣ ସେମାନଙ୍କୁ ଉକ୍ତ ରାତିରେ ବାର୍‌ହା ଶିକାର ପାଇଁ ସହଯୋଗ କରିଥିବା ପ୍ରକାଶ କରିଥିଲେ। ଏହାପରେ ଗୁରୁବାର ଅପରାହ୍ନରେ ଏହି ଟିମ୍ ଲରମ୍ବା ପୋଲିସ ସହାୟତାରେ ଗିରଫ ଶିକାରୀ ଦ୍ୱୟଙ୍କୁ ଘଟଣାସ୍ଥଳକୁ ନେଇ ସିନ କ୍ରିଏସନ କରାଇଥିଲା। ଶୁକ୍ରବାର ଅପରାହ୍ନ ସମୟରେ ଏହି ଦୁଇ ଶିକାରୀ ନନ୍ଦକିଶୋର ଓ ପଞ୍ଚାନନର ଡାକ୍ତରୀ ପରୀକ୍ଷା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଏହି ଘଟଣାର ତଦନ୍ତ ଦାୟିତ୍ୱରେ ଥିବା ଏସିଏଫ ମାନସ ରଞ୍ଜନ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି ଓ ଫରେଷ୍ଟର ବିରଞ୍ଚି କୁମ୍ଭାରଙ୍କୁ ନେଇ ଗଠନ କରାଯାଇଥିବା ଟିମ୍ ଫେରାର ସଂପୃକ୍ତ ଶିକାରୀମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି କହିଛନ୍ତି ।


ଗିରଫ ଦୁଇ ଶିକାରୀ ।

**ଫେରାର ଥିବା ଶିକାରୀମାନଙ୍କୁ ଖୁବ ଶୀଘ୍ର ଧରାଯିବ**

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ପିକୁନ


@ ରମେଶ


@ ରାଜକିଶୋର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅନ୍ତର୍ଜାତୀୟ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ଦିବସ ପାଳିତ

ବଲାଙ୍ଗୀର,୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ଶାସ୍ତ୍ରୀନଗରର ସ୍ଥିତ ଭାରତ ସରକାରଙ୍କ ଦକ୍ଷତା ବିକାଶ ପୁନର୍ବାସ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନସ୍ଥ ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ର (ସିଆରସି)ଠାରେ ଅନ୍ତର୍ଜାତୀୟ ପ୍ରୋସ୍ଥେଟିକ୍ସ ଏବଂ ଅର୍ଥୋଟିକ୍ସ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ୟାମା ମେହେର, ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିନିଧି ବିଷ୍ଣୁ ବିଶ୍ୱାଳ, ସ୍ୱତନ୍ତ୍ର ଶିକ୍ଷା ସହାୟକ ପ୍ରଫେସର ଲୁସିକା ନାୟକ ଏବଂ ଭୌତିକ ଚିକିତ୍ସା ଅଧ୍ୟାପକ ବିଶ୍ୱଜିତ କାନୁନଗୋ ଯୋଗ ଦେଇଥିଲେ। ପ୍ରୋସ୍ଥେଟିକ୍ସର ଶୁଭସ୍ମିତା ସାହୁ ଏବଂ ଅର୍ଥୋଟିକ୍ସ ବିଭାଗ ଅଧିକାରୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ପ୍ରୋସ୍ଥେଟିକ୍ସ ଏବଂ ଅର୍ଥୋଟିକ୍ସ ବିଷୟରେ ବୁଝାଇଥିଲେ। ଉଭୟ ବିଭାଗର ସମନ୍ୱୟ କେମିତି ରହିବା ଉଚିତ୍ ସେ ବିଷୟରେ ମଧ୍ୟ ଜଣାଇଥିଲେ। ଅମିତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ଏହି ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରୋସ୍ଥେଟିକ୍ସ ଏବଂ ଅର୍ଥୋଟିକ୍ସ ଉପକରଣ ବଣ୍ଟନ କରାଯାଇଥିଲା। ସହାୟକ ପ୍ରଫେସର (ବାକ୍ ଏବଂ ଶ୍ରବଣ ବିଭାଗ) ଜିତେନ୍ଦ୍ର ବାରିକ ଏବଂ ବ୍ୟବସାୟିକ ଚିକିତ୍ସା ବିଭାଗ ଅଧ୍ୟାପକ ଶ୍ରିୟୁତି ମହାପାତ୍ର ମତ ଉପସ୍ଥାପନ କରିଥିଲେ। ସିଆରସିର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରେ ସିଆରସି ପ୍ରାଙ୍ଗଣରେ ବୃକ୍ଷରୋପଣ କରଯାଇଥିଲା। ଶେଷରେ ପୁନର୍ବାସ ଅଧିକାରୀ ସୌମ୍ୟ ଶେଖର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଛତାମଖନାରେ ଉନ୍ନୟନ ପ୍ରକଳ୍ପ ବୁଲିଲେ ନରସିଂହ

ବଲାଙ୍ଗୀର,୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବରିଷ୍ଠ କଂଗ୍ରେସ ନେତା ଓ ପୂର୍ବତନ ବିଧାୟକ ନରସିଂହ ମିଶ୍ର ଶୁକ୍ରବାର ପୁଇଁତଲା ବ୍ଲକସ୍ଥିତ ଛତାମଖନା ଗ୍ରାମ ପଞ୍ଚାୟତର ଛତାମଖନା ଗାଁ ପରିଦର୍ଶନରେ ଯାଇ ସେଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ସେହି ଗାଁର ମିଶ୍ର କଟା ଏବଂ ଯୁଧିଷ୍ଠିର ମହାବିଦ୍ୟାଳୟ ଉନ୍ନତି ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ଥିବା ସତ୍ତ୍ୱେ କାମ ହେଉ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଉଭୟ ପ୍ରକଳ୍ପ ପାଇଁ ୨୦୨୩ ମସିହାରୁ ୫୦ ଲକ୍ଷ ଲେଖାଏ ଅନୁଦାନ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ଆସିଥିଲା। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହି ଉଭୟ ପ୍ରକଳ୍ପ କାମ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନଥିବା ଜାଣିବାକୁ ପାଇଥିଲେ। ଲୋକଙ୍କ ହିତ ପାଇଁ ସରକାରଙ୍କ ସହ ଲଢେଇ କରି ଅନୁଦାନ ଅଣାଯାଉଥିବା ବେଳେ କାହିଁକି ଠିକ ସମୟରେ ଅଧିକାରୀମାନେ ଏହାକୁ ଖର୍ଚ୍ଚ କରିପାରି ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ପୂର୍ବତନ ବିଧାୟକ ମିଶ୍ରଙ୍କ ପରିଦର୍ଶନ ବେଳେ ଉପସ୍ଥିତ ଥିବା ପୁଇଁତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ସାମଲ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟମ୍ବଦା କାଲୋ ଉପସ୍ଥିତ ଥିଲେ। ଉଭୟ ପ୍ରକଳ୍ପର ଟେଣ୍ଡର କାହିଁକି ଏଯାଏଁ ଡକାଯାଇ ନାହିଁ ବୋଲି ପୂର୍ବତନ ବିଧାୟକ ମିଶ୍ର ପ୍ରଶ୍ନ କରିବା ସହ ଆଗାମୀ ୧୫ ଦିନ ମଧ୍ୟରେ ଏହାର ଟେଣ୍ଡର ପ୍ରକ୍ରିୟା ସମାପ୍ତ କରନ୍ତୁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପୂର୍ବତନ ଯନ୍ତ୍ରୀ ବୃଷଭ ହୋତା, ଯୁଧିଷ୍ଠିର ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦାମ ଚରଣ ଖମାରୀ ଓ ଅନ୍ୟ କର୍ମଚାରୀଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।


ପୂର୍ବତନ ବିଧାୟକ ନରସିଂହ ମିଶ୍ର ଛତାମଖନା ଗାଁରେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

## ବେହେରାମୁଣ୍ଡା ପଞ୍ଚାୟତ: ଅନାସ୍ଥା ପ୍ରସ୍ତାବରେ ସରପଞ୍ଚ ହାରିଲେ

ବେଲପଡା,୮।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ବେହେରାମୁଣ୍ଡା ଗ୍ରାମ ପଞ୍ଚାୟତରେ ଆନାସ୍ଥା ପ୍ରସ୍ତାବ ଉପରେ ଭୋଟ ହୋଇଛି। କୁସୁମ ଦୀପ ସରପଞ୍ଚ ପଦବୀରେ ଥାଇ ମନୋମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହେବା ପରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇ ଭୋଟ ହୋଇଥିଲା। ଅଭିଯୋଗ ଅନୁଯାୟୀ ପଞ୍ଚାୟତରେ ଏମଜିଏନଆରଇଜିଏସ ଯୋଜନାରେ କୌଣସି କାର୍ଯ୍ୟ ହେଉ ନ ଥିବାରୁ ଶ୍ରମିକମାନେ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ମାସିକ ବୈଠକ ନିୟମ ଅନୁସାରେ ପରିଚାଳନା ହେଉନାହିଁ। ହରିଶ୍ଚନ୍ଦ୍ର ଯୋଜନାରୁ ଲୋକେ ବାଦ ପଡୁଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟ ନିୟମିତ ଭାବରେ ଖୋଲା ଯାଉନାହିଁ। ଏଭଳି ଅନେକ ଅଭିଯୋଗ ହେବା ପରେ ଶୁକ୍ରବାର ସରପଞ୍ଚଙ୍କ ବିରୋଧରେ ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ପ୍ରସ୍ତାବ ଭୋଟ ହୋଇଥିଲା। ଏଥିରେ ପାଟଣାଗଡ଼ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ବେଲପଡା ବିଡ଼ିଓ ରାଜେଶ ମେହେର, ତହସିଲଦାର ଜ୍ଞାନେନ୍ଦ୍ର ମାଝୀ ଉପସ୍ଥିତ ରହିଥିଲେ। ଜିପିଇଓ ଦେବେନ୍ଦ୍ର ସାହୁ ପରିଚାଳନା କରିଥିଲେ। ସରପଞ୍ଚ ଦୀପ ଦୁଇଟି ଭୋଟ ପାଇଥିବା ବେଳେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୮ଟି ଭୋଟ ଯାଇଥିଲା ଏବଂ ଗୋଟିଏ ନାକଚ ହୋଇ ଯାଇଥିବା ଜଣାପଡିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୂଝାରୀ, ବେଲପଡା ଏସଆଇ ଅନନ୍ତ ପଧାନ ଓ ପୋଲିସ ଫୋର୍ସ ମୃତୟନ ରହିଥିଲେ।

## ୪୦ ଲକ୍ଷ ଠକି ନେଲେ ଯୁବକ: ଥାନାର ଦ୍ୱାରସ୍ଥ ହେଲେ ମହିଳା

ସଇଁତଲା,୮।୧୧(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଥାନା ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଭୁଆଁ ବୁଲାଇ ଗ୍ରାମର ଜଣେ ଯୁବକ ୪୦ ଲକ୍ଷ ନେଇ ଫେରାର ହୋଇଯାଇଥିବା ମହିଳାମାନେ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, କୁମ୍ଭାରୀ ଗ୍ରାମର କେତେଜଣ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗ୍ରାମର ଜଣେ ଯୁବକ ଋଣ କରାଇ ଦେବାକୁ ପ୍ରଲୋଭନ ଦେଖାଇଥିଲେ। ପରେ ସେମାନଙ୍କ ଠାରୁ ସମସ୍ତ କାଗଜପତ୍ର ଆଣି ବିଭିନ୍ନ ଫାଇନାନ୍ସ ସଂସ୍ଥାରୁ ସେ ୨୨ ଜଣ ମହିଳା ଓ ଏସଏଚଜି ମହିଳାଙ୍କ ନାମରେ ୪୦ ଲକ୍ଷ ଟଙ୍କା ଋଣ କରାଇ ଦେଇଥିଲେ। ଋଣ ହେବା ପରେ ସମସ୍ତ ଟଙ୍କା ମୋତେ ଦିଅ ଅଧିକ ଟଙ୍କା ଋଣ କରାଇ ଦେବି ବୋଲି ପ୍ରଲୋଭନ ଦେଖାଇଥିଲେ। ଯୁବକ ଜଣକ ନିଜ ଗ୍ରାମର ହୋଇଥିବାରୁ ମହିଳାମାନେ ବିଶ୍ୱାସ କରି ତାକୁ ଟଙ୍କା ପ୍ରଦାନ କରିଥିଲେ। ସମସ୍ତଙ୍କଠାରୁ ୪୦ ଲକ୍ଷ ଋଣ ଟଙ୍କା ନେଇ ପରିଶୋଧ କରିବା ବେଳକୁ ସେ ରାଜ୍ୟ ବାହାରକୁ ଫେରାର ମାରିଥିବା ମହିଳାମାନେ ଜାଣିବାକୁ ପାଇଥିଲେ। ଯୁବକ ଜଣକ ଠକି ଦେଇଥିବା ଜାଣିବା ପରେ ସ୍ୱୟଂ ସହାୟକ ଗୋଷ୍ଠୀର ଆଲିଶା ତାଣ୍ଡି, ଗେଲେଇ ରଣା, କାଞ୍ଚନ ରଣା, ଇନ୍ଦୁ ରଣା, ମୁରୁଜ କୁମ୍ଭାର, ସାହାଣୀ ଭୁଏ, ସିନ୍ଧୁ ତମଲିଆ, ଜଳକ କୁମ୍ଭିରିଆ, ଦଶମୀ ମାଝୀ, ଭଗବତୀ ତମଲିଆଙ୍କ ସହ ୨୨ ଜଣ ମହିଳା ସଇଁତଲା ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଏନେଇ ସଇଁତଲା ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇ କହିଛନ୍ତି।

## ଧାରଣାରୁ ଓହରିଲେ ଏନ୍‌ଏସି ଅଧ୍ୟକ୍ଷ ଓ କାଉନସିଲର

କଣ୍ଟାବାଞ୍ଜି,୮।୧୧ (ଗୁରୁ ଦୟାଲ ହଂସ)

**କଣ୍ଟାବାଞ୍ଜି ଏନ୍‌ଏସିରେ ତାଲା ପକା ଘଟଣା**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ଅଧ୍ୟକ୍ଷ ବରିୟାମ ସିଂହ ସାଲୁଜା ଓ କାଉନସିଲରମାନେ ଗତ ୩ ଦିନ ହେଲା ଏନ୍‌ଏସି ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଶୁକ୍ରବାର ଟିଟିଲାଗଡ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ତହସିଲଦାର ଅଞ୍ଜଳୀ ମାଝୀ ଧାରଣା ସ୍ଥଳକୁ ଆସି ବୁଝାଶୁଝା କରି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଶୀଘ୍ର ବଦଳି ହେବ ଏବଂ ଯେତେ ଦିନ ଏଠି ରହିବେ ସମସ୍ତଙ୍କୁ ସମ୍ମାନ ଦେଇ ରହିବେ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି । ଏନ୍‌ଏସିରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ବିରୋଧରେ ନା ନା ଅଭିଯୋଗ କରି ଅଧ୍ୟକ୍ଷ ଓ କାଉନସିଲର ଧାରଣାରେ ବସି ରହିଥିଲେ। ତେବେ ପ୍ରତିଶ୍ରୁତି ମିଳିବା ପରେ ଏନଏସି ଅଧ୍ୟକ୍ଷ ସାଲୁଜା, ଉପାଧ୍ୟକ୍ଷା ମନୋରମା ରାଉତ, କାଉନସିଲର ମନିଷ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ବିକାଶ ତରିଆ, ବେଦକାନ୍ତି ପନିକା, ନୀଳକଣ୍ଠ ଶତପଥୀ, ଗୌତମ ବେହେରା, ପିଙ୍କି ମହାନନ୍ଦ ଧାରଣାରୁ ଓହରି ଯାଇଛନ୍ତି ।

## ବଲାଙ୍ଗୀର ସରକାରୀ କଲେଜରେ ସେବା ନିବୃତ୍ତଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୭।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟ ଠାରେ ଚାକିରୀରୁ ଅବସର ଗ୍ରହଣ କରିଥିବା ସୁରେନ୍ଦ୍ର ଘିଭେଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୀର୍ଘ ୩୮ ବର୍ଷ ଧରି ସେ ଏହି ମହାବିଦ୍ୟାଳୟରେ ରାତ୍ର ଜଗୁଆଳି ଭାବେ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଘନଶ୍ୟାମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଘିଭେଲାଙ୍କୁ ମାନପତ୍ର, ଉପଢୌକନ ଦେଇ ତାଙ୍କ ଅବଶିଷ୍ଟ ଜୀବନ ସୁଖ ଓ ଆନନ୍ଦମୟ ହେଉ ବୋଲି କାମନା କରାଯାଇଥିଲା। ସହକାରୀ ପ୍ରଫେସର ଡ଼. କୌତୁକ ପନ୍ଦର ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ହୃଷୀକେଶ ଦାସ, ଡ଼. ଅଶୋକ କୁମାର ମହାରଣା, ଅଧ୍ୟାପିକା ଅଧ୍ୟାପିକ ତଥା କର୍ମଚାରୀମାନେ ସୁରେନ୍ଦ୍ରଙ୍କ ସହ ବିତିଥିବା କଥାଗୁଡ଼ିକୁ ମନେ ପକାଇଥିଲେ। ଡ଼. ଅଶୋକ କୁମାର ମହାରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ପୀତବାସ ଭୋଇ, ଡ଼. ଅମୃତ ସିଂ ବରିହା, ବନ୍ଦନା ବାର୍, ଡ଼. ରମଣୀ ନାଏକ, ଡ଼. ମଧୁସ୍ମିତା ମିଶ୍ର , ସରୋଜ ସାହୁ, ଦିବ୍ୟା ମହାନ୍ତି, ପୁରୁଷୋତ୍ତମ କିଶାନ୍, ବିଶ୍ୱଭୂଷଣ ବିଶ୍ୱାଳ, କମଳାକାନ୍ତ କରାଲି, ଆଶୀର୍ବାଦ ସାହୁ, ମଟିନ୍ ସାହୁ, ସ୍ୱୟଂପ୍ରଭା ମହାପାତ୍ର ସହଯୋଗ କରିଥିଲେ।


ସେବାନିବୃତ୍ତ ସୁରେନ୍ଦ୍ର ଘିଭେଲାଙ୍କୁ ମହାବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଉଛି।

# ରବିଋତୁରେ ୫୫ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ

ଲୋଇସିଂହା,୮।୧୧(ସୁଶାନ୍ତ ବାରିକ)

**ଲୋଇସିଂହା ପଞ୍ଚାୟତ ସମିତି ବୈଠକ**

- ପ୍ରସ୍ତାବ କାର୍ଯ୍ୟକାରୀ ହେଉ ନ ଥିବାରୁ ସଭ୍ୟାସଭ୍ୟଙ୍କ ଉଦ୍‌ବେଗ
- ବୈଠକ ଆରମ୍ଭ ପୂର୍ବରୁ ଉଠିଗଲେ ସରପଞ୍ଚ ସଂଘ ସଭାପତି

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅକ୍ଷୟପାଣି ଉଦୁ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରିଥିବା ବେଳେ ଜିପିଓ କିଶୋର ମାନସିଂ ପୂର୍ବ ବୈଠକରେ ପାରିତ ପ୍ରସ୍ତାବ ପାଠ କରିଥିଲେ। ବ୍ଲକ,ପଞ୍ଚାୟତ ସ୍ତରରେ ବିଭିନ୍ନ କଥାକୁ ନେଇ ଲୋକେ ଅଭିଯୋଗ କରୁଛନ୍ତି। ଏପରି କି ସଭ୍ୟାସଭ୍ୟମାନେ ସମିତି ବୈଠକରେ ବିଭିନ୍ନ ପ୍ରସ୍ତାବ ଦେଲେ ତାହା କାର୍ଯ୍ୟକାରୀ ହେଉନାହିଁ । ସମିତି ବୈଠକ ନାମକୁ ମାତ୍ର ହେଉଛି ବୋଲି ଲୋକେ ଆକ୍ଷେପ କରୁଥିବା କହି ବୈଠକ ଆରମ୍ଭ ପୂର୍ବରୁ ମାଗୁରବେଡା ସରପଞ୍ଚ ତଥା ସରପଞ୍ଚ ସଂଘ ସଭାପତି ସଞ୍ଜୟ ଗଡତ୍ୟା ବୈଠକରୁ ଉଠି ଚାଲିଯାଇଥିଲେ।

ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷ ଅନୁରୋଧ କରିଥିଲେ ସୁଦ୍ଧା ବୈଠକକୁ ଫେରି ନ ଥିଲେ। ପ୍ରଥମେ କୃଷି ବିଭାଗ ଉପରେ ହୋଇଥିବା ଆଲୋଚନାରେ ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ କୁମାର ସାହୁ ଚଳିତ ଖରିଫ ଋତୁରେ ବଣ୍ଟନ ହୋଇଥିବା କିଟ୍ ଉପରେ ତଥ୍ୟ ରଖିଥିଲେ। ହେଲେ ଯୋଗୀସର୍ଡା, ବୁଢୀପଦର ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ସେନେଇ ସେମାନେ ଅବଗତ ନ ଥିବା କହି କୃଷି ବିଭାଗର କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାଛଡା ବ୍ଲକର ଏକ ଏନଜିଓ ଜରିଆରେ ଅଣଚାଷୀଙ୍କୁ କିଟ୍ ପ୍ରଦାନ କରାଯାଉଥିବା ନେଇ ବାଦିମୁଣ୍ଡା ସରପଞ୍ଚ ଅଭିଯୋଗ କରିଥିଲେ। ପୂର୍ବଭଳି ପଞ୍ଚାୟତ ଜରିଆରେ ଚାଷୀଙ୍କୁ ବିହନ ବଣ୍ଟନ କରିବାକୁ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗର ଆଲୋଚନା ବେଳେ ସହକାରୀ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ଜଳ ଉତ୍ସବ ପାଳନ ସମ୍ପର୍କରେ ସୂଚନା ଦେବା ସହ ବିଭାଗୀୟ ତଥ୍ୟ ଉପସ୍ଥାପନା କରିଥିଲେ। ଜଳ ଯୋଗଣରେ ଅବ୍ୟବସ୍ଥା ଓ କେତେକ ପ୍ରକଳ୍ପ ବିଳମ୍ବିତ ହେଉଥିବାରୁ ସଭ୍ୟାସଭ୍ୟ କ୍ଷୋଭ ପ୍ରକାଶ କରିଥିଲେ।

ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷ ସହକାରୀ ଯନ୍ତ୍ରୀଙ୍କୁ ତାଗିଦ କରି ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ଆଲୋଚନାରେ ଡା. ସଞ୍ଜୀବ କୁମାର ବିଶ୍ୱାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି, ସର୍ଜରୀ ଏବଂ ୬ ଜଣ ଷ୍ଟାଫ୍ ନର୍ସ ପଦବୀ ଖାଲି ପଡିଥିବା ସୂଚନା ଦେଇଥିଲେ। ପାଣି ସମସ୍ୟାକୁ ନେଇ ବୁର୍ଡା ସରପଞ୍ଚ ଚିନ୍ତା ପ୍ରକଟ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ମୁଖ୍ୟାଳୟ ଡାକ୍ତରଖାନରେ ବର୍ହିବିଭାଗରେ ବେଡରେ ନିମ୍ନମାନର ବେଡସିଟ ପଡିବାକୁ ନେଇ ବ୍ଲକ ଅଧ୍ୟକ୍ଷ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏତେ ସମସ୍ୟା ରହିଥିଲେ ସୁଦ୍ଧା ରୋଗୀକଲ୍ୟାଣ ସମିତି ଓ ପିଟି ବୈଠକ କାହିଁକି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡକା ଯାଉନାହିଁ ବୋଲି ବିଡିଓ ପ୍ରଶ୍ନ କରିଥିଲେ। ବିଦ୍ୟୁତ ବିଭାଗ ଆଲୋଚନା ବେଳେ ବିପଦଜନକ ଭାବେ ଗଛ ସନ୍ଧି ଓ ଉପରେ ଦେଇ ବିଦ୍ୟୁତ ତାର ଟଣାଯାଉଛି । ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ରହିବା ସହ ଗଛଗୁଡିକ ପୋଡି ନଷ୍ଟ ହେଉଥିବାରୁ ସଭ୍ୟାସଭ୍ୟ ଗଭୀର ଚିନ୍ତା ପ୍ରକଟ କରିଥିଲେ। ବୈଠକରେ ଲୋଇସିଂହା ବିଦ୍ୟୁତ୍ ବିଭାଗ ଅଧିକାରୀ ଏବଂ ତହସିଲଦାର ଅନୁପସ୍ଥିତ ରହିଥିବାରୁ ସଭ୍ୟାସଭ୍ୟ ଉଦବେଗ ପ୍ରକାଶ କରିଥିଲେ। ବ୍ଲକରେ ଚଳିତ ରବିଋତୁରେ ୫୫ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଯୋଜନା ରହିଥିବା ଉଦ୍ୟାନ କୃଷି ଅଧିକାରୀ ସୂଚନା ଦେଇଥିଲେ। ଆସନ୍ତା ସୋମବାର ସୁଦ୍ଧା ୩ ଶହ କୁଇଣ୍ଟାଲ ଆଳୁ ବିହନ ବ୍ଲକରେ ପହଞ୍ଚିବ। ଏହାଛଡା ପିଆଜ, ରସୁଣ, ଲଙ୍କା, ମେଥି ଆଦି ଚାଷ ପାଇଁ ୭୫ପ୍ରତିଶତ ସବ୍‌ସିଡି ରହିଥିବା ସେ କହିଥିଲେ। ଯୋଗାଣ ବିଭାଗ ଆଲୋଚନା ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟ ମହାନନ୍ଦ ସୂଚନା ଦେଇଥିଲେ ଯେ, ପିଡିଏସ ପାଇଁ ୮୦ ପ୍ରତିଶତ କେୱାଇସି କାମ ସରିଛି। ବ୍ଲକର ୧୦ଟି ପାକ୍ସରେ ୬ ହଜାର୨୫୮ ଜଣ ଚାଷୀ ଧାନ ବିକ୍ରି ସକାଶେ ପଞ୍ଜୀକୃତ ହୋଇଛନ୍ତି। ଧାନର ଏମଏସପି ବୃଦ୍ଧି ଏବଂ ଏଫଏକ୍ୟୁ ମାନ ସମ୍ପର୍କରେ ଜଣାଇଥିଲେ। ଧାନ କ୍ରୟରେ ସ୍ୱଚ୍ଛତା ଆଣିବା ପାଇଁ ପାକ୍ସ ସ୍ତରରେ ନୋଡାଲ ଅଫିସର ଓ ସୁପରଭାଇଜର ନିୟୋଜିତ କରାଯାଇଛି। ଶେଷରେ ଉନ୍ନୟନ କାମ ଆଲୋଚନା ବେଳେ ଗୃହରେ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ବୈଠକରେ ମନ୍ତ୍ରୀ ଏବଂ ଏମପିଙ୍କ ପ୍ରତିନିଧି ଉପସ୍ଥିତ ରହିଥିବା ବେଳେ ବ୍ଲକର ୨ ଜଣ ଜିଲା ପରିଷଦ ସଭ୍ୟା ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ ।

# ଧାନକିଣା ବିଳମ୍ବିତ, ଚାଷୀ ଅସନ୍ତୋଷ

ବରଗଡ଼,୮।୧୧(ପ୍ରେମାନନ୍ଦ ଖମାରୀ)



ବରଗଡ଼ ବ୍ଲକ କଳାପାଣିରେ ଚାଷୀଙ୍କ ଧାନ ଅମଳ ଚାଲିଛି।



ବରଗଡ଼ ବ୍ଲକ ବରାହଗୋଡ଼ାରେ ଅମଳ ଧାନକୁ ଚାଷୀ ଶୁଖାଇଛନ୍ତି।

ବରଗଡ଼ ଜିଲାରେ ଚାଷୀମାନେ ଖରିଫ୍ ଧାନ ଅମଳ ଆରମ୍ଭ କରି ଦେଇଛନ୍ତି। ଜିଲାର ଉଭୟ ହୀରାକୁଦ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଅମଳ ପ୍ରକ୍ରିୟା ଆଗେଇ ଚାଲିଛି। ଅନେକ ଚାଷୀ କ୍ଷେତରୁ ଧାନ ଫସଲ କାଟିଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଜମିରେ ହାର୍ଭେଷ୍ଟର ମାଧ୍ୟମରେ ତ ଆଉ କେତେକ ଖଳାକୁ କଟାଧାନ ଆଣି ଅମଳ କରିଛନ୍ତି। ଏପରିକି ଅନେକ ଚାଷୀ ଅମଳ ଧାନକୁ ଖଳାରେ ଶୁଖାଇଥିବାବେଳେ ଆଉ କେତେକ ଶୁଖାଧାନକୁ ବିକ୍ରି ପାଇଁ ରଖିଛନ୍ତି। ମଣ୍ଡି ଖୋଲି ନ ଥିବା ଯୋଗୁ ସେମାନେ ଅମଳ ଧାନକୁ ବିକ୍ରି ପାଇଁ ମଣ୍ଡିକୁ ନେଇ ପାରିନାହାନ୍ତି। ଆସନ୍ତା ୨୦ତାରିଖରୁ ଜିଲାରେ ଧାନମଣ୍ଡି ଖୋଲିବାକୁ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ମଣ୍ଡି ଖୋଲିବାକୁ ଆହୁରି ୧୨ଦିନ ଥିବାବେଳେ ଏତେଦିନ ଧରି ଅମଳ ଧାନକୁ କିଭଳି ସୁରକ୍ଷିତ ରଖିବେ, ତାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ସେହିପରି ଧାନ ବିକ୍ରି କରିପାରି ନ ଥିବା ଯୋଗୁ ଅମଳ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ଦେବା ପାଇଁ ମଧ୍ୟ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଖରିଫ ଋତୁରେ ବରଗଡ଼ ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଧାନଚାଷ କରିଥାନ୍ତି। ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ ଫସଲ ସାଧାରଣତଃ ବର୍ଷା ଏବଂ ଉଠାଜଳସେଚନ ଉପରେ ନିର୍ଭର କରୁଥିବା ଯୋଗୁ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ସ୍ୱଳ୍ପ ମିଆଦୀ କିସମ ଧାନ ଚାଷ କରିଥାନ୍ତି। ଅନୁରୂପ ଭାବେ ଜଳସେଚିତ ଅଞ୍ଚଳର ଚାଷୀମାନେ ମଧ୍ୟ ଉଭୟ ସ୍ୱଳ୍ପ ମିଆଦୀ ଏବଂ ଦୀର୍ଘ ମିଆଦୀ କିସମ ଧାନ ଚାଷ କରିଥାନ୍ତି। କେନାଲ ପାଣି ବନ୍ଦ ନେଇ ସୂଚନା ଦିଆଯାଇଥିବା ଯୋଗୁ ଜଳସେଚିତ ଅଞ୍ଚଳର ଅନେକ ଚାଷୀ ମଧ୍ୟ ଏଥର ସ୍ୱଳ୍ପ ମିଆଦୀ କିସମ ଧାନ ଚାଷ କରିଥିଲେ। ଏହି କ୍ରମରେ ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଧାନ ଅମଳ କରିସାରିଥିବାବେଳେ ଅବଶିଷ୍ଟ ଚାଷୀଙ୍କ ଧାନ ଅମଳକ୍ଷମ ଅବସ୍ଥାରେ ରହିଛି। ଏହି ଦୃଷ୍ଟିରୁ ଏଥର ନଭେମ୍ବର ୧୦ତାରିଖ ସୁଦ୍ଧା ଜିଲାରେ ମଣ୍ଡି ଖୋଲି ଧାନକିଣା ଆରମ୍ଭ କରିବାକୁ

- ଜିଲାରେ ଜୋର୍ ଧରିଲାଣି ଧାନ ଅମଳ
- ୧୨ଦିନ ପରେ ଖୋଲିବ ମଣ୍ଡି
- ଚାଷୀଙ୍କୁ ଏବେଠୁ ଘାରିଲାଣି ଧାନ ବିକ୍ରି ଚିନ୍ତା

ବିଭିନ୍ନ କୃଷକ ସଙ୍ଗଠନର ପ୍ରତିନିଧିମାନେ ଜିଲା ପ୍ରଶାସନ ସହିତ ସ୍ଥାନୀୟ ଜନ ପ୍ରତିନିଧିଙ୍କଠାରେ ଦାବି କରିଆସୁଥିଲେ। କିନ୍ତୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ନଭେମ୍ବର ୧୦ ବଦଳରେ ୨୦ତାରିଖରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ଜାଣିବା ପରେ ଜିଲାର ଅନେକ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିଛି।

କଳାପାଣିର ଚାଷୀନେତା ସୁରେଶ ନେକାଣ୍ଟି କହିଛନ୍ତି, ସେ ୩ ଏକର ଜମିର ଧାନ ଅମଳ କରି ସାରିଛନ୍ତି। କିନ୍ତୁ ମଣ୍ଡି ଖୋଲିବା ବିଳମ୍ବ ହେଉଥିବା ଯୋଗୁ ତାଙ୍କ ଧାନ ବିକ୍ରି ମଧ୍ୟ ବିଳମ୍ବିତ ହେବ ବୋଲି ସେ କହିଛନ୍ତି। ଏଥର ନଭେମ୍ବର ୧୦ତାରିଖ ସୁଦ୍ଧା ମଣ୍ଡି ଖୋଲିବାକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେତେବେଳେ ସେମାନେ ହଁ କହିଥିଲେ, କିନ୍ତୁ ମଣ୍ଡି ଖୋଲିବା ଦିବସକୁ ବିଳମ୍ବିତ କରାଗଲା। ଏହାଦ୍ୱାରା ଚାଷୀମାନେ କ୍ଷତିଗ୍ରସ୍ତ ହେବେ ଏବଂ ବେପାରୀମାନେ ଲାଭ ଉଠାଇବେ ବୋଲି ନେକାଣ୍ଟି କହିଛନ୍ତି। ସେହିପରି ଆଉ ଜଣେ ଚାଷୀନେତା ବରାହଗୋଡ଼ାର ଏକାଦଶିଆ ସାହୁ କହିଛନ୍ତି, ନୂଆ ସରକାରଙ୍କଠାରୁ ଚାଷୀମାନେ ବହୁତ କିଛି ଆଶା ରଖିଥିଲେ। କିନ୍ତୁ ଚାଷୀଙ୍କ ସେହି ଆଶାପୂରଣ ହେବ ବୋଲି ପରିଲକ୍ଷିତ ହେଉନାହିଁ। ନଭେମ୍ବର ୧୦ତାରିଖରୁ ମଣ୍ଡି ଖୋଲିବାକୁ ଆମେ ବିଧାୟକଙ୍କୁ କହିଥିଲୁ। କିନ୍ତୁ ତାହା ହେଲା ନାହିଁ। ଅନ୍ୟପଟେ ନୂଆ ସରକାର ଆସିବା ପରେ ଧାନ ସଂଗ୍ରହ କମିଟିରେ ପୂର୍ବରୁ ରହି ଆସିଥିବା ଚାଷୀ ପ୍ରତିନିଧିମାନଙ୍କୁ ମଧ୍ୟ ବାଦ୍ ଦିଆଯାଇଛି ଏବଂ ନୂତନ ଲୋକଙ୍କୁ ଚାଷୀ ପ୍ରତିନିଧି ଭାବେ ରଖାଯାଇଛି। ସେ ଯାହାହେଉ ଆଗରୁ ମଣ୍ଡି ଖୋଲି ନ ଥିଲେ ସୁଦ୍ଧା ଚାଷୀଙ୍କ ଧାନ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ମଣ୍ଡିରେ ଚାଷୀଙ୍କୁ ଜାଗା ଦିଆଯାଉଥିଲା। ଏଥର ମଧ୍ୟ ସେଭଳି ବ୍ୟବସ୍ଥା କରାଯାଉ। କଟ୍‌ନୀ ଛଟ୍‌ନୀ ହେବ ନାହିଁ ବୋଲି ନୂଆ ସରକାର ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଥିପାଇଁ ଧାନ ସଂଗ୍ରହ ସମୟରେ ମେଶିନ ବସିବ ବୋଲି ଶୁଣିବାକୁ ମିଳିଛି। ଯଦି କଟ୍‌ନୀ ଛଟ୍‌ନୀ ହେବ ଚାଷୀମାନେ ଦୃଢ଼ ବିରୋଧ କରିବେ ଏବଂ ସେଥିପାଇଁ ଯେଉଁ ପରିସ୍ଥିତି ଉପୁଜିବ ସରକାରୀ କଳ ଦାୟୀ ରହିବ ବୋଲି ସାହୁ କହିଛନ୍ତି।

## ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପ୍ରସ୍ତୁତି

ସରଣ୍ଡା, ୮।୧୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ ପାଇଁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ବାଗ, ସ୍ଥାନୀୟ ପ୍ରଧାନ ଶିକ୍ଷକ ମନୋଜ ହରିପାଲ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ବୈଠକରେ ଅତାବିରା ବ୍ଲକ୍ ଅନ୍ତର୍ଗତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ଅତାବିରା ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆସନ୍ତା ୧୩ତାରିଖରେ ଲହଣ୍ଡା ଉଚ୍ଚ ବିଦ୍ୟାଳୟରେ କରିବା ପାଇଁ ସ୍ଥିର କରାଯାଇଥିଲା। ରାଜ୍ୟ ସରକାରଙ୍କ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁସାରେ ବିଜ୍ଞାନ ପ୍ରକଳ୍ପ ପ୍ରତି ବିଦ୍ୟାଳୟରୁ ଆଣିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେବା ସହ ଅନ୍‌ଲାଇନ୍ ପଞ୍ଜୀକରଣ ପାଇଁ କହିଥିଲେ। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ସନ୍ତୋଷ କର, ପ୍ରମୋଦ ମେହେର, ଯାଦବ ପ୍ରଧାନ, ସ୍ନିଗ୍ଧାରାଣୀ ପଣ୍ଡା, ବିଜ୍ଞାନ ଶିକ୍ଷକ ଧରମରାଜ ପ୍ରଧାନ, ସିଆର୍‌ସିସି ନନ୍ଦିଘୋଷ ଭୁଏ, ତ୍ରିଲୋଚନ ସେଠ୍, ଶିକ୍ଷକ ଧର୍ମେନ୍ଦ୍ର ପତି, ତ୍ରିଲୋଚନ ଖମାରୀ ପ୍ରମୁଖ ନିଜ ମତାମତ ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବରଗଡ଼,୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ଅମ୍ବାଭୋନା ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୯୮ ଦିବ୍ୟାଙ୍ଗ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୪୨ଜଣଙ୍କୁ ଭିନ୍ନକ୍ଷମ ପରିଚୟପତ୍ର ପ୍ରଦାନ ପାଇଁ ଚୟନ କରାଯାଇଥିଲା। ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସଞ୍ଜୟ କୁମାର ନାୟକ, ଚକ୍ଷୁ ବିଶେଷଜ୍ଞ ଡା. ବିଶ୍ୱମ୍ଭର ଶତପଥୀ, ଡା. ପ୍ରଭାତ କୁମାର ରାଉଳ, ଡା. ରାମପ୍ରସାଦ ସାହୁ, ନେପାଳ ଦୁଆନ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୭ଜଣଙ୍କୁ ବସ୍ ପାସ୍, ୨୭ଜଣଙ୍କୁ ଶ୍ରବଣ ଯନ୍ତ୍ର ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ଅମ୍ବାଭୋନା ବିଡ଼ିଓ



ଶିବିରରେ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଉଛି।

ଶଙ୍କର ବାଗ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ, ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଗୁନାରୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶପୁର ନବଜ୍ୟୋତି ଦିବ୍ୟାଙ୍ଗ ସଂଘ ଏବଂ ବ୍ଲକ କାର୍ଯ୍ୟାଳୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ରେନ୍ ଧକ୍କାରେ ଯୁବକ ମୃତ

ବରଗଡ଼,୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ବ୍ୟସ୍ତବହୁଳ ଭଟଲି ଛକସ୍ଥିତ ଟ୍ରାଫିକ୍ ପୋଷ୍ଟର ଅନତିଦୂରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ହାଇଡ୍ରା (କ୍ରେନ୍) ଧକ୍କା ଦେବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡାର ଭଗବାନ ଅମରି(୩୫)। ସେ ତାଙ୍କ ମା'ଙ୍କୁ ଚିକିତ୍ସା ପାଇଁ ବରଗଡ଼ ଭଟଲି ଛକ ନିକଟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେ କୌଣସି କାମରେ ଡାକ୍ତରଖାନାରୁ ବାହାରି ରାସ୍ତା ଅତିକ୍ରମ କରୁଥିବାବେଳେ ହାଇଡ୍ରା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ଭଗବାନ ଅମ୍ବାଭୋନା ଥାନାରେ କାର୍ଯ୍ୟରତ କନଷ୍ଟେବଲ ଈଶ୍ୱର ଅମରିଙ୍କ ପୁଅ। ତେବେ ମା' ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ସଡ଼କ ଦୁର୍ଘଟଣାରେ ପୁଅର ମୃତ୍ୟୁ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

# ବିକାଶର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ






ବିକାଶ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିବୃନ୍ଦ।

ବରଗଡ଼,୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଓ ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୬, ୭ତାରିଖ ୨ଦିନ ଧରି ହୋଇଥିବା ଉକ୍ତ କ୍ରୀଡ଼ା ଉତ୍ସବରେ ବିକାଶ ଫାଷ୍ଟଷ୍ଟେପ୍ ସ୍କୁଲରୁ ୭୦୦ରୁ ଊର୍ଦ୍ଧ୍ୱ ଏବଂ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉକ୍ତ କ୍ରୀଡ଼ା ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ବିକାଶ ପାଇଁ ପୁସ୍ତକଗତ ଶିକ୍ଷା ସହିତ ଖେଳକୁଦର ପ୍ରାଧାନ୍ୟ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହାସହିତ କୃତୀ ଛାତ୍ରୀଛାତ୍ର ଏବଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବରେ ବିଜେତାମାନଙ୍କୁ ପୁରସ୍କାର, ମେଡ଼ାଲ ପ୍ରଦାନ କରାଯାଇଥିଲା।

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ. ଅଜୟ କୁମାର ମହାପାତ୍ର, ସିନିୟର ଆଡ୍‌ଭାଇଜର ପି. କେ. ଦାଶ, ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ, ଲ ସ୍କୁଲ ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ, ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ବିକାଶ ଫାଷ୍ଟଷ୍ଟେପ୍ ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ନର୍ସିଂ କଲେଜ ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ଡିନ୍ (ଷ୍ଟୁଡେଣ୍ଟ ଆଫେୟାର) ଆର୍. ଏସ୍. ଭି କ୍ରୀଷ୍ଣା, ବିଜନେସ୍ ସ୍କୁଲ ଉପାଧ୍ୟକ୍ଷ ଦୀପକ କୁମାର ନାୟକ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ବିକାଶ ପଲିଟେକ୍ନିକ୍‌ର ଅଧ୍ୟକ୍ଷ ଡଃ ଦିଲୀପ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡଃ ଗିରୀଶ ପ୍ରଧାନ, କ୍ରୀଡ଼ା ଶିକ୍ଷକ ଏସ୍. କେ. ଫେଙ୍ଗ୍, ମନୋଜ କୁମାର ନାୟକ, ମିତ୍ରଭାନୁ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହାଯୋଗ କରିଥିଲେ। ବିକାଶ ଡିଗ୍ରୀ କଲେଜର ଅଧ୍ୟାପକ ସୁରଜ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ବୈଠକ

ପାଇକମାଳ, ୮।୧୧(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ଗ୍ରୀଡ୍ ସବ୍‌ଷ୍ଟେଶନ ପରିସରରେ ଶୁକ୍ରବାର ପେନ୍‌ଶନ ଭୁକ୍ତ ୱେସ୍କୋ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଏକ ବୈଠକ ଭରତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବଡ଼ ଶତପଥୀ ଯୋଗଦେଇ ପେନଶନଭୁକ୍ତ କର୍ମଚାରୀମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରତିବର୍ଷ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଲାଇଫ ସାର୍ଟିଫିକେଟ ପାଇଁ ପଦ୍ମପୁର ଯିବାକୁ ପଡୁଥିଲା। ତେବେ ଚଳିତ ବର୍ଷ ବରଗଡ ଟାଟା ପାୱାର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅନୁପମ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଡିଡିଓ ଗୁଣମଣି ଖମାରି, ଅବିନାଶ ଚୌଧୁରୀ, ସତ୍ୟବ୍ରତ ମହାରଣା ଏବଂ ଧନଞ୍ଜୟ ପ୍ରଧାନ ଶୁକ୍ରବାର ପାଇକମାଳ ଆସି ୪୦ ପେନଶନଭୁକ୍ତ କର୍ମଚାରୀଙ୍କ ଲାଇଫ ସାର୍ଟିଫିକେଟ କରିଦେଇଥିବାରୁ ବୈଠକରେ ଖୁସି ପ୍ରକାଶ ପାଇଥିଲା। ଆଦିକନ୍ଦ ସାମଲ, ଭରତ ରଣା ପ୍ରମୁଖ ଉପସ୍ଥିତ ଥିବାବେଳେ ଗାନ୍ଧୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ।

## ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବରଗଡ଼,୮।୧୧(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁବିଧା ଦୃଷ୍ଟିରୁ ଉନ୍ନତ ଜ୍ଞାନ କୌଶଳରେ ନିର୍ମିତ ସମସ୍ତ ବୈଷୟିକ ସୁବିଧା ରହିଥିବା ନିଜସ୍ୱ ସ୍ଥାୟୀ କାର୍ଯ୍ୟାଳୟ ବରଗଡ଼ ଗାନ୍ଧୀଛକ ନିକଟରେ ନିର୍ମାଣ କରିଛି। ଗୁରୁବାର ଉକ୍ତ କାର୍ଯ୍ୟାଳୟକୁ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଉଦ୍‌ଘାଟନ କରିଛନ୍ତି। ଏହାପୂର୍ବରୁ ଟିପିଡବ୍ଲ୍ୟୁଓଡିଏଲ୍‌ର ନିଜସ୍ୱ ସ୍ଥାୟୀ କୋଠା ନ ଥିବା ଯୋଗୁ ଅନେକ ସମୟରେ ଠିକଣା ପରିବର୍ତ୍ତନ ଯୋଗୁ ଉପଭୋକ୍ତାମାନଙ୍କୁ କାର୍ଯ୍ୟାଳୟ ଖୋଜିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ନୂତନ ସ୍ଥାୟୀ କାର୍ଯ୍ୟାଳୟ ହେବା ପରେ ଉପଭୋକ୍ତାମାନଙ୍କୁ ଆଉ ସେଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।




ଉଦ୍‌ଘାଟନୀ ସମାରୋହରେ ବିଭାଗୀୟ ଅଧିକାରୀବୃନ୍ଦ।

## ବରପାଲିରେ ଆଧାତ୍ମିକ କାର୍ଯ୍ୟକ୍ରମ

ବରପାଲି,୮।୧୧( ଚିତ୍ତରଞ୍ଜନ ସାହୁ): ବରପାଲିର ନୀଳମଣି କୃପାଳୁ ସତ୍‌ସଙ୍ଗ ପରିବାର ପକ୍ଷରୁ ସପ୍ତାହବ୍ୟାପୀ ପ୍ରବଚନ ଅନୁଷ୍ଠିତ ହେଉଛି। ବରପାଲି ଆଶୀର୍ବାଦ କଲ୍ୟାଣ ମଣ୍ଡପ ଠାରେ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ୬ରୁ ୮ଟା ପର୍ଯ୍ୟନ୍ତ ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲୁଛି। ବୃନ୍ଦାବନରୁ ଆସିଥିବା ନୀଳମଣି ମହାରାଜଙ୍କ ପ୍ରବଚନ ଶୁଣିବାକୁ ଆଖପାଖ ଅଞ୍ଚଳରୁ ପ୍ରତ୍ୟହ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି।

## ଜିଲାସ୍ତରୀୟ ରେଡକ୍ରସ ଶିବିର ଉଦ୍‌ଘାଟିତ

ବରପାଲି,୮।୧୧(ଚିତ୍ତରଞ୍ଜନ ସାହୁ)

ବରପାଲି ମହାବିଦ୍ୟାଳୟରେ ୩ଦିନିଆ ବରଗଡ଼ ଜିଲାସ୍ତରୀୟ ରେଡ୍‌କ୍ରସ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ସକାଳେ ପତାକା ଉତ୍ତୋଳନ ପୂର୍ବକ କଲେଜ ପରିଚାଳନା କମିଟି ସଭାପତି ଡ. ରବୀନ୍ଦ୍ର ଗଡତିୟା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଡ. ରବୀନ୍ଦ୍ର ଗଡତିୟା, ରେଡ୍‌କ୍ରସର ଜିଲା ଆବହାକ ଡ. ନକୁଳ ସେଠ୍, ଜିଲା ସଂଯୋଜକ ପରମାନନ୍ଦ ରଥ, ସୁଶିଲ କୁମାର ଶତପଥୀ, ଅଲେଖ ମହାନନ୍ଦ, ନତାଶା ସିକନ୍ଦର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ତିନି ଦିନିଆ ଶିବିରରେ ପ୍ରତ୍ୟହ ବିପର୍ଯ୍ୟୟ ମୁକାବିଲା, ସାଇବର କ୍ରାଇମ୍ ବିଷୟ ଉପରେ ଆଲୋଚନା ଓ ତାଲିମ ପ୍ରଦାନ କରାଯାଉଛି। ଏଥିସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ଶିବିର ଦାୟିତ୍ୱରେ ଥିବା ପ୍ରଫେସର ସୁଶିଲ କୁମାର ଶତପଥୀ ସୂଚନା ପ୍ରଦାନ କରିଛନ୍ତି। ଏହି ଶିବିରରେ ଜିଲାର ୫୪ଟି କଲେଜର ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି।




ଶିବିରରେ ମଞ୍ଚାସୀନ ଅତିଥିଗଣ।

# ପଦ୍ମପୁରରେ କୃଷକ ଗର୍ଜନ ସମାବେଶ

ପଦ୍ମପୁର, ୮।୧୧ (ପ୍ରଦୀପ୍ତ ଦାଶ)




ସମାବେଶରେ ଉପସ୍ଥିତ ଚାଷୀ ନେତାଗଣ।

ବରଗଡ଼ ଜିଲା ପଦ୍ମପୁର ଗୋରୁ ବଜାର ପ୍ରାଙ୍ଗଣରେ ଶୁକ୍ରବାର ରାଜବୋଡାସମ୍ବର କୃଷକ ସଙ୍ଗଠନ ସ୍ଥାୟୀ ସଭାପତି ବାଞ୍ଛାନିଧି ନାୟକଙ୍କ ସଭାପତିତ୍ୱରେ କୃଷକ ଗର୍ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିସ୍ଥାପନ ବିହୀନ ଜଳସେଚନ, ବିନା କଟ୍‌ନି ଛଟ୍‌ନିରେ ଚାଷୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ, ସ୍ମାର୍ଟ ମିଟରକୁ ବିରୋଧ କରିବା, ୩୦୦ ୟୁନିଟ ବିଦ୍ୟୁତ ବିଲ୍ ଛାଡ଼, ପଦ୍ମପୁରକୁ ଜିଲା ଘୋଷଣା ଆଦି ଦାବି ନେଇ ଚାଷୀମାନେ ଗର୍ଜିଥିଲେ। ସରକାର ଚାଷୀମାନଙ୍କ ଇନ୍‌ପୁଟ ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବ କରୁଥିବାରୁ ଆସନ୍ତା ୧୮ତାରିଖରେ ରେଳରୋକୋ କରିବାକୁ ସଙ୍ଗଠନ ନିଷ୍ପତ୍ତି ନେଇଥିବା ସୂଚନା ଦିଆଯାଇଛି। ଅଖିଳ ଭାରତୀୟ କିଷାନ ସଭା ଆର୍ଥିକ ସମ୍ପାଦକ, ସଂଯୁକ୍ତ କିଷାନ ମୋର୍ଚ୍ଚା ସଚିବ ମଣ୍ଡଳୀ ସଦସ୍ୟ ପି. କ୍ରିଷ୍ଣା ପ୍ରସାଦ, ଉତ୍ତର ପ୍ରଦେଶ କିଷାନ ମଜଦୁର ପରିଷଦ ରାଷ୍ଟ୍ରୀୟ ଅଧ୍ୟକ୍ଷ ସମାଜବାଦୀ ଜନ ପରିଷଦର ରାଜେନ୍ଦ୍ର ଚୌଧୁରୀ, ସମାଜବାଦୀ ଜନପରିଷଦର ସଚିବ ମହାଦେବ ଦେଶାଇ, ଅଫ୍ଲାତୁନ ଦେଶାଇ, କ୍ରାନ୍ତିକାରୀ କିଷାନ ସଭା ସଦସ୍ୟ ସୁନୀଲ କୁମାର, ସଂଯୁକ୍ତ କିଷାନ ମୋର୍ଚ୍ଚା ଓଡ଼ିଶା ରାଜ୍ୟ ସଦସ୍ୟ ରଘୁନାଥ ଦାସ, ଯୁଗ୍ମ ସମ୍ପାଦକ କିଷାନ ସଭା ସଦସ୍ୟ ସୁରେନ୍ଦ୍ର ହୋତା, ନିୟମଗିରି ସୁରକ୍ଷା ସମିତି ତଥା ସମାଜବାଦୀ ଜନପରିଷଦ ରାଷ୍ଟ୍ରୀୟ ମହାସଚିବ କୃଷକ ନେତା ଲିଙ୍ଗରାଜ

- ୧୮ରେ ରେଳରୋକୋ ନିଷ୍ପତ୍ତି
- କେନ୍ଦ୍ର ସଂଯୁକ୍ତ ମୋର୍ଚ୍ଚାର ପୂର୍ଣ୍ଣ ସମର୍ଥନ

ଆଜାଦ ପ୍ରମୁଖ ଯୋଗଦେଇ ସରକାରଙ୍କ ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବକୁ ନେଇ ଆଲୋଚନା କରିଥିଲେ। ସେହିପରି ସୋନପୁର କୃଷକ ସଙ୍ଗଠନର ସୋନାଲି ବିଶି, ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ମଣ୍ଡଳୀ ରମେଶ ମହାପାତ୍ର, ଅଶୋକ ସାହୁ, ଅଜିତ ଶତପଥୀ, ଉତ୍ପନ୍ନ ଭୋଇ, ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ସଭାପତି ବୀରେନ୍ଦ୍ର କର, ଭେଡେନ କୃଷକ ସଙ୍ଗଠନ ସମ୍ପାଦକ ସୁଦାମ ପାତ୍ର, ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ଼ର ନିରଞ୍ଜନ ପଧାନ, ବରପାଲିର ତପନ ମିଶ୍ର, କୃଷକ ପରିବାର ଭଟଲି ସଭାପତି ଥବିର ସାହୁ, ବୀର ସୁରେନ୍ଦ୍ର ସାଏ କୃଷକ ସଙ୍ଗଠନ ସଭାପତି ଭଗବାନ ସାହୁ, ଶହୀଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନର ମୁରଲି ଭୋଇ, ବିଜେପୁର କୃଷକ ସଙ୍ଗଠନ ସଭାପତି ସୁବାସ ପଧାନ, ରାଜବୋଡାସମ୍ବର କୃଷକ ସଙ୍ଗଠନ ଗାଇସିଲାଟ ସଭାପତି ଅରବିନ୍ଦ ପଣ୍ଡା, ରାଜବୋଡାସମ୍ବର କୃଷକ ସଙ୍ଗଠନ ପାଇକମାଳ ସଭାପତି ଅରକ୍ଷିତ ପଧାନ, ରାଜବୋଡାସମ୍ବର କୃଷକ ସଙ୍ଗଠନ ପଦ୍ମପୁର ସଭାପତି ପଞ୍ଚାନନ ସାହୁ, ରାଜାବୋଡ଼ାସମ୍ବର କୃଷକ ସଙ୍ଗଠନ ଏନ୍‌ଏସିର କାହ୍ନୁ ଚରଣ ମେହେର, କୋଶଲ ସେନା ସଭାପତି ବୀରବଳ ମହାକୁଡ଼, ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ, ବରଗଡ଼ ଓକିଲ ସଂଘ, ପଦ୍ମପୁର, ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପରିଚାଳନା ସଦସ୍ୟ କୈଳାଶ ସାହୁ, ରୋହିତ ପଧାନ, ଲିଙ୍ଗରାଜ ପଧାନ, ସୁବାସ ସାମନ୍ତରାୟ, ବୀରେନ୍ଦ୍ର ପଧାନ ମଞ୍ଚାସୀନ ରହି ଚାଷୀମାନଙ୍କ ସାମୂହିକ ସ୍ୱାର୍ଥ ପାଇଁ ଲଢେଇ କରିବାକୁ ମତବ୍ୟକ୍ତ କରିଥିଲେ। ରାଜବୋଡାସମ୍ବର କୃଷକ ସଙ୍ଗଠନକୁ କେନ୍ଦ୍ରୀୟ ସଂଯୁକ୍ତ ମୋର୍ଚ୍ଚା ସମର୍ଥନ ଘୋଷଣା କରିଥିଲା।

## ଗୁଳିମାଡ଼ ଘଟଣା: ଅଭିଯୁକ୍ତଙ୍କ ବାଇକ୍ ଜବତ

ରାଉରକେଲା,୮।୧୧ (ସଙ୍ଗୀତା ଜେନା)

ଗତ ସୋମବାର ପ୍ଲାଣ୍ଟସାଇଟ୍ ଥାନା ଟ୍ରାଫିକ୍ ଗେଟ୍ ନିକଟରେ ହୋଇଥିବା ଗୁଳିମାଡ଼ ଘଟଣାରେ ଆହତ ଯୁବକ ଆବେଶ ରାୟ ସୁସ୍ଥ ହୋଇ ଡାକ୍ତରଖାନାରୁ ଘରକୁ ଫେରିଛନ୍ତି। ତେବେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କ ବାଇକ୍‌କୁ ଲହୁଣୀପଡ଼ା ଟୋଲଗେଟ୍ ନିକଟରୁ ପୋଲିସ ଜବତ କରିଛି। ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୮।୧୧(ବିପ୍ଲବ ରଞ୍ଜନ ଦାଶ): ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ରେନ ଯୋଗେ ଯାଉଥିବା ବେଳେ ରାଉରକେଲା ରେଲୱେ ଷ୍ଟେଶନରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି ଓ ଭାଜପାର ଶତାଧିକ ନେତା, କର୍ମୀ, ସମର୍ଥକ ଷ୍ଟେଶନରେ ପହଞ୍ଚି କେନ୍ଦ୍ର ମନ୍ତ୍ରୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ବେଆଇନ ପାର୍କିଂ ଯୋଗୁ ସଙ୍କୁଚିତ

ରାଉରକେଲା,୮।୧୧(ବିପ୍ଲବ ରଞ୍ଜନ ଦାଶ)

### ରାଉରକେଲା ରେଳ ଷ୍ଟେଶନ ପ୍ରବେଶ ପଥ

ରାଉରକେଲା ରେଳ ଷ୍ଟେଶନ ଛକରେ ଅଟୋ ରିକ୍ସାଗୁଡିକ ପାର୍କିଂ କରି ରହୁଥିବାରୁ ଟ୍ରାଫିକ୍ ଜାମ୍ ହେଉଛି। ଫଳରେ ରେଳଯାତ୍ରୀମାନଙ୍କ ଷ୍ଟୋନକୁ ଯିବାଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ରାଉରକେଲା ରେଲୱେ ଷ୍ଟେଶନରୁ ଦୈନିକ ଶହ ଶହ ଟ୍ରେନ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତକୁ ଚଳାଚଳ କରୁଛି। ଫଳରେ ଏହି ଷ୍ଟେଶନକୁ ଯାଇଥିବା ରାସ୍ତା ଯାତ୍ରୀ ଗମନାଗମନ ଯୋଗୁ ସବୁବେଳେ ଭିଡ଼ ହେଉଛି। ମାତ୍ର ଷ୍ଟେଶନକୁ ଯାଇଥିବା ମୁଖ୍ୟ ମାର୍ଗ ଓ ଛକରେ ସବୁବେଳେ ଶହ ଶହ ଅଟୋ ରିକ୍ସା ଛିଡା ହୋଇ ରହିବା ଏବଂ ଅବୈଧ ଦୋକାନ ଯୋଗୁ ଛକ ପରିସୀମା ସଙ୍କୁଚିତ ହେଉଛି। ଫଳରେ ଏଠାରେ ଟ୍ରାଫିକ ଜାମ୍ ହେବା ସହିତ ରେଳଯାତ୍ରୀମାନଙ୍କ ଷ୍ଟେଶନକୁ ଯିବା ଆସିବାରେ ଅସୁବିଧା ହେଉଛି ବୋଲି ରେଳଯାତ୍ରୀ ମହଲରେ ଅଭିଯୋଗ ହେଉଛି। ଦିନ ଅପେକ୍ଷା ସନ୍ଧ୍ୟା ହେଲେ ଷ୍ଟେଶନ ଛକରେ ଅଟୋ ଓ ରିକ୍ସା ସହ ଅବୈଧ ଦୋକାନ ବସୁଛି। ଏଥିସହ ଷ୍ଟେଶନ ଚାରିପଟେ ଅବୈଧ ଯାନବାହନ ପାର୍କିଂ ବଢି ଚାଲିଛି। ଯାନବାହନ ପାର୍କିଂ ନାଁରେ ଲୋକମାନଙ୍କ ପାଖରୁ ଘଣ୍ଟା ପିଛା ଟଙ୍କା ଅସୁଲ ହେଉଛି। ବାଇକ୍ ପିଛା ୧୨ଟଙ୍କା ଓ ୪ ଚକିଆ ଯାନ ପିଛା ଶହ ଶହ ଟଙ୍କା ଅସୁଲ କରାଯାଉଥିବା ଅଭିଯୋଗ ହେଉଛି। ମାତ୍ର ଏସବୁ ଉପରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ରାଉରକେଲା ଷ୍ଟେଶନ ମାର୍ଗରେ ଟ୍ରାଫିକ ପରିସ୍ଥିତି ବେଲଗାମ ହୋଇପଡୁଛି। ଷ୍ଟେଶନ ମୁଖ୍ୟମାର୍ଗରେ ଚା' ଜଳଖିଆ ଦୋକାନ ବୃଦ୍ଧି ପାଇବା ମଧ ଏହାର କାରଣ ସାଜୁଥିବା କୁହାଯାଉଛି।

ରାଉରକେଲା ରେଲୱେ ଷ୍ଟେଶନରୁ ବାହାରକୁ ବାହାରିବା କ୍ଷଣି ଷ୍ଟେଶନ ଛକର ବିଭିନ୍ନ ସ୍ଥାନରେ ଅବୈଧ ଦୋକାନ ଏବଂ ମାଳ ମାଳ ଅଟୋ ଘଣ୍ଟା ଘଣ୍ଟା ଧରି ଅଟକି ରହୁଥିବା ଦେଖିବାକୁ ମିଳୁଛି। ଘଣ୍ଟା ଘଣ୍ଟା ଧରି ବାଇକ୍ ରହୁଥିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଟ୍ରାଫିକ୍ ଜାମ୍ ହେଉଛି। ଗୋଟିଏ ପଟେ ଅବୈଧ ଦୋକାନ ବଜାର ଲଗାଇଥିବା ବେପାରୀମାନେ ଦିନରାତି ରୋଜଗାର କରୁଛନ୍ତି ଅନ୍ୟପଟେ ଟ୍ରାଫିକ୍ ଜାମ୍ ଯୋଗୁ ରେଳଯାତ୍ରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଷ୍ଟେଶନ ଛକରୁ ଅବୈଧ ପାର୍କିଂ ହଟାଇବା ପାଇଁ ସହରର ବୁଦ୍ଧିଜୀବୀ ମହଲରେ ଦାବି ହେଉଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଦିନକୁ ଦିନ ଷ୍ଟେଶନ ଛକ ମାର୍ଗ ସଙ୍କୁଚିତ ହେଉଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ରେଳ ଯାତ୍ରୀ ମହଲରେ ଦାବି ହେଉଛି। ଏ ନେଇ ରାଉରକେଲା ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସଙ୍କୁ ପଚାରିବାରୁ ସେ କହିଲେ, ଷ୍ଟେଶନ ପରିସରରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ପାର୍କିଂ କରାଯାଉଛି। ପାର୍କିଂ ପାଇଁ ଟେଣ୍ଡର ଦିଆଯାଇଛି। ଯାନବାହନ ରଖିବା ଲାଗି ନିର୍ଦ୍ଧାରିତ ଦର ମଧ୍ୟ ହୋଇଛି। ମାତ୍ର ଷ୍ଟେସନ ସମ୍ମୁଖରେ ପାର୍କିଂ ଅବ୍ୟବସ୍ଥା ନିଶ୍ଚିତ ଭାବେ ଚିନ୍ତାଜନକ। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦାସ କହିଥିଲେ।



ଷ୍ଟେଶନ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ଜାମ୍ ।

# କୃଷି, କୃଷକଙ୍କ ହିତରେ ରାଜ୍ୟ ସରକାର



ଖବରଦାତା ସମ୍ମିଳନୀରେ ଉପସ୍ଥିତ କୃଷକ ମୋର୍ଚ୍ଚା ନେତୃମଣ୍ଡଳୀ।

ରାଉରକେଲା,୮।୧୧(ବିପ୍ଲବ ରଞ୍ଜନ ଦାଶ)

### ଭାଜପା କୃଷକ ମୋର୍ଚ୍ଚାର ଖବରଦାତା ସମ୍ମିଳନୀ

ରାଉରକେଲା ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଜିଲା ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଯୋଗଦେଇ ରାଜ୍ୟରେ ଆଗାମୀ ସମୟରେ କୃଷି ଏବଂ କୃଷକଙ୍କ ହିତରେ ରହିଥିବା ବିକାଶ ଚିଠା ଉପସ୍ଥାପନା କରିଥିଲେ। ନଭେମ୍ବର ୨୧ ତାରଖରେ ବରଗଡ଼ ସୋହେଲାଠାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହେବ ବୋଲି ସାହୁ ସୂଚନା ଦେଇଥିଲେ। ଏଥିସହ ପୂର୍ବର ବିଜେଡି ସରକାରଙ୍କ ଚାଷୀଙ୍କ ପ୍ରତି ଅବହେଳା ମନୋଭାବକୁ ସେ ସମାଲୋଚନା କରିଥିଲେ। ୨୦୧୬ରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେବା ଏବଂ ୩୧୪ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପୂର୍ବର ବିଜେଡି ସରକାର ଘୋଷଣା କରିଲେ ମଧ ତାହା ହୋଇପାରିଲାନାହିଁ। ରାଜ୍ୟରେ ବରଗଡ, ଆସିକା, ନୟାଗଡ ଚିନି କଳ ସମେତ ଯାଜପୁର ଜିଲାର ପ୍ରସିଦ୍ଧ ଝୋଟ ଶିଳ୍ପ ବନ୍ଦ ହୋଇଗଲା। ରାଜ୍ୟ ସରକାରଙ୍କ ପିଆଜ ମିଶନ ଏବଂ ପିଆଜ ଘର ଯୋଜନାରେ ରହିଗଲା। ଏପରିକି ପିଏମ୍ କିଷାନ ଯୋଜନାରେ ଚାଷୀଙ୍କୁ ସାମିଲ କରାଗଲାନାହିଁ। ମାତ୍ର ୪ମାସର ଭାଜପା ସରକାର ୬ଲକ୍ଷ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିଛି। ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏଥିସହିତ ରାଉରକେଲାରେ କୃଷି ବଜାର ପ୍ରତିଷ୍ଠା ଦାବି ହୋଇ ଆସୁଥିବା ବେଳେ ପୂର୍ବ ସରକାର ସମୟରେ ବାଲୁଘାଟରେ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ବର୍ତ୍ତମାନ ଏକ ଶହ କୋଟି ଟଙ୍କା ବ୍ୟୟରେ କୃଷି ବଜାର ପାଇଁ ସ୍ଥାନୀୟ ଡିଏମ୍ଏଫ୍ ଏବଂ ଆର୍‌ଏମ୍‌ସି ଫଣ୍ଡରେ ସ୍ଥାପନ ହେବାର ପଥ ପରିଷ୍କାର ହୋଇଛି ବୋଲି ସାହୁ କହିଥିଲେ। ସେହିପରି ଚଳିତ ବର୍ଷ ଧାନ କିଣାବିକାରେ ସ୍ୱଚ୍ଛତା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ରାଜ୍ୟ କୃଷି ଶିଳ୍ପ କ୍ଷେତ୍ରରେ ଯେଭଳି ବିକଶିତ ହେବ ତାହା ହିଁ ଭାଜପାର ଲକ୍ଷ୍ୟ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, କୃଷକ ମୋର୍ଚ୍ଚା ଉପ ସଭାପତି ହଳପାଣି ମାଝୀ, ଫୁଲିଙ୍ଗ ପ୍ରକାଶ ପୁହାଣ, ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୧ରେ ବ୍ରହ୍ମାକୁମାରୀ ଆଧାତ୍ମିକ ସମାବେଶ

ରାଉରକେଲା,୮।୧୧(ଦିନେଶ ମିଶ୍ର)

ବାସନ୍ତୀ କଲୋନି ସ୍ଥିତ ଡାଇମଣ୍ଡ ଭବନ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବିମଳା ଦିଦିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୧୧ ତାରିଖରେ ସେକ୍ଟର-୨ ସ୍ଥିତ ଦୁର୍ଗାପୂଜା ପଡିଆରେ ବ୍ରହ୍ମାକୁମାରିଜ୍ ଅନୁଷ୍ଠାନ ପକ୍ଷରୁ ଏକ ବିଶାଳ ଆଧ୍ୟାତ୍ମିକ ସଭାର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଆଧ୍ୟାତ୍ମିକ ସଭାରେ ଅନ୍ତର୍ଜାତୀୟ ଖ୍ୟାତନାମା ବକ୍ତା ରାଜଯୋଗିନୀ ଶିବାନୀ ଦିଦି ଯୋଗଦେଇ ଅସ୍ଥିର ବାତାବରଣରେ ମନର ଶାନ୍ତି ଉପରେ ଉଦ୍‌ବୋଧନ ଦେବେ। ଏହାବ୍ୟତୀତ ସେକ୍ଟର-୧୮ ସୋସିଆଲ ହୋମ୍ ଉପହାରରେ ପାନିପଥରୁ ଆସୁଥିବା ପ୍ରତିଷ୍ଠିତ ଜାତୀୟ ପ୍ରେରଣାଦାୟୀ ବକ୍ତା ବରିଷ୍ଠ ରାଜଯୋଗ ଶିକ୍ଷିକା ଅନିତା ଦିଦିଙ୍କ ଦ୍ୱାରା ଏକ ନିଃଶୁଳ୍କ ରାଜଯୋଗ ଶିବିର ମଧ୍ୟ ଆୟୋଜନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।



ନଦୀ ଘାଟରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପାଇଁ ବ୍ରତୀମାନଙ୍କ ଭିଡ଼।

# ବିଶ୍ୱାସର ମହାପର୍ବ ଛଟ୍‌ପୂଜା ସମ୍ପନ୍ନ

ରାଉରକେଲା,୮।୧୧(ସଙ୍ଗୀତା ଜେନା)

### ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ବ୍ରତଧାରୀ

ବିହାର, ଉତ୍ତର ପ୍ରଦେଶ ତଥା ଉତ୍ତର ଭାରତୀୟଙ୍କ ମହାନ୍ ଲୋକପର୍ବ ୪ ଦିବସୀୟ ଛଟ୍‌ପୂଜା ଶୁକ୍ରବାର ଶେଷ ହୋଇଛି। ଝାଡ଼ଖଣ୍ଡ ସଂଲଗ୍ନ ସୁନ୍ଦରଗଡ଼ ତଥା ରାଉରକେଲାରେ ଏହି ପୂଜାକୁ ନେଇ ଉତ୍ସାହ ଲାଗି ରହିଥିଲା। ପ୍ରାୟ ୧୮ଟି ଘାଟରେ ବ୍ରତୀମାନେ ଭୋର୍ ସମୟରେ ଆସି ପହଞ୍ଚିଥିଲେ। ସେଠାରେ ବିଧିବିଧାନ ସହ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ରାଉରକେଲାରେ ଏଥିପାଇଁ ଜିଲା ପ୍ରଶାସନ ଓ ଇସ୍ପାତ କାରଖାନା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିହାର ସାଂସ୍କୃତିକ ପରିଷଦ, ଉତ୍ତର ଭାରତୀୟ ସମନ୍ୱୟ ସମିତି, ଆଦିତ୍ୟ ଘାଟ ସେବା ଟ୍ରଷ୍ଟ ସମେତ ଅନ୍ୟ ସାମାଜିକ ସଙ୍ଗଠନ ପକ୍ଷରୁ ଘାଟରେ ବ୍ରତୀମାନଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଝିରପାଣି, ବାଲୁଘାଟ, ରୁପୁଟୋଲା, ହାଡପକା ଘାଟ, ଗୋପବନ୍ଧୁପାଲୀ, ବେଦବ୍ୟାସ, ସେକ୍ଟର-୧୬, ହମିରପୁର, ବନ୍ଧମୁଣ୍ଡା, ତିଳକାନଗର, ହୋଟେଲ ସୁଶୀଲ କମ୍ପ୍ଲେକ୍ସ, ଗୋପବନ୍ଧୁପାଲୀ, ଯମୁନାନାକି, କୋଏଲ ନଦୀ ଏବଂ ଅନ୍ୟ ଜଳାଶୟ ନିକଟ ଘାଟମାନଙ୍କରେ ଏହି ବ୍ରତ ମହାସମାରୋହରେ ପାଳନ କରାଯାଇଥିଲା। ସେହିପରି ପ୍ରତ୍ୟେକ ଘାଟରେ ପୋଲିସ ସମେତ ଅଗ୍ନିଶମ ବିଭାଗ ସଜାଗ ରହିଥିଲେ। ସୁରକ୍ଷା ବ୍ୟବସ୍ଥା ପାଇଁ ୭ ପ୍ଲାଟୁନ ଫୋର୍ସ, ୨ଶହ ହୋମ୍‌ଗାର୍ଡ ଏବଂ ୪୧ଜଣ ବରିଷ୍ଠ ଅଧିକାରୀଙ୍କୁ ଘାଟମାନଙ୍କରେ ନିୟୋଜିତ କରାଯାଇଥିଲା।

## ୨୦ ମହିଳାଙ୍କୁ ଛତୁଚାଷ ତାଲିମ ପ୍ରଦାନ

ରାଉରକେଲା,୮।୧୧(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ପକ୍ଷରୁ କୁଆଁରମୁଣ୍ଡା ବ୍ଲକ ପୁଟରୀଖମନ ଓ ସାଗବେଡା ଗ୍ରାମରେ ୨୦ଜଣ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଡିଙ୍ଗିରୀ ଛତୁ ଚାଷ ତାଲିମ ପ୍ରଦାନ କରାଯାଇଛି। ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ସ୍ଥାନରେ ଚାଷ କରିବା ଏବଂ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ବୋତଲ ଛତୁମଞ୍ଜି ପ୍ରଦାନ କରାଯାଇଥିଲା। ସିଏସ୍‌ଆର ବିଭାଗର ମାଷ୍ଟର ଟ୍ରେନର ଟିନଟସ ଭେଙ୍ଗରା, ବି.ଏକ୍କା ଓ ଦଳପୋଷ ଆଦର୍ଶ ଇସ୍ପାତ ଗ୍ରାମର ସୁମନ ସହାୟକ ଗୋଷ୍ଠୀର ମାଷ୍ଟର ଟ୍ରେନର ସୁଶ୍ରୀ କମଳା ଟପ୍ପୋ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍‌ଓ ଡକ୍ଟର ଦୀପା ଲାଭାଙ୍ଗାରେ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବୃକ୍ଷରୋପଣକୁ ଉତ୍ସାହିତ କରିବା ଏବଂ ନିଜ ନିଜ ଅଞ୍ଚଳରେ ସବୁଜ ଆବରଣ ବୃଦ୍ଧି କରିବା ପାଇଁ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଫଳ ପ୍ରଦାନକାରୀ ଚାରା ଯୋଗାଇ ଦିଆଯାଇଥିଲା। ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ ସ୍ୱାଗତ ଭାଷଣ ଏବଂ ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା ଆରଏସପିର ବିଭିନ୍ନ ସିଏସ୍‌ଆର ଯୋଜନ ବିଷୟରେ ସୂଚନା ପ୍ରଦାନ କରିଥିଲେ। ମ୍ୟାନେଜର ସୁଶ୍ରୀ ସୁଧିରମଣ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି.ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅଂଶଗ୍ରହଣକାରୀଙ୍କୁ ଛତୁଚାଷ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ବେଆଇନ ବିଲ୍ଡିଂ ନିର୍ମାଣ ବନ୍ଦ ପାଇଁ ନୋଟିସ

ରାଉରକେଲା,୮।୧୧(ବିପ୍ଲବ ରଞ୍ଜନ ଦାଶ)

ପାନପୋଷସ୍ଥିତ କାଳୀ ମନ୍ଦିର ନିକଟରେ ବେଆଇନ ଭାବେ ନିର୍ମାଣାଧୀନ ଏକ ବିଲ୍ଡିଂରେ ଶୁକ୍ରବାର ରାଉରକେଲା ମହାନଗର ନିଗମ ତରଫରୁ ନୋଟିସ ଲଗାଯାଇଛି। ଆର୍‌ଏମ୍‌ସିର ପ୍ଲାନିଂ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ବିଲ୍ଡିଂ ନିର୍ମାଣସ୍ଥଳକୁ ଯାଇ ଏହି ନୋଟିସ ଲଗାଇଛନ୍ତି। ସୂଚନାଯୋଗ୍ୟ, ଏହି ବିଲ୍‌ଡିଂ ନିର୍ମାଣ ପାଇଁ ରାଉରକେଲା ମହାନଗର ନିଗମ ତରଫରୁ ପ୍ଲାନ ଅନୁମୋଦନ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ବିଲ୍ଡିଂ ମାଲିକ ଉକ୍ତ ପ୍ଲାନରେ ବିଲ୍ଡିଂ ନିର୍ମାଣ ନ କରି ନିଜସ୍ୱ ଢାଞ୍ଚାରେ ନିର୍ମାଣ କରୁଥିଲେ। ଏ ନେଇ ୨୦୨୩ରେ ଉକ୍ତ ବିଲ୍ଡିଂ ମାଲିକଙ୍କୁ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ଆର୍‌ଏମ୍‌ସି ତରଫରୁ ନୋଟିସ ଜାରି କରାଯାଇଥିଲା। କିନ୍ତୁ ସେହି ନୋଟିସକୁ ଅମାନ୍ୟ କରି ମାଲିକ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ଆଉ ଏକ ନୋଟିସ ଜାରି କରାଯାଇଥିଲେ ମଧ ମାଲିକ ଜଣଙ୍କ ନିର୍ମାଣ କାର୍ଯ୍ୟ ବନ୍ଦ କରି ନ ଥିଲେ। ବାରମ୍ବାର ନୋଟିସ ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଜାରି ରହିବାରୁ ଶୁକ୍ରବାର ଆର୍‌ଏମ୍‌ସି ଡେପୁଟି କମିଶନର ଅନୀତା ନାଏକ, ପ୍ରବର୍ତ୍ତନ ଅଧିକାରୀ ସ୍ୱାଧୀନ କୁମାର ବିଶ୍ୱାଳ ଏବଂ ଆର୍‌ଏମ୍‌ସିର ପ୍ଲାନିଂ ଓ ଏନ୍‌ଫୋର୍ସମେଣ୍ଟ ଟିମ ଉକ୍ତ ସ୍ଥାନରେ ପହଞ୍ଚି ସମ୍ପୃକ୍ତ ବିଲ୍‌ଡିଂରେ ନୋଟିସ ମାରିଥିଲେ।



ବେଆଇନ ଭାବେ ନିର୍ମାଣାଧୀନ ବିଲ୍ଡିଂରେ ନୋଟିସ ଲଗାଯାଉଛି।

## ଫୁଟ୍‌ବଲ: ବିବିସି ରାଉରକେଲା ବିଜୟୀ

ରାଉରକେଲା:୮।୧୧(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ଖେଳ ପଡିଆରେ ପତଙ୍ଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସମତା କପ୍-୨୦୨୪ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାଲିଫାଏ ମ୍ୟାଚ୍‌ରେ ବିବିସି ରାଉରକେଲା ଓ ଡବ୍ଲ୍ୟୁଓ୍ୱାଇସି ସୁନ୍ଦରଗଡ଼ ପରସ୍ପରକୁ ଭେଟିଥିଲେ। ଉଭୟ ଦଳ ସମୟ ସୀମା ମଧ୍ୟରେ ଖେଳି ବିବିସି ରାଉରକେଲା ୨-୧ ଗୋଲ୍‌ରେ ସମତା କପ୍-୨୦୨୪ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ବିଜୟୀ ହୋଇଥିଲା। ଏଥିରେ ଡିସୌଜା ସ୍କୁଲର ଚେୟାରମ୍ୟାନ ଆଲେକ୍ସଜାଣ୍ଡାର ମୁଖ୍ୟ ଅତିଥି ଏବଂ ଜେନେରାଲ ମ୍ୟାନେଜର ସିଦ୍ଧାର୍ଥ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପତଙ୍ଗ ଅନୁଷ୍ଠାନର ଜ୍ଞାନ ପଧାନ, ସୁନିଲ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫୁଟ୍‌ବଲ କୋଚ୍ ନରେନ୍ଦ୍ର ସୁନାଙ୍କ ତତ୍ତ୍ୱାବଧାନରେ ଖେଳ ଆୟୋଜନ ହୋଇଥିଲା। ରୋହିଣୀ ନିଲେକାନୀ, ଫିଲାନଥ୍ରୋପିଷ୍ଟ ଏସ୍. କେ. ଏନ୍. ଓ କେ. ଏନ୍.ଏଚ୍. ସହଯୋଗ କରିଥିଲେ।

## ଭାରତ ସ୍କାଉଟ୍ ଗାଇଡ୍‌ର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୮।୧୧(ଦିନେଶ ମିଶ୍ର)

ରାଉରକେଲା ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ୭୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ଆମ୍ବାଗାନ ନିକଟସ୍ଥ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ୫ଶହରୁ ଊର୍ଦ୍ଧ୍ୱ ସ୍କାଉଟ୍ ଓ ଗାଇଡ ଏକତିତ୍ର ହୋଇ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରୁ ବାହାରି ପୁଣି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟକୁ ଫେରିଥିଲେ। ଏହି ଅବସରରେ ରାଉରକେଲା ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକ ଓ ଜିଲା କମିଶନର ବ୍ରଜେନ୍ଦ୍ର ଦାଶ ପ୍ରତିଷ୍ଠା ଦିବସ ପାଳନର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଶିଶିର କୁମାର ସାମଲ, ହୃଷୀକେଶ ନାୟକ, ଶିଶିର ପାଣି, ସୁଶାନ୍ତ ସିଂ, ସ୍କାଉଟ ମାଷ୍ଟର ଶ୍ରୀବତ୍ସ ସାମଲ, ଅଳ୍ପନା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଥରେ ସୁଯୋଗ ଦିଅନ୍ତୁ ଶ୍ରମିକ କର୍ମଚାରୀ

ରାଉରକେଲା,୮।୧୧(ସଙ୍ଗୀତା ଜେନା)

ଇସ୍ପାତ କାରଖାନାରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ପାଖେଇ ଆସୁଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ସିଟୁ ସହବନ୍ଧିତ ଷ୍ଟିଲ୍ ଏମ୍ପ୍ଲଯିଜ୍ ଟ୍ରେଡ୍ ୟୁନିଅନ୍(ସେଟୁ) ପ୍ରଚାର ଅଭିଯାନକୁ ତୀବ୍ର କରିଛି। ୟୁନିଅନ କର୍ମକର୍ତ୍ତା କାରଖାନା କର୍ମଚାରୀମାନଙ୍କୁ ଭେଟି ଭୋଟ୍ ଭିକ୍ଷା କରିବା ସହ ସିଟୁର କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଛନ୍ତି। ଏହି କ୍ରମରେ ସନ୍ଧ୍ୟାରେ ସେକ୍ଟର-୧୬ ଶ୍ରମିକ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ପୂର୍ବରୁ ସ୍ୱାକ୍ଷର ହୋଇଥିବା ଏନ୍‌ଜେସିଏସ୍ ବାତିଲ କରି ଏକ ଓଫଲ ଏନ୍‌ଜେସିଏସ୍ ଗଠନକୁ ପ୍ରମୁଖତା, ଶିଳ୍ପାଞ୍ଚଳରେ ଖାଲି ରହିଥିବା ଘର ଗୁଡ଼ିକ ଇସ୍ପାତ ଶ୍ରମିକ, ଅବସରପ୍ରାପ୍ତ ଶ୍ରମିକଙ୍କୁ ଅନ୍ୟ କାରଖାନା ଭଳି ସୁଲଭ ମୂଲ୍ୟରେ ପ୍ରଦାନ, ଆଇଜିଏଚ୍‌ରେ ଅବ୍ୟବସ୍ଥା ସୁଧାରିବା, ସେଲ୍‌ର ଘରୋଇକରଣକୁ ବିରୋଧ, ବିସ୍ଥାପିତଙ୍କ ସମସ୍ୟାର ସ୍ଥାୟୀ ସମାଧାନ, ଠିକାଦାର ଓ ଅଧିକାରୀମାନଙ୍କୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ ଆଦି ୧୬ଟି ପ୍ରତିଶ୍ରୁତି ଏଥିରେ ସ୍ଥାନ ପାଇଛି। ଏହି ଅବସରରେ ସିଟୁ ସର୍ବଭାରତୀୟ ଅଧ୍ୟକ୍ଷ ବିଷ୍ଣୁ ମହାନ୍ତି କହିଲେ, ପୂର୍ବରୁ ଶ୍ରମିକମାନେ ବିଏମ୍‌ଏସ୍, ଆର୍‌ଏସ୍‌ଏସ୍‌କୁ ବିଜୟ ଦେଇଥିଲେ। ତେବେ ସେମାନେ ସିଟୁକୁ ମାତ୍ର ଥରଟିଏ ବିପୁଳ ମାତ୍ରାରେ ଭୋଟ୍ ଦେଇ ଜୟଯୁକ୍ତ କରାନ୍ତୁ ବୋଲି ମହାନ୍ତି ଆହ୍ୱାନ ଦେଇଥିଲେ। ସିଟୁ ସାଧାରଣ ସମ୍ପାଦକ ବସନ୍ତ ନାୟକ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ପ୍ରଦୀପ ସେଠୀ, ଯଜ୍ଞେଶ୍ୱର ସାହୁ, ପ୍ରଦୋଷ ପରିଡ଼ା, ଜେ. କେ. ସାହୁ, ରାଜକିଶୋର ପ୍ରଧାନ, କୁଳମଣି ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ନେତୃମଣ୍ଡଳୀ।

## ଇସ୍ତାହାର ପ୍ରକାଶ କଲା ଆର୍‌ଏସ୍‌ଏସ୍ ମେଣ୍ଟ

ରାଉରକେଲା,୮।୧୧(ସଙ୍ଗୀତା ଜେନା)

### ଆର୍‌ଏସ୍‌ପି ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ଆସନ୍ତା ୧୨ ତାରିଖରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଘ ନିର୍ବାଚନ ହେବାକୁ ଯାଉଛି। ଏ ନେଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଏହାର ମେଣ୍ଟ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ସେକ୍ଟର-୮ ଜିଏମ୍‌ଏମ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି।

ଆର୍‌ଏସ୍‌ଏସ୍ ସଭାନେତ୍ରୀ ଡି. ଏସ୍. ପାଣିକର, ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ନିହାର ଦାସ, ଜିଏମ୍‌ଏମ୍ ସଭାପତି ଜର୍ଜ ତିର୍କୀ, କାର୍ଯ୍ୟକାରୀ ସଭାପତି ତଥା ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ, ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ସମେତ ଅନ୍ୟମାନେ ଇସ୍ତାହାର ପ୍ରକାଶ ସମୟରେ ଉପସ୍ଥିତ ଥିଲେ। ଶ୍ରମିକଙ୍କୁ ୩୯ ମାସର ଏରିଅର ପ୍ରଦାନ, ଗ୍ରାଚ୍ୟୁଇଟି ସିଲିଂ ଉଚ୍ଛେଦ ଲାଗି ଏନ୍‌ଜେସିଏସ୍‌ରେ ଏମ୍‌ଓୟୁ ଦ୍ୱାରା ସମାଧାନ ପାଇଁ ପ୍ରୟାସ, ମାସିକ ଇନସେଣ୍ଟିଭ୍ସ, ଦକ୍ଷିଣ ରାଉରକେଲାରେ ପାନୀୟ ଜଳ ସମସ୍ୟା ଦୂର କରିବା, ଅଗ୍ନିଶମ କର୍ମଚାରୀମାନଙ୍କୁ ଟ୍ରାଫିକ୍ ଡ୍ୟୁଟି ବନ୍ଦ କରିବା ଭଳି ୨୮ଟି ପ୍ରତିଶ୍ରୁତି ଉକ୍ତ ଇସ୍ତାହାରରେ ସ୍ଥାନ ପାଇଛି। ଏହି ଅବସରରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ବେହେରା କହିଥିଲେ, ଆର୍‌ଏସ୍‌ଏସ୍ ପୂର୍ବରୁ କୋର୍ଟରେ ବିଜୟ ଲାଭ କରି ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀଙ୍କୁ ସ୍ଥାୟିତ୍ୱ ଦେଇଥିଲା। ଏରିଅର ପ୍ରଦାନ କ୍ଷେତ୍ରରେ ମଧ ସଂଘର୍ଷ ଜାରି ରହିବ ବୋଲି ବେହେରା କହିଥିଲେ। ଉପସଭାପତି ନିହାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଖବରଦାତା ସମ୍ମିଳନୀ ପୂର୍ବରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ବିଭିନ୍ନ ସେକ୍ଟରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃମଣ୍ଡଳୀ।

# ସ୍ୱଚ୍ଛତା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ

ସମ୍ବଲପୁର,୮।୧୧(ଭବାନୀ ଶଙ୍କର ଭୋଇ)



ଖବରଦାତା ସମ୍ମିଳନୀରେ ସମ୍ବଲପୁର ମହାନଗର କମିଶନର ବେଦଭୂଷଣ ଏବଂ ଅନ୍ୟ ଅଧିକାରୀବୃନ୍ଦ।

■ସ୍ୱଚ୍ଛତା ପାଇଁ ପ୍ରବର୍ତ୍ତନ ଟିମ୍ ଗଠନ କରାଯିବ
■ଦୋକାନରେ ଦୁଇଟି ଡଷ୍ଟବିନ ରଖିବା ବାଧ୍ୟତାମୂଳକ
■ସହରରୁ ହଟିବ ବଡ ଡଷ୍ଟବିନ, ସ୍ୱଚ୍ଛତା ଶବାରିରେ ଆବର୍ଜନା ଦେବାକୁ ଅନୁରୋଧ

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଆରମ୍ଭ କରାଯିବା ନେଇ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହାନଗର ପକ୍ଷରୁ ଶୁକ୍ରବାର କରାଯାଇଥିବା ଘୋଷଣା ଅନୁସାରେ ସହରରେ ରହିଥିବା ସମସ୍ତ ବଡଡଷ୍ଟବିନ ଗୁଡିକୁ ପର୍ଯ୍ୟାୟକ୍ରମେ ହଟାଇ ଦିଆଯିବ। ସେଥିପାଇଁ ମହାନଗର ଅଞ୍ଚଳରେ ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଯଦି କୌଣସି ଅଞ୍ଚଳକୁ ସ୍ୱଚ୍ଛତା ଶବାରୀ ପହଞ୍ଚୁନାହିଁ ତେବେ ସ୍ୱଚ୍ଛସାଥୀମାନଙ୍କୁ ଯୋଗାଯୋଗ କରିବା ପାଇଁ ମହାନଗର କମିଶନର ବେଦଭୁଷଣ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ପ୍ରତି ଘରେ ଦୁଇଟି ଡଷ୍ଟବିନ ରଖି ଶୁଖିଲା ଏବଂ ଓଦା ଆବର୍ଜନାଗୁଡିକୁ ପୃଥକ ଭାବେ ସ୍ୱଚ୍ଛତାଶବାରୀରେ ଦେବାକୁ ମହାନଗର ନିଗମ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ସହରର ସମସ୍ତ ଦୋକାନୀ ଦୁଇଟି ଡଷ୍ଟବିନ ରଖିବା ବାଧ୍ୟତାମୂଳକ କରାଯାଇଛି। ତାସହ ପ୍ରତି ଦୋକନୀ ନିଜର ଦୋକାନର ପାଞ୍ଚମିଟର ପରିମିତ ଅଞ୍ଚଳକୁ ସଫାସୁତୁରା ରଖିବା ଦାୟିତ୍ୱ ମଧ୍ୟ ସମ୍ପୃକ୍ତ ଦୋକାନୀ ଉପରେ ନ୍ୟସ୍ତ କରାଯାଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପାଇଲଟ ପ୍ରକଳ୍ପ ଭାବେ କାମ ଆରମ୍ଭ ହୋଇସାରିଥିବା ମହାନଗର କମିଶନର କହିଛନ୍ତି। କିଛି ଅଞ୍ଚଳରେ ଏହାକୁ ପରୀକ୍ଷାମୁଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ସେହି ଅଞ୍ଚଳରେ ଏହାର ସୁଫଳ ମଧ୍ୟ ମିଳିଥିବା ମହାନଗର କମିଶନର ପ୍ରକାଶ କରିଛନ୍ତି। ତେଣୁ ଏହାକୁ ସାରା ସହରରେ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ଏହାସହ ଜବର ଦଖଲ ଉଚ୍ଛେଦ ପାଇଁ ଯେଉଁଭଳି ଏକ ପ୍ରବର୍ତ୍ତନ ଟିମ କାର୍ଯ୍ୟ କରୁଛି ସେହିଭଳି ସ୍ୱଚ୍ଛତା ତଦାରଖ ପାଇଁ ମଧ୍ୟ ଏକ ପ୍ରବର୍ତ୍ତନ ଟିମ୍ ଆରମ୍ଭ କରାଯାଇଥିବା ମହାନଗର କମିଶନର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ସହ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଆସନ୍ତା ଏପ୍ରିଲ ୧ତାରିଖରୁ କାଗଜ ଚା'କପ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ଲଗାଯିବ।

ମହାନଗର ଅଞ୍ଚଳରେ ପାର୍କିଂକୁ ନିୟନ୍ତ୍ରଣ କରିବା ପାଇଁ ସହରରେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇ ପାର୍କିଂ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା କରାଯାଉଥିବା ନେଇ ମହାନଗର ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ଦୋକାନ ସାମନାରେ ରାସ୍ତା ଉପରେ ପାର୍କିଂ କରାଯିବା ଯୋଗୁ ରାସ୍ତାରେ ଯାତାୟତ ସମସ୍ୟା ସୃଷ୍ଟି ହେଉଥିବାରୁ ଏହା ଉପରେ କଡା ଆଭିମୂଖ୍ୟ ଗ୍ରହଣ କରାଯାଇଛି। ଦୋକାନୀମାନେ ନିଜ ପରିସରରେ ପାର୍କିଂ ବ୍ୟବସ୍ଥା କରିବାକୁ ମହାନଗର ପକ୍ଷରୁ ଅନୁରୋଧ କରାଯାଉଛି। ସହରକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ଦିଗରେ ସହରବାସୀଙ୍କ ବଡ ଦାୟିତ୍ୱ ରହିଥିବା କମିଶନର କହିଛନ୍ତି। ଏହାସହ ଯେଉଁମାନେ ସ୍ୱଚ୍ଛତା କାର୍ଯ୍ୟରେ ସହଯୋଗ କରୁଛନ୍ତି, ସେମାନଙ୍କୁ ମହାନଗର କମିଶନର ଧନ୍ୟବାଦ ଦେବାସହ ଆଗକୁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏହାସହ ସ୍ୱଚ୍ଛତା ଅଭିଯାନରେ କିଭଳି ଅଧିକ ମାତ୍ରାରେ ଜନ ଭାଗିଦାରୀରେ ସମସ୍ତ କାମ କରାଯିବ ସେ ନେଇ ସହରର ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

# ପାର୍କିଂ ଫି ଆଦାୟ ବନ୍ଦ ହେବ


ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ବଲପୁର,୮।୧୧(ଭବାନୀ ଶଙ୍କର ଭୋଇ)

**ଜିଲାପାଳଙ୍କ ସହ ଆଲୋଚନା ପରେ ପାର୍କିଂ ଫି ଆଦାୟ ବନ୍ଦ ନେଇ ନିଷ୍ପତ୍ତି**

ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ମହିଳାଥାନାରୁ ପୀରବାବା ଛକ ପର୍ଯ୍ୟନ୍ତ ଫ୍ଲାଇଓଭର ତଳେ ଗାଡି ପାର୍କିଂ ପାଇଁ ପାର୍କିଂଫି ଆଦାୟ ଆରମ୍ଭ ହେବାନେଇ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହା ପରେ ଶୁକ୍ରବାର ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସମ୍ବଲପୁର ଜିଲାପାଳଙ୍କୁ ଭେଟି ଏହାର ପ୍ରତିବାଦ କରିଛନ୍ତି। ସମ୍ବଲପୁର ବିଧାୟକ ଜିଲାପାଳଙ୍କୁ ସ୍ୱତନ୍ତ୍ର ଭାବେ ପାର୍କିଂ ଜୋନ ନିର୍ମାଣ ନ ହେବା ପର୍ଯ୍ୟନ୍ତ ରାସ୍ତା ଘାଟରେ ପାର୍କିଂ ଫି ଆଦାୟ ନ କରିବାକୁ ଜିଲାପାଳଙ୍କୁ କହିଥିଲେ। ଆଲୋଚନା ପରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବିଧାୟକଙ୍କୁ ଶନିବାରଠାରୁ ପାର୍କିଂ ଫି ଆଦାୟ ନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଏହି ବିବାଦର ସମାଧାନ ହୋଇଛି।

ସୂଚନା ଯୋଗ୍ୟଯେ, ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରରେ ମହାନଗର ନିଗମ ପକ୍ଷରୁ ଏଯାବତ କୌଣସି ସ୍ଥନକୁ ପାର୍କିଂ ପାଇଁ ଚିହ୍ନଟ କରାଯାଇନାହିଁ। ଲକ୍ଷ୍ମୀଟକିଜ ଛକଠାରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଏବଂ ଲକ୍ଷ୍ମୀଟକିଜରୁ ଭୁତାପଡା ଛକ ପର୍ଯ୍ୟନ୍ତ ରାସ୍ତା ସଙ୍କୁଚିତ ଥିବାବେଳେ ଗାଡିମାନଙ୍କର ପାର୍କିଂ କରାଯିବା ଦ୍ୱାରା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଏଭଳି ସ୍ଥିତିରେ ପ୍ରଶାସନ କୌଣସି ସ୍ଥାନ ନିରୂପଣ ନ କରି ପାର୍କିଂ ଫିସ ନାମରେ ହଠାତ ଜନସାଧାରଣଙ୍କଠାରୁ ୧୦ ଟଙ୍କା ଆଦାୟ କରିବା ଘଟଣାକୁ ତିବ୍ର ବିରୋଧ କରାଯାଇଥିଲା। ସାମାଜିକ ଗଣମାଧମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ବିଜେଡି ଜିଲା ସଭାପତି ଇଂ. ରୋହିତ ପୂଜାରୀ ଏହାକୁ ତୁରନ୍ତ ପ୍ରତ୍ୟାଖ୍ୟାନ ନ କରାଗଲେ ଦଳ ତରଫରୁ ଆନ୍ଦୋଳନ କରାଯିବ ବୋଲି ଘୋଷଣା ମଧ୍ୟ କରିଥିଲେ। ତେବେ ସମ୍ବଲପୁର ବିଧାୟକ ଘଟଣାରେ ହସ୍ତକ୍ଷେପ କରି ଜିଲାପାଳଙ୍କ ସହ ଆଲୋଚନା ପରେ ସମସ୍ୟାର ସମାଧାନ ହେବାଦ୍ୱାରା ସାଧାରଣ ଲୋକ ଆଶ୍ୱସ୍ତି ଲାଭ କରିଛନ୍ତି। ମହିଳାଥାନାରୁ ପୀରବାବା ଛକ ପର୍ଯ୍ୟନ୍ତ ଫ୍ଲାଇଓଭର ତଳେ ଗାଡି ପାର୍କିଂ ପାଇଁ ପାର୍କିଂଫି ଆଦାୟ ବାବଦରେ ମହାନଗର ନିଗମ ପକ୍ଷରୁ ଟେଣ୍ଡର କରାଯାଇଥିଲା। ଏଥିରେ ୧୮ ଅକ୍ଟୋବର ୨୦୨୪ ରେ ଆଶିଷ ବାଗ ନାମ ବ୍ୟକ୍ତିଙ୍କୁ ୮ ଲକ୍ଷ ୬୫ ହଜାର ଟଙ୍କାରେ ଏକ ବର୍ଷ ପାଇଁ ପାର୍କିଂଫି ଆଦାୟ କରିବାକୁ ଠିକା ଦାୟିତ୍ୱ ଦିଆଯାଇଥିଲା।

# କୃଷି ବିଭାଗ ଦ୍ୱାରା ପ୍ରଦତ୍ତ ରିପୋର୍ଟ ସଂଶୋଧନ କର

କୁଚିଣ୍ଡା,୮।୧୧(ବିରଞ୍ଚି ଦର୍ଶୀ)

**ଉଛକାପାଟ ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି**

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ ଉଛକାପାଟ ପଞ୍ଚାୟତକୁ ମରୁଡି ଘୋଷଣା ପାଇଁ ଶୁକ୍ରବାର ବାମରା ତହସିଲଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉଛକାପାଟ ସରପଞ୍ଚ ସୁବନ୍ତି କେଛୁ, ସମିତି ସଭ୍ୟା ସୌଦାମିନୀ ନାୟକ ଓ ଚାଷୀନେତା ଯୋଗବିହାରୀ ପରିଡ଼ାଙ୍କ ନେତୃତ୍ୱରେ ଚାଷୀମାନଙ୍କୁ ନେଇ ଶୋଭାଯାତ୍ରା ବାମରା ସହର ପରିକ୍ରମା କରିଥିଲା। ପରେ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜଳସେଚନ ବିହୀନ ଉଛକାପାଟ ପଞ୍ଚାୟତରେ ଶୀଘ୍ର ଇନପୁଟ ସବସିଡି ପ୍ରଦାନ,କୃଷିବୀମା କ୍ଷତିପୂରଣ ଦେବା ସହ କୃଷି ଋଣ ଛାଡ, ଲହରଙ୍ଗା ନଦୀ ଉପରେ ଏକ ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା, କୃଷି ବିଭାଗ ଦ୍ୱାରା ଦିଆଯାଇଥିବା କ୍ଷୟକ୍ଷତି ରିପୋର୍ଟକୁ ସଂଶୋଧନ କରି ପଠାଇବା, କୃଷିରେ ବ୍ୟବହୃତ ସମସ୍ତ ବକେୟା ବିଦ୍ୟୁତ୍ ବିଲ୍ ଛାଡ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ନକଲ ବାମରା ବିଡିଓ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ଜିଲାପାଳ ଓ କୁଚିଣ୍ଡା ଉପଜିଲାପାଳଙ୍କୁ ପ୍ରେରଣ କରାଯାଇଛି। ଏହି ଆନ୍ଦୋଳନରେ ଆଲୋକ ଚୌଧୂରୀ, ଦେଓକରଣ ଲୁହା, ସନାତନ ବାଡା, ସୁକାନ୍ତ ନାଏକ, ପଟେଲ ବାଘ, ଯୋଗେଶ୍ୱର ମାଝି, ଦିଲୀପ ବାଘ, ଟଙ୍କଧର ନିଖଣ୍ଡିଆଙ୍କ ସମେତ ଶତାଧିକ ମହିଳା ପୁରୁଷ ଚାଷୀ ସାମିଲ ହୋଇଥିଲେ।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ଆୟୋଜିତ ବିଜ୍ଞାନ ଏବଂ କଳା ପ୍ରଦର୍ଶନୀରେ ଅତିଥି ଓ ବିଚାରକମାନେ।

# ବିଜ୍ଞାନରେ ୪୬, କଳାରେ ୩୦ ପ୍ରକଳ୍ପ ପ୍ରଦର୍ଶିତ

ସମ୍ବଲପୁର, ୮।୧୧(ବି.ଶଙ୍କର)

**ପୁରୁଣା ବଲାରଙ୍ଗା ଉଚ୍ଚବିଦ୍ୟାଳୟରେ ପ୍ରଦର୍ଶନୀ**

ବିଜ୍ଞାନ ଏବଂ କଳା ପ୍ରଦର୍ଶନୀ-୨୦୨୪ ଶୁକ୍ରବାର ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅର୍ନ୍ତଗତ ପୁରୁଣା ବଲାରଙ୍ଗା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ପ୍ରଦର୍ଶନୀରେ ସବ୍ ଜୁନିୟର, ଜୁନିୟର, ସିନିୟର ବିଭାଗରେ ସର୍ବମୋଟ ୪୬ଟି ପ୍ରକଳ୍ପ ଏବଂ କଳା ପ୍ରଦର୍ଶନୀରେ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିପାଲି ଚୌଧୁରୀ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପାର୍ଥସାରଥୀ ପ୍ରଧାନ ମୁଖ୍ୟ ଅତିଥି , ମାନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି, ସିଆର୍‌ସିସି ମନୋରଞ୍ଜନ ମେହେର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କ୍ଷୀରୋଦ ପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ ବିଭାଗର ବିଚାରକ ଭାବରେ ମହୁଲପାଲି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶମ୍ଭୁନାଥ ନାଏକ ଏବଂ ପଞ୍ଚପୁଟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମଧୁସୂଦନ ମିଶ୍ର ଯୋଗଦେଇଥିଲେ। କଳା ପ୍ରଦର୍ଶନୀର ବିଚାରକ ଭାବେ ମାନେଶ୍ୱର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ଏବଂ ନୂଆ ବଲାରଙ୍ଗା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ମେହେର ଯୋଗଦେଇଥିଲେ। ବିଜ୍ଞାନ ସବ୍‌ଜୁନିୟର ବର୍ଗରେ ଲିଜା ପାତ୍ର ପ୍ରଥମ, ଅର୍ଜ୍ଜୁନ କୁମ୍ଭାର ଦ୍ୱିତୀୟ, ଧୀରେନ୍ଦ୍ର ଭୋଇ ତୃତୀୟ, ଜୁନିୟର ବର୍ଗରେ ଆୟୁଶ ଭୋଇ ପ୍ରଥମ, ଦେବାଶିଷ ପୋଢ଼ ଦ୍ୱିତୀୟ, ସଂଯୁକ୍ତା ପୋଢ଼ ତୃତୀୟ, ସିନିୟର ବର୍ଗରେ ଜୁଲି କୁମୁରା ପ୍ରଥମ, ଟଙ୍କଧର ପାତ୍ର ଦ୍ୱିତୀୟ, ଜ୍ୟୋର୍ତିମୟୀ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କଳା ବିଭାଗରେ କୀର୍ତ୍ତିଶ୍ରୀ ଷଣ୍ଢ, ଉମାକାନ୍ତ କୁମ୍ଭାର,ଗୌରବ କାରିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଠେମରା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରତାପ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମିଲି ରାଉତ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୌମ୍ୟରଞ୍ଜନ ଧଳ, ସ୍ୱାଗତିକା ପଣ୍ଡା, ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ନୀମା ସାହୁ, ଶିକ୍ଷକ ଦିଲୀପ ସାହୁ, ଗଙ୍ଗାଧର ପ୍ରଧାନ, ବିଜୟ ପୋଢ଼, ପୂର୍ଣ୍ଣିମା ଭୋଇ, କ୍ଷୀରାବ୍ଧି ତନୟା ପଧାନ ସହଯୋଗ କରିଥିଲେ ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ

ସମ୍ବଲପୁର,୮।୧୧(ବି.ଶଙ୍କର)

ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ-୨୦୨୪ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଯୋଗ ଦେଇ ଶିଶୁମାନଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ। ସମ୍ବଲପୁର ଜିଲା ପରିଷଦ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ, ଧନକଉଡା ସିଡିପିଓ ମିନତୀ ଦାଶ ସମ୍ମାନିତ ଅତିଥି ଥିଲେ। ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ୩ଟି ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଫୁଟବଲ ପ୍ରତିଯୋଗିତାରେ ରୁକ୍ମିଣୀ ଲାଠ ବାଳନିକେତନ ପ୍ରଥମ, ଦଳଗତ ବରିଷ୍ଠ ନୃତ୍ୟରେ ଉତ୍କଳ ବାଳାଶ୍ରମ ଓ ଡ. ଆଇଜାକ ସାନ୍ତା ବାଳନିକେତନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅତିଥି ବିଜୟୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଆଇଟିଆଇରେ ପଢୁଥିବା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନଙ୍କୁ ମୋବାଇଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନାରେ ଶିଶୁ ସୁରକ୍ଷା ଅଧିକାରୀ ବବିତା କର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଏନଏଲସି ଡିଜିଏମ ତଥା ଏଚଆର ମ୍ୟାନେଜର ପ୍ରତାପ ମହାରଣା, ପୂର୍ଣ୍ଣିମା ତ୍ରିପାଠୀ, ସିଡବ୍ଲ୍ୟୁସି ସଭ୍ୟ ଶିବ ନନ୍ଦ, ଯଦୁମଣୀ କୁମ୍ଭାର ଉପସ୍ଥିତ ଥିଲେ ।


ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ।

# ଆସ୍ଥା, ବିଶ୍ୱାସର ପ୍ରତୀକ ଛଟ୍‌ପୂଜା ଉଦ୍‌ଯାପିତ

କୁଚିଣ୍ଡା,୮।୧୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଝୁଲେନପୋଲ ନିକଟସ୍ଥ ଖର୍ଲା ନଦୀଘାଟରେ ମଙ୍ଗଳବାର ଠାରୁ ଚାରିଦିନ ଧରି ଚାଲିଥିବା ଛଟପୂଜା ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଆସ୍ଥା,ବିଶ୍ୱାସ ଓ ସଂସ୍କାରର ପର୍ବ ଏହି ଛଟପୂଜା କୁଚିଣ୍ଡା ବିହାରୀ ସମ୍ପ୍ରଦାୟ ପକ୍ଷରୁ ଆୟୋଜିତ ହୋଇଥିଲା। ଛଟପୂଜା କମିଟି ସଭାପତି ପ୍ରଦୀପ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ପୂଜାରେ ଗୁରୁବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ପ୍ରଭାତରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ପରେ ଏହାର ସମାପନ କରାଯାଇଥିଲା। ଛଟପର୍ବ ଅବସରରେ ରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମାଟିରେ ନିର୍ମିତ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁବାର ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାମାୟଣ ପାଠ କରାଯାଇଥିଲା। ଛଟପର୍ବର ମଙ୍ଗଳବାର ପ୍ରଥମ ଦିନ 'ନହାଖା' ଅବସରରେ ମହିଳାମାନେ ନଦୀରେ ସ୍ନାନ ସାରି ବାସଗୃହକୁ ପାଣିରେ ଧୋଇ ତାପରେ ଖାଦ୍ୟ ଗ୍ରହଣ କରିଥିଲେ। ବୁଧବାର ଦ୍ୱିତୀୟ ଦିନ 'ଖରାନା'ରେ ମହିଳାମାନେ ଉପବାସ ବ୍ରତକରି ସନ୍ଧ୍ୟାରେ ସୂର୍ଯ୍ୟ ପୂଜା ସାରି ଭୋଜନ ଗ୍ରହଣ କରିଥିଲେ। ଏହି ଛଟପର୍ବ ଓ ପୂଜାକୁ ବିହାରୀ ସମ୍ପ୍ରଦାୟର ସମସ୍ତ ବିବାହିତ ମହିଳା ପାଳନ କରିଥାନ୍ତି। ଏହି ଅବସରରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଖର୍ଲା ନଦୀ କୂଳରେ ସମସ୍ତେ ଏକାଠି ହୋଇ ସୂର୍ଯ୍ୟଙ୍କୁ ପୂଜା କରିଥିଲେ। ଶୁକ୍ରବାର ସକାଳେ ଉଦିତ ସୂର୍ଯ୍ୟ ଅର୍ଘ୍ୟ ଅର୍ପଣ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଓ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ଯୋଗ ଦେଇଥିଲେ। ପରେ ପୂଜିତ ପ୍ରତିମୂର୍ତ୍ତିମାନଙ୍କୁ ବିସର୍ଜନ କରାଯାଇ ପ୍ରସାଦ ସେବନ କରାଯାଇଥିଲା। ଛଟପୂଜା କମିଟି ପକ୍ଷରୁ ରାଜ ରାୟ, ଲଲନ ରାୟ, ଟିଙ୍କୁ ରାୟ, ରବି ସିଂ, ବିବେକ ରାୟ, ବଲୁ ରାୟ, ରାକେଶ ରାୟ, ଅଙ୍ଗଦ ରାୟ, ରୋହିତ ରାୟ, ବୁଲା ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମନ୍ତ୍ରୀ ରବିନାରାୟଣ ନାଏକ ଉଦିତ ସୂର୍ଯ୍ୟ ପୂଜାରେ ସାମିଲ ହୋଇ ଅର୍ଘ୍ୟ ଅର୍ପଣ କରୁଛନ୍ତି।

# ବାଳ ବୈଜ୍ଞାନିକ ପ୍ରଦର୍ଶନୀ, ପୋଷଣ ମେଳା

ସମ୍ବଲପୁର,୮।୧୧(ବି.ଶଙ୍କର)


ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ପୋଷଣ ମେଳାରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

■ନୂତନ ତଥ୍ୟଭିତ୍ତିକ ଓ ଅନୁସନ୍ଧାନମୂଳକ ବିଜ୍ଞାନ ପ୍ରକଳ୍ପ ଜରୁରୀ
■ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ

ବିଦ୍ୟାଳୟସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ପୋଷଣ ମେଳା ସ୍ଥାନୀୟ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ମେଳା ହୋଇଥିଲା । ଏହି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀକୁ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆର୍ୟୁର୍ବିଜ୍ଞାନ ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରର ଆସୋସିଏଟ୍ ପ୍ରଫେସର ଡାକ୍ତର ପ୍ରଜୀତ ଶାଶ୍ୱତ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବାଳ ବୈଜ୍ଞାନିକମାନଙ୍କୁ ବିଜ୍ଞାନ ପୁସ୍ତକ ପଠନ ସହିତ ପ୍ରତିବର୍ଷ ଏକ ନୂତନ ତଥ୍ୟଭିତ୍ତିକ ତଥା ଅନୁସନ୍ଧାନମୂଳକ ବିଜ୍ଞାନ ପ୍ରକଳ୍ପ ତିଆରି କରିବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦିତ ଚନ୍ଦ୍ର ପାଢୀଯୋଶୀ, ଫକୀର ମୋହନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନାକ୍ଷୀ ରାଣୀ ପୂଜାରୀ, ସୌଭାଗିନୀ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରି ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ସଭାଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ଅଧିବେଶନରେ ପୋଷଣ ଓ ଦାନ୍ତର ଯତ୍ନ ଉପରେ ଆଧାରିତ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ସ୍ୱର୍ଣ୍ଣଲତା ପଣ୍ଡା ଦୈନନ୍ଦିନ ଜୀବନରେ ସନ୍ତୁଳିତ ତଥା ପୌଷ୍ଟିକ ଖାଦ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଆଲୋଚିକା ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ଆକାଂକ୍ଷା ଶର୍ମା ଦନ୍ତରୋଗ ଉପରେ ଆଲୋଚନା କରିବା ସହିତ ମୁଖଗହ୍ୱର କର୍କଟ ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଛାତ୍ରଜୀବନରୁ ଦନ୍ତର ସ୍ୱଚ୍ଛତା ଓ ମାଦକଦ୍ରବ୍ୟ ବ୍ୟବହାରରୁ ନିଜକୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ। ପୋଷଣ ମେଳା କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା ସମିତି ସଭ୍ୟା ମୈଥିଳୀ ସ୍ୱାଇଁ, ଲକ୍ଷ୍ମୀ ତାଣ୍ଡି, ସବିତା ସାହୁ, ପୁଷ୍ପାଞ୍ଜଳି ସାହୁ, ସୌଦାମିନୀ କୁଣ୍ଡୁ ପ୍ରମୁଖ ପରିଚାଳନା କରିଥିଲେ। ମେଳାରେ ମୋଟ ୬୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଉଦ୍‌ଯାପନ ଉତ୍ସବରେ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଦାଶ ମୁଖ୍ୟଅତିଥି ଏବଂ ଅଇଁଠାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ବୈଜ୍ଞାନିକ ଚିନ୍ତାଧାରା ସହିତ ସଦାସର୍ବଦା କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଜ୍ଞାନର ଜୟଯାତ୍ରା ସହ ବିଜ୍ଞାନମନସ୍କ ହେବା ସହିତ ସମାଜରୁ ଅନ୍ଧବିଶ୍ୱାସ ଦୂରୀଭୂତ କରିବା ପାଇଁ ଚେଷ୍ଟିତ ହେବାକୁ ମୁଖ୍ୟ ଅତିଥି ଡ.ଦାଶ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଡାକ୍ତର ସାହୁ କହିଥିଲେ ଯେ, ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ। ସଭାକାର୍ଯ୍ୟକୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ପରିଚାଳନା କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତନୟ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ବିଜ୍ଞାନଶିକ୍ଷୟିତ୍ରୀ ଅପର୍ଣ୍ଣା ପଣ୍ଡା, ପ୍ରିନ୍ସିତା ରାଣୀ ବିଶି, ସୁଧାମୟୀ ପ୍ରଧାନ, ଅନୁବିନ୍ଦା ଦାଶ, ସୁଷମା ଖଡ଼ିଆ, ଗାୟତ୍ରୀ ଭୋଇ, ଅନ୍ନପୂର୍ଣ୍ଣା ପୂଜାରୀ, ଗାୟତ୍ରୀ ଭୋଇ, ଜ୍ଞାନେଶ୍ୱର କର, ମଦନମୋହନ ମାଝୀ, ଭୋଳାନାଥ ବିଷୋୟୀ, ସୁବ୍ରତ କୁମାର ସାହୁ, ଦେବଶ୍ରୀ ଦେହୁରୀ, ସୁଜୀତ ନାରାୟଣ ନାଏକ, ଅଫିସ ସହକାରୀ ଜିତେନ୍ଦ୍ରିୟ ବେରିହା, ବୁଦ୍ଧି ବାହାଦୁର, ଶିବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପିକୁନ



@ ରମେଶ



@ ରାଜକିଶୋର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିଶୁ ମହୋତ୍ସବ ମହକ ଉଦ୍‌ଯାପିତ



ମହକ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ।

**ସୋନପୁର, ୮।୧୧ (ମୃତ୍ୟୁଞ୍ଜୟ ଶତପଥୀ)**

ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ସୁବର୍ଣ୍ଣପୁର ଜିଲାର ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନଙ୍କୁ ନେଇ ଜିଲାସ୍ତରୀୟ ମହୋତ୍ସବ 'ଉତ୍ସବ-୨୦୨୪ ଓ ମହକ' ସ୍ଥାନୀୟ ସଂସ୍କୃତି ଭବନଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ଦୁଇ ଦିନ ଧରି ଚାଲିଥିଲା। ବୁଧବାର ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଗୀତ, ନାଚ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା, ଜିଲା ସଂସ୍କୃତି ଅଧିକାରିଣୀ ଯମୁନା ପଧାନ ଓ କିଶୋର ନ୍ୟାୟ ବୋର୍ଡ ସଦସ୍ୟ ରଞ୍ଜିତା ସାହୁ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ବିକାଶ ନିମନ୍ତେ ଉତ୍ସାହିତ କରିଥିଲେ। ବିଜୟ ବିଶାଳ ମଞ୍ଚ ପରିଚାଳନା କରିଥିବାବେଳେ କେଶବ ଚନ୍ଦ୍ର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲାପାଳ ଅନ୍ୟା ଦାସ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୋନପୁର ଉପଜିଲାପାଳ ଡ଼ ସୌମ୍ୟରୂପା ରଥ, ଡିଏସ୍‌ପି ପ୍ରତାପ ରଣା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ବରିଷ୍ଠ ଶିକ୍ଷକ ଗିରିଶ ତ୍ରିପାଠୀ ଯୋଗଦେଇ ଶିଶୁମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ବ୍ରତାନନ୍ଦ ଭୋଇ ପରିଚାଳନା କରିଥିବା ବେଳେ ଶିଶୁ ଯତ୍ନ ଅନୁଷ୍ଠାନର ଅଧିକାରୀ ବିଜୟ ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଥବିର କାଲସେ, ସ୍ୱାଗତ ରଜ ମିଶ୍ର, ଅନିଲ ମହଲା, ରୁଦ୍ର ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ, ସରିତା ସୁନା, ସୁଜାତା ବେହେରା, ରୋଜି ସା, ସୁଧୀର ଦାସ ଓ ଧର୍ମେନ୍ଦ୍ର ଦାସ ସହଯୋଗ କରିଥିଲେ। ବିଚାରକ ଭାବରେ ଶାନ୍ତନୁ କର୍ଣ୍ଣ, ଶ୍ରଦ୍ଧାଞ୍ଜଳି ମିଶ୍ର, ମନୋଜ ବାରିକ ଓ ସୁଧା ପାଣିଗ୍ରାହୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

# 'କୁନ୍ଦୁରୁ କୁଶଳ ନିଜ ମାଟିକୁ ଭଲ ପାଉଥିଲେ'



କୁନ୍ଦୁରୁଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥି ଓ ସମର୍ଥକ।

## ପ୍ରାକ୍ତନ ବିଧାୟକ ସ୍ୱର୍ଗତ କୁନ୍ଦୁରୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବିଜେଡି ନେତା ତଥା ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା କହିଛନ୍ତି, ଦଳ ଟିକେ ଭୁଲ୍ ବାଟରେ ପରିଚାଳିତ ହେଉଥିଲା। ଦଳକୁ ସଭାପତି ଟିକେ ବୋଧେ ଅଣଦେଖା କଲେ; ଯାହା ଫଳରେ ପରାଜୟ ଭୋଗିବାକୁ ପଡ଼ିଲା । ଦଳର ସଭାପତି ନିଜେ ସମସ୍ତ ସଭାସମିତିରେ ଯୋଗଦେବା ବଦଳରେ ତାଙ୍କ ପ୍ରତିନିଧି ଯୋଗଦେବା ଯୋଗୁ ଦଳର କିଛି କର୍ମୀ ଓ ବ୍ୟକ୍ତିତ୍ୱ ଅସନ୍ତୁଷ୍ଟ ହୋଇଥିଲେ। ଏହା ମଧ୍ୟ ଦଳର ପରାଜୟ ପାଇଁ ଆଉ ଏକ କାରଣ। ପରିଚାଳନାଗତ ତ୍ରୁଟି ଯୋଗୁ ଦଳ ହାରିଛି। ଏବେ ଦଳ ଆଉ ସେହି ଭୁଲ୍ ପନ୍ଥା ଆପଣାଇ ନାହିଁ। ଏବେ ଦଳ ଠିକ୍ ରାସ୍ତାକୁ ଆସି ସାରିଲାଣି। ବରିଷ୍ଠ ନେତାମାନଙ୍କୁ ଟିକେ ଉପେକ୍ଷା କରାଯାଇଥିଲା ବୋଲି ଆମେ ବିଶ୍ୱାସ କରୁଥିଲୁ। କିନ୍ତୁ ବାସ୍ତବରେ ସେମିତି କିଛି ହୋଇନାହିଁ। ଦଳ ଯେହେତୁ ଲଗାତର ୨୫ ବର୍ଷ ଶାସନରେ ରହିସାରିଥିଲା, ତେଣୁ ଲୋକେ ମନ ପରିବର୍ତ୍ତନ କରିଥିଲେ। ସେମାନେ ନୂତନତ୍ୱ ଚାହୁଁଥିଲେ। ସେଥିପାଇଁ ବିଜେଡିର କିଛି କ୍ଷତି ହୋଇଛି। ବରିଷ୍ଠ ନେତା ଦଳରେ ଅଛନ୍ତି। ଦଳର ପରାଜୟ ପରେ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। କିନ୍ତୁ ସେକଥା ବେଶିଦିନ ରହିବ ନାହିଁ। ବରିଷ୍ଠ ନେତାମାନଙ୍କୁ ସ୍ୱତନ୍ତ୍ର ଭାବେ ଗୋଟିଏ କମିଟିରେ ରଖାଯାଇଛି ଓ ସେମାନେ ଦଳ କେମିତି ଆଗକୁ ଯିବ, ସେନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି।

ବିଜେଡିରେ ଅନ୍ତଃକନ୍ଦଳ ନାହିଁ। ବିଜେଡି ସଂଗଠିତ ହୋଇ ରହିଛି ଓ ଆଗକୁ ମଧ୍ୟ ରହିବ। ଦଳ ଆଗାମୀ ନିର୍ବାଚନରେ ୧୨୦ରୁ ଅଧିକ ସିଟ୍ ଜିତି ପୁଣି ସରକାର କରିବ। ଜନସାଧାରଣ ମଧ୍ୟ ଜାଣି ସାରିଲେଣି ଯେ ଭାଜପା ସରକାର ମିଥ୍ୟାବାଦୀ ସରକାର। ଭାଜପା ସରକାର ଆଦୌ ସତ୍ୟ କଥା କୁହନ୍ତି ନାହିଁ। ଭାଜପା ଯାହା କହେ, ତାକୁ କାର୍ଯ୍ୟରେ ପରିଣତ କରେ ନାହିଁ ବୋଲି କହିଛନ୍ତି ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା।


ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା।

# କୁରୁଣ୍ଟା, ଗରସଙ୍ଗରେ ଭାଜପାର ଶକ୍ତିବୃଦ୍ଧି

**ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ସିମୁଳିଆ(ସନ୍ତୋଷ ନାୟକ), ୮।୧୧**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କରୁଣ୍ଟା ଓ ଗରସଙ୍ଗ ପଞ୍ଚାୟତରେ ବିଭିନ୍ନ ଦଳର ଶହ ଶହ କର୍ମୀ ଦଳ ଛାଡ଼ି ଭାଜପାରେ ସଦସ୍ୟତା ଗ୍ରହଣ କରିଛନ୍ତି । ୫ନଂ. ଜୋନର ମଣ୍ଡଳ ସଭାପତି ମହେଶ୍ୱର ନାଥଙ୍କ ସଭାପତିତ୍ୱରେ ମାର୍କୋଣାଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ଏବେ ଉଭୟ ବିଜେଡି ଓ କଂଗ୍ରେସର ବହୁ କର୍ମୀ ଭାଜପାରେ ଯୋଗଦାନ କରୁଛନ୍ତି । ଖଇରାରୁ ମାତ୍ର ୨ଟି ପଞ୍ଚାୟତରେ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହେଲା। ଆଗକୁ ଏହି ଧାରା ଜାରି ରହିବ ବୋଲି ପ୍ରକାଶ କରିଥିଲେ । ଯୁବ ନେତା ନୀଳମାଧବ ପଣ୍ଡା, ରାଜ୍ୟ ସମ୍ପାଦିକା ଭାରତୀ ମଲ୍ଲିକ, କୃଷକମୋର୍ଚ୍ଚା ସମ୍ପାଦକ କୈଳାସ ବାରିକ, ସରପଞ୍ଚ ରଘୁନାଥ ଜେନା, ସମିତିସଭ୍ୟା କମଳିନୀ ମାଝି, ବିଭିନ୍ନ ଜୋନର କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମାଝି ଓ ବାବୁ ଦାସ, ରାଜ୍ୟ ଓବିସି ମୋର୍ଚ୍ଚା ସଭ୍ୟ ଅଜୟ ବେହେରା, ରାଜ୍ୟ ସମ୍ପାଦକ ନିରାକାର ପଣ୍ଡା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ଶେଷରେ କୁରୁଣ୍ଟାର ପ୍ରାକ୍ତନ ସରପଞ୍ଚ ତଥା ବିଜେଡି ନେତ୍ରୀ ଦମୟନ୍ତୀ ପଣ୍ଡା, ନାଏବ ସରପଞ୍ଚ ଶର୍ମିଷ୍ଠା ମାଝିଙ୍କ ସମେତ ୯ ୱାର୍ଡର ସଭ୍ୟାସଭ୍ୟ ଓ ଶତାଧିକ ବିଜେଡି କର୍ମୀଙ୍କୁ ବିଧାୟକ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ସେହିଭଳି ଗରସଙ୍ଗ ଜୋନର କଂଗ୍ରେସ ନେତା ମଦନମୋହନ ବେହେରା, ପଞ୍ଚାୟତ ସଭାପତି ଗୋପୀନାଥ ଘୋଷ, ସୁବ୍ରତ କୁମାର ସାହୁଙ୍କ ସମେତ କଂଗ୍ରେସ ଦଳର ବହୁ କର୍ମୀ ଭାଜପାରେ ମିଶିଥିଲେ।

**ଖସିଲା ଶେୟାର ବଜାର**

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୫ (୫୫.୪୭) ପଏଣ୍ଟ କମି ୭୯,୪୮୬ (୭୯,୪୮୬.୩୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୫୧ (୫୧.୧୫) ପଏଣ୍ଟ ହ୍ରାସ ଘଟି ୨୪,୧୪୮ (୨୪,୧୪୮.୭୦) ଅଙ୍କରେ କାରବାର ଶେଷ କରିଥିଲା।

# ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୮।୧୧ (ଅଭୟ ଦାଶ)

ଚଳିତ ବର୍ଷର ପାର୍ବଣ ପାଇଁ ଘରୋଇ ଅଟୋ ବଜାରରେ ରେକର୍ଡ ପରିମାଣର କାରବାର ହୋଇଛି। ଏପରିକି ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ସାଙ୍ଗକୁ ସବୁ କ୍ଷେତ୍ରର ଯାନ ବିକ୍ରିରେ ଚାହିଦା ବୃଦ୍ଧି ଦେଖିବାକୁ ମିଳିଛି। ବିଶେଷକରି ପାର୍ବଣ ଉପହାର ଓ ଆକର୍ଷଣୀୟ ରିହାତି ସୁବିଧା ଖୁଚୁରା ଯାନ ବିକ୍ରିର ପରିମାଣକୁ ପୂର୍ବ ବର୍ଷ ଅପେକ୍ଷା ବଢ଼ାଇ ଦେଇଛି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ ( ଏଫ୍ଏଡିଏ ବା ଫାଡା)ର ଓଡ଼ିଶା ଶାଖା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ ଓଡ଼ିଶା ଅଟୋ ବଜାରର ଯାନ ବିକ୍ରି ୧,୦୮,୧୦୪ ୟୁନିଟ୍ ଥିଲାବେଳେ ୨୦୨୩ ଏହି ଅବଧି ମଧ୍ୟରେ ଗାଡି ବିକ୍ରି ୮୭,୨୭୪ ୟୁନିଟ୍ ଥିଲା। ଏପରିକି ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଗାଡ଼ି ବିକ୍ରି ପ୍ରାୟ ୨୪% (୨୩.୮୭%) ବୃଦ୍ଧି ଘଟିଛି ବୋଲି ଫାଡା ଓଡ଼ିଶା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ଦୁଇଚକିଆ ଯାନ ବିକ୍ରିର ଚାହିଦା ଅଧିକ ରହିଛି। ଏପରିକି ୨୦୨୪ ଅକ୍ଟୋବରରେ ୨ ଚକିଆ ଯାନ ୮୯,୧୫୯ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୭୧,୫୯୪ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୨୪.୫୩% ବୃଦ୍ଧି ହୋଇଛି। ସେହିପରି ଯାତ୍ରୀବାହୀ (ପାସେଞ୍ଜର ଭେଇକିଲ ବା ପିଭି) ଯାନ ବିକ୍ରିରେ ଉତ୍ସାହଜନକ କାରବାର ଦେଖିବାକୁ ମିଳିଥିଲା। ଏପରିକି ୨୦୨୪ ଅକ୍ଟୋବରରେ ପିଭି ୧୧,୧୭୭ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୮,୭୭୫ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୨୭.୩୭% ବୃଦ୍ଧି ହୋଇଛି। ଅପରପକ୍ଷରେ ବାଣିଜ୍ୟକ ଯାନ (କମର୍ସିଆଲ ଭେଇକିଲ ବା ସିଭି ) କ୍ରୟରେ ବୃଦ୍ଧି ଘଟିଛି। ଏପରିକି ୨୦୨୪ ଅକ୍ଟୋବରରେ ସିଭି ୩,୯୧୭ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୩,୩୮୫ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୧୫.୭୨% ବୃଦ୍ଧି ହୋଇଛି। ୨୦୨୪ ଅକ୍ଟୋବର ଶେଷ ସୁଦ୍ଧା ଓଡ଼ିଶା ବଜାରରେ ୧୬% ରୁ ଅଧିକ ୩ ଚକିଆ ମଡେଲ ବିକ୍ରି ହୋଇଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ୩ ଚକିଆ ମଡେଲ ୨,୬୬୪ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୨,୨୯୨ ୟୁନିଟ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୧୬.୨୩% ବୃଦ୍ଧି ହୋଇଛି। ୨୦୨୪ ଅକ୍ଟୋବରରେ ମଧ୍ୟ ଟ୍ରାକ୍ଟର ୧୧୮୭ ୟୁନିଟ୍ ବିକ୍ରିହୋଇଥିଲା ବେଳେ ୨୦୨୩ ଅକ୍ଟୋବରରେ ଏହାର ପରିମାଣ ୧୨୨୮ ୟୁନିଟ୍ ଥିଲା।

ଏ ସମ୍ପର୍କରେ ଫାଡା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ଅଖିଳ ପୋଦ୍ଦାର କହିଥିଲେ, ଆମେ ଆମର ଖୁଚୁରା ଗାଡ଼ି ବିକ୍ରିର ଫଳାଫଳ ଘୋଷଣାକରି ବେଶ ଉତ୍ସାହିତ ଅଛୁ। ଏପରିକି ଚଳିତ ବର୍ଷ ପାର୍ବଣରେ ଓଡ଼ିଶା ଅଟୋ ବଜାର ନୂଆ ମାଇଲଖୁଣ୍ଟ ସହ ୧ ଲକ୍ଷ ଗାଡ଼ି ବିକ୍ରିର ଐତିହାସିକ ସଫଳତା ହାସଲ କରିଛି। ଏହି ଧାରା ଆଗକୁ ମଧ୍ୟ ଜାରି ରହିବା ଆଶା କରାଯାଉଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।



ଅଖିଳ ପୋଦ୍ଦାର

# ଏଲ୍ଆଇସିର ତ୍ରୈମାସିକ ଫଳାଫଳ

ମୁମ୍ବାଇ,୮।୧୧



ସିଦ୍ଧାର୍ଥ ମହାନ୍ତି

ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍ଆଇସି ଇଣ୍ଡିଆ) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ବୈଠକରେ ନିଗମର ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ,୨୦୨୪ ସେପ୍ଟେମ୍ବର ୩୦ ଶେଷ ସୁଦ୍ଧା ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ବା ଅର୍ଦ୍ଧବାର୍ଷିକ ମଧ୍ୟରେ ନିଗମର ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୮,୦୮୨ କୋଟି ରହିଛି। ଏପରିକି ଗତ ବର୍ଷର ଏହି ଅବଧି ତୁଳନାରେ ଚଳିତ ବର୍ଷର କାରବାର ୩.୫୧% ବୃଦ୍ଧି ଘଟିଥିଲାବେଳେ ୨୦୨୩ର ଏହି ସମୟରେ ନିଗମର ପିଏଟି ୧୭,୪୬୯ କୋଟି ଥିଲାବେଳେ ୨୦୨୪ର ଏହି ସମୟରେ ପିଏଟି ୧୮,୦୮୨ କୋଟିରେ ପହଞ୍ଚିଛି। ସେହିଭଳି ନିଗମର ମୋଟ କାରବାର ଏବଂ ବଜାର ଅଂଶ ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଶେଷ ସୁଦ୍ଧା ୬୧.୦୭% ରହିଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ନିଗମର ମୋଟ କାରବାର ଏବଂ ବଜାର ଅଂଶ ୫୮.୫୦% ରହିଥିଲା। ସେହିପରି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଶେଷ ସୁଦ୍ଧା ନିଗମର ବଜାର ଅଂଶ ପ୍ରତ୍ୟକ୍ଷ କାରବାର କ୍ଷେତ୍ରରେ ୩୯.୭୯% ଏବଂ ସମୂହ କାରବାର କ୍ଷେତ୍ରରେ ୭୪.୭୭% ବୃଦ୍ଧି ହାସଲ କରିଛି।

ଏ ସମ୍ପର୍କରେ ଏଲ୍ଆଇସିର ଏମ୍ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ମୋଟ କାରବାର ଏବଂ ବଜାର ଅଂଶ ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଶେଷ ସୁଦ୍ଧା ୬୧.୦୭% ରହିଥିଲାବେଳେ ଗତ ଆର୍ଥିକ ବର୍ଷ ର ଏହି ଅବଧି ମଧ୍ୟରେ ନିଗମର ମୋଟ କାରବାର ଏବଂ ବଜାର ଅଂଶ ୫୮.୫୦% ରହିଥିଲା। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ନିଗମ ମୋଟ ୫୮.୮୭% କାରବାର କରିଥିଲା।

# ‘ଗୁଣବତ୍ତା ମାସ’ର ଶୁଭାରମ୍ଭ

ଭୁବନେଶ୍ୱର, ୮।୧୧

ଟି ପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ‘ଗୁଣବତ୍ତା ମାସ’ ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ଭୁବନେଶ୍ୱରଠାରେ କରାଯାଇଥିଲା। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ତଥା ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ (ଟିକ୍ୟୁଏମ୍) କୋର୍‌କମିଟିର ଅଧ୍ୟକ୍ଷ ଅରଭିନ୍ଦ୍ ସିଂହଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ଟିକ୍ୟୁଏମ୍ କୋର୍ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ‘ଗୁଣବତ୍ତା: ଅନୁପାଳନରୁ ପ୍ରଦର୍ଶନ ପର୍ଯ୍ୟନ୍ତ’ଶୀର୍ଷକ ବିଷୟବସ୍ତୁ ଉପରେ ଏକ ବିଶେଷ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା ବେଳେ ଗ୍ରାହକଙ୍କ ଆଶା ଅନୁରୂପ ଉଚ୍ଚ କାର୍ଯ୍ୟଦକ୍ଷତା ମାନଦଣ୍ଡ ହାସଲ କରିବା ପାଇଁ ଏହା ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଥିଲେ, ପ୍ରଥମ ଥର ଅଧିକାର ଏବଂ ଖରାପ ଗୁଣବତ୍ତାର ପ୍ରଭାବ ଆଦି ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ଉଚ୍ଚ ସେବା ମାନ ବଜାୟ ରଖିବା ପାଇଁ ସିଂହ ଏହାକୁ ଅତ୍ୟାବଶ୍ୟକ ସ୍ତମ୍ଭ ଭାବେ ଦର୍ଶାଇଥିଲେ। ସେହିଭଳି ‘ଗୁଣବତ୍ତା ଏକ କାର୍ଯ୍ୟ ନୁହେଁ ବରଂ ଏହା ଏକ ଅଭ୍ୟାସ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟର ସମସ୍ତ ଦିଗରେ ଗୁଣବତ୍ତାର ସଂସ୍କୃତି ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସେହିପରି ଟିକ୍ୟୁଏମ୍ ଫ୍ରେମ୍‌ୱାର୍କ ମାଧ୍ୟମରେ ଉନ୍ନତି ପାଇଁ ସୁଯୋଗ ଚିହ୍ନଟ କରିବା ସହିତ ନିୟାମକ ଏବଂ ପରିଚାଳନା ମାନଦଣ୍ଡ ପାଳନର ଗୁରୁତ୍ୱ ଉପରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି କମ୍ପାନୀର ବରିଷ୍ଠ ଅଧିକାରୀମାନେ ପ୍ରତ୍ୟେକ ସ୍ତରରେ କ୍ୱାଲିଟି ସର୍କଲର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ସମଗ୍ର ସଙ୍ଗଠନରେ ଟିକ୍ୟୁଏମ୍ ନୀତି ପ୍ରତି ସାମୂହିକ ପ୍ରତିବଦ୍ଧତା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ନିୟମିତ ପରିଚାଳନା ନାମକ ଟିକ୍ୟୁଏମ୍ ୱାର୍କବୁକ୍‌ର ପ୍ରଥମ ସଂସ୍କରଣ ଉନ୍ମୋଚନ କରାଯାଇଥିଲା।

# ବଜାରରେ ବଜାଜ୍‌ର ଫ୍ରିଡମ୍ ସିଏନ୍‌ଜି ବାଇକ୍



ଭୁବନେଶ୍ୱର,୮।୧୧

ବଜାଜ ଅଟୋ ଲିମିଟେଡ୍(ବଜାଜ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କମ୍ପ୍ରେସ୍ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍‌ଜି) ବାଇକ୍ ‘ଫ୍ରିଡମ’ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଭାରତ (ଭାରତୀୟ ବଜାର) ରେ ବିଶ୍ୱର ପ୍ରଥମ ସିଏନ୍‌ଜି ବାଇକ୍ ‘ଫ୍ରିଡମ’ର ଅଫିସିଆଲ ଲଞ୍ଚିଂ ମଧ୍ୟ (ଶୁଭାରମ୍ଭ) ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭାରତ ବଜାଜ୍ ପଳାଶୁଣୀ ରସୁଲଗଡ଼ ଭୁବନେଶ୍ୱର ଶୋ’ରୁମ୍‌ଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗେଲ୍ ଇଣ୍ଡିଆର ଇଡି ଏଚ୍.କେ. ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ସିଏନ୍‌ଜି ବାଇକ୍‌ର ବଜାର ପ୍ରବେଶ କରାଇଥିଲେ। ଗେଲ୍ ଇଣ୍ଡିଆର ଜିଏମ୍ କୌଶିକ ଦାସ, ବଜାଜ୍ ଅଟୋର ଆର୍‌ଏମ୍ ଓଡ଼ିଶା ଶିୱାନୁ ମିଶ୍ର, ଏଏସ୍‌ଏମ୍ ସ୍ୱାଧୀନ ମିଶ୍ର, ଏଏସ୍‌ଏମ୍ ଦେବାଶିଷ ଭଟ୍ଟାଚାର୍ଯ୍ୟ, ଏଏସ୍‌ଏମ୍ ସମ୍ପଦ କୁମାରଙ୍କ ସମେତ ଭାରତ ବଜାଜର ଏମ୍‌ଡି ସୁଶାନ୍ତ ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କେଏଫ୍‌ସିର ନୂତନ ଅଭିଯାନ

ନୂଆଦିଲ୍ଲୀ,୮।୧୧

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ କେଏଫ୍‌ସି’ର ନୂତନ ଅଭିଯାନ ‘ଟେଷ୍ଟ ଦ ଏପିକ୍’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପ୍ରାୟ ୩୩ ଦଶନ୍ଧି ଧରି କେଏଫ୍‌ସି ତା’ର ଫିଙ୍ଗର ଲିକିଙ୍ଗ୍ ଗୁଡ୍ କ୍ରିସ୍ପି ଚିକେନ ସହିତ ଦେଶବ୍ୟାପୀ ପ୍ରଶଂସକମାନଙ୍କୁ ଖୁସି ପ୍ରଦାନ କରିଆସୁଛି। ଏପରିକି ଚଳିତ ନଭେମ୍ବର ମାସରେ କେଏଫ୍‌ସି ଆଇକୋନିକ୍ ହଟ୍ ଆଣ୍ଡ କ୍ରିସ୍ପି ଚିକେନ୍‌ଠାରୁ ଆରମ୍ଭକରି ହଟ୍ ୱିଙ୍ଗ୍‌ସ, ବୋନ୍‌ଲେସ୍ ଚିକେନ ପପ୍‌କର୍ନ, ପେରି-ପେରି ବୋନ୍‌ଲେସ୍ ଚିକେନ୍ ଷ୍ଟ୍ରିପ୍‌ସ, ବିଭିନ୍ନ ପ୍ରକାର ଜିଞ୍ଜର ବର୍‌ଗର, ରୋଲ୍ ଆଦିକୁ ବ୍ରାଣ୍ଡର ବେଷ୍ଟ ସେଲିଂ ଫ୍ୟାନ ଫେଭରାଇଟ୍‌ଗୁଡିକର ବିସ୍ତୃତ ରେଞ୍ଜକୁ ସେଲିବ୍ରେଟ୍ କରୁଛି। ସେହିଭଳି ଭାରତବ୍ୟାପୀ ଉପଭୋକ୍ତାମାନେ କେଏଫ୍‌ସି ସିଗ୍ନେଚର ମେନ୍ୟୁ ଆଇଟମ୍‌ର ଅତୁଳନୀୟ ସ୍ୱାଦ ଓ କ୍ରଞ୍ଚ୍ ସହିତ ଐତିହାସିକ ସ୍ୱାଦକୁ ଉପଭୋଗ କରିପାରିବେ। ଏପରିକି ଚିକେନ୍‌ପ୍ରେମୀମାନେ କେଏଫ୍‌ସିର ବେଷ୍ଟ ସେଲିଂ ମେନ୍ୟୁ ଆଇଟମ-ଚିକେନ ଅନ୍ ବୋନ୍, ବୋନ୍‌ଲେସ୍ ଓ ବର୍ଗର୍ସ ଆଣ୍ଡ ମୋର୍ ଭଳି ୩ଟି ବର୍ଗରେ ବିକଳ୍ପଗୁଡିକର ଏକ ରେଞ୍ଜ ସହ ନିଜକୁ ସନ୍ତୁଷ୍ଟ କରିବା ପାଇଁ ପ୍ରସ୍ତୁତ ରହିଛି, ଯାହାକି ସମସ୍ତଙ୍କ ପାଇଁ କିଛି ନା କିଛି ସୁନିଶ୍ଚିତ କରୁଛି। ସେହିପରି ‘ଚିକେନ ଅନ୍ ବୋନ୍’ ବର୍ଗ ପ୍ରଶଂସକଙ୍କ ପାଇଁ ଆଇକୋନିକ ଫିଙ୍ଗର ଲିକିଙ୍ଗ୍ ଚିକେନର ଉତ୍ତମ ସ୍ୱାଦ ଓ ଅନୁଭୂତି ଆଣୁଛି।

## ଖେଳ ଖବର

# ଇନିଂସ ପରାଜୟ ଦ୍ୱାରରେ ଓଡ଼ିଶା

**ରଣ୍‌ଜୀ ଟ୍ରଫି**

**ସନ୍ଦୀପଙ୍କ ଶତକ ସତ୍ତ୍ୱେ ଓଡ଼ିଶା ଫଲୋଅନ**



ସନ୍ଦୀପ ପଟ୍ଟନାୟକ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ବିକେସି ଗ୍ରାଉଣ୍ଡରେ ଚାଲିଥିବା ମୁମ୍ବାଇ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଇନିଂସ ପରାଜୟ ଦ୍ୱାରରେ ପହଞ୍ଚି ଯାଇଛି। ସନ୍ଦୀପ ପଟ୍ଟନାୟକଙ୍କ ଶତକ ସତ୍ତ୍ୱେ ଫଲୋଅନ ହୋଇଥିବା ଓଡ଼ିଶା ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧୨୬ ରନରେ ୫ ଉଇକେଟ ହରାଇ ସାରିଛି। ହାତରେ ୫ ଉଇକେଟ ଥିବାବେଳେ ମୁମ୍ବାଇର ପ୍ରଥମ ଇନିଂସ ସ୍କୋରଠାରୁ ଓଡ଼ିଶା ଆହୁରି ୧୯୧ ରନ ପଛରେ ରହିଛି। ଏଠାରେ ମୁମ୍ବାଇ ଏହାର ପ୍ରଥମ ଇନିଂସକୁ ୬୦୨/୪ରେ ଘୋଷଣା କରିଥିବାବେଳେ ଓଡ଼ିଶା ଇନିଂସ ୨୮୫ ରନରେ ସୀମିତ ରହି ଯାଇଥିଲା। ଚଳିତ ସିଜନରେ ଓଡ଼ିଶା ଦ୍ୱିତୀୟ ଥରପାଇଁ ଇନିଂସ ପରାଜୟ ଆଡ଼କୁ ମୁହାଁଇଛି। ପୂର୍ବରୁ ବରୋଦା ନିକଟରୁ ମଧ୍ୟ ଦଳ ଏକ ଇନିଂସ ଓ ୯୮ ରନରେ ହାରିଥିଲା।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୪୬/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ୧୩୯ ରନକରି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ଲଢୁଆ ଇନିଂସ ଖେଳିଥିଲେ ନିର୍ଭରଯୋଗ୍ୟ ସନ୍ଦୀପ ପଟ୍ଟନାୟକ। ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚରେ ଓଡ଼ିଶାକୁ ପରାଜୟରୁ ରକ୍ଷା କରିବାରେ ମୁଖ୍ୟ ଭୂମିକା ତୁଲାଇଥିବା ସନ୍ଦୀପ ଏଠାରେ କ୍ୟାରିୟରର ୫ମ ପ୍ରଥମଶ୍ରେଣୀ ଶତକ ହାସଲ କରିଥିଲେ। ସେ ୧୮୭ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୧ ଚୌକା ଓ ୪ ଛକା ମାରିଥିଲେ। ତାଙ୍କ ଶତକ ସହ ଲୋୟର ଅର୍ଡରରେ ଦେବବ୍ରତ ପ୍ରଧାନ ୪୫ ଓ ଆଶୀର୍ବାଦ ସ୍ୱାଇଁ ୩୭ ରନ କରିଥିଲେ ହେଁ ତାହା ଓଡ଼ିଶାକୁ ଫଲୋଅନରୁ ରକ୍ଷାକରିପାରି ନ ଥିଲା। ୩୧୭ ରନରେ ଆଗୁଆ ରହିଥିବାରୁ ମୁମ୍ବାଇ ଅଧିନାୟକ ଅଜିଙ୍କ୍ୟ ରାହାନେ ବିନା ଦ୍ୱିଧାରେ ଫଲୋଅନ ଡାକିଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ଆରମ୍ଭ ମଧ୍ୟ ଅତି ଖରାପ ରହିଥିଲା। ଦୁଇ ଓପନର ଅନୁରାଗ ଷଡ଼ଙ୍ଗୀ ଓ ସ୍ୱସ୍ତିକ ସାମଲ ଯଥାକ୍ରମେ ୬ ଓ ୧ ରନକରି ଆଉଟ ହେବାରୁ ଦଳ ଚାପ ମଧ୍ୟକୁ ଚାଲି ଆସିଥିଲା। ଆଶୀର୍ବାଦ ସ୍ୱାଇଁ ବ୍ୟାଟିଂକ୍ରମ ଉପରେ ଆସି ୪୬ ରନରେ ଅପରାଜିତ ରହିଥିବାବେଳେ ସନ୍ଦୀପ ପଟ୍ଟନାୟକ ୩୯, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧ ଓ ବିପ୍ଳବ ସାମନ୍ତରାୟ ୨୬ ରନରେ ଆଉଟ ହୋଇଥିବାରୁ ଓଡ଼ିଶା ପାଇଁ ମ୍ୟାଚ ବଞ୍ଚାଇବା ଅସମ୍ଭବ ହୋଇପଡ଼ିଛି। ଓଡ଼ିଶାର ପ୍ରଥମ ଇନିଂସ ଅବସରରେ ମୁମ୍ବାଇ ପକ୍ଷରୁ ବାମହାତୀ ସ୍ପିନର ଶାମ୍ସ ମୁଲାନୀ ୬ ଉଇକେଟ ନେଇଥିବାବେଳେ ହିମାଂଶୁ ସିଂ ୩ଟି ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶାର ଅସମାପ୍ତ ଦ୍ୱିତୀୟ ଇନିଂସରେ ମୁମ୍ବାଇର ହିମାଂଶୁ ସିଂ ୩ଟି ଏବଂ ଶାମ୍ସ ମୁଲାନୀ ଓ ରଷ୍ଟନ ଡିଆସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୬୦୨/୪(ଘୋଷଣା)। ଓଡ଼ିଶା ପ୍ରଥମ ଇନିଂସ: ୨୮୫/ଅଲ୍‌ଆଉଟ (ସନ୍ଦୀପ ପଟ୍ଟନାୟକ-୧୦୨, ଦେବବ୍ରତ ପ୍ରଧାନ-୪୫, ଆଶୀର୍ବାଦ ସ୍ୱାଇଁ-୩୭, ଶାମ୍ସ ମୁଲାନୀ-୬/୧୧୫, ହିମାଂଶୁ ସିଂ-୩/୫୩, ଶାର୍ଦ୍ଦୂଳ ଠାକୁର-୧/୪୭)। ଫଲୋଅନ ପରେ ଓଡ଼ିଶା ଦ୍ୱିତୀୟ ଇନିଂସ: ୧୨୬/୫ (ଆଶୀର୍ବାଦ ସ୍ୱାଇଁ-୪୬*, ସନ୍ଦୀପ ପଟ୍ଟନାୟକ-୨୯, ହିମାଂଶୁ ସିଂ-୩/୪୫, ଶାମ୍ସ ମୁଲାନୀ-୧/୨୬, ରଷ୍ଟନ ଡିଆସ-୧/୧୯)।

# ରାଜ୍ୟ ର୍‍ୟାଙ୍କିଙ୍ଗ୍ ବିଲିୟାର୍ଡ୍ସ, ସ୍ନୁକର ଆରମ୍ଭ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)



ଭିଶେଷ ସିଙ୍ଘଲ ଓ ଆଜଲାନ ଅଲୀ।

ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଶୁକ୍ରବାର ୩୦ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ରାଜ୍ୟ ଆସୋସିଏଶନ ସମ୍ପାଦକ ସମୀର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ୬ପକେଟ୍ସ କ୍ଲବ ପାର୍ଟନର ଜୀତେନ ଷଡ଼ଙ୍ଗୀ ଓ ଚେତନ ଆନନ୍ଦ ଏବଂ ସମସ୍ତ ଶୀର୍ଷସ୍ଥାନୀୟ ଖେଳାଳିଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଉଭୟ ବିଲିୟାର୍ଡ୍ସ ଓ ସ୍ନୁକର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ଅନୁଷ୍ଠିତ ସବ୍‌ଜୁନିୟର ବିଲିୟାର୍ଡ୍ସର ୧ ଘଣ୍ଟା ଟାଇମ୍ ଫର୍ମାଟରେ ଭିଶେଷ ସିଙ୍ଘଲ ୧୬୦-୭୦ରେ ଏବଂ ବେଷ୍ଟ ଅଫ୍ ୩ ଫ୍ରେମ୍ ବିଶିଷ୍ଟ ମୁକାବିଲାରେ ୨-୦ରେ ସୟଦ ଆଜଲାନ ଅଲୀଙ୍କୁ ପରାସ୍ତ କରିଛନ୍ତି। ଫଳରେ ଭିଶେଷ ଉଭୟ ବର୍ଗରେ ସବ୍‌ଜୁନିୟର ଟାଇଟଲ ବଜାୟ ରଖିଛନ୍ତି। ସିନିୟର ବିଲିୟାର୍ଡ୍ସ ବର୍ଗରେ ରୋହିତ ଶର୍ମାଙ୍କୁ ୨-୦ରେ ନିଶାନ୍ତ ବିଶ୍ୱାଳ, ଦେବୀ ପ୍ରସାଦ ସାହୁଙ୍କୁ ୨-୦ରେ ଆକାଶ ମହାପାତ୍ର ହରାଇଛନ୍ତି। କ୍ୱାର୍ଟର ଫାଇନାଲରେ ରାକେଶ ରୋଶନ ପ୍ରଧାନ ୨-୦ରେ ଅବିନାଶ ମହାପାତ୍ର ଓ ସୁବ୍ରତ ଦାସ ୨-୦ରେ ଆକାଶ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି।

# ସେମିରେ ଊର୍ଜା-ଆରାଧ୍ୟା, ସାକ୍ଷୀ-ଶ୍ୱେତା



ଶୁକ୍ରବାର ମ୍ୟାଚ ଅବସରରେ ଦୁଇ ପ୍ରତିଯୋଗୀ।

**ରାଜ୍ୟ ଟେବୁଲ ଟେନିସ**

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଚାଲିଥିବା ୩୦ତମ ଆନ୍ତଃ ଜିଲା ଏବଂ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ୧୫ ବର୍ଷରୁ କମ୍ ବାଳିକା ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଶନିବାର ପ୍ରଥମ ସେମିଫାଇନାଲରେ ଊର୍ଜା ବର୍ମା ଓ ଆରାଧ୍ୟା ସାହୁ ଏବଂ ଦ୍ୱିତୀୟ ସେମିରେ ସାକ୍ଷୀ ଭଗତ ଓ ଶ୍ୱେତା ବର୍ମାଙ୍କ ମଧ୍ୟରେ ମୁକାବିଲା ହେବ। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ଊର୍ଜା ୩-୦ରେ ଇତିଶ୍ରୀ ସାହୁ, ଆରାଧ୍ୟା ୩-୦ରେ ଆଶି ସ୍ୱୟଂଶି, ସାକ୍ଷୀ ୩-୧ରେ ଆଶାନା ଅଦିତି ଏବଂ ଶ୍ୱେତା ୩-୧ରେ ଅନୁସ୍କା ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ୧୧ ବର୍ଷରୁ କମ୍ ବାଳକରେ ଆର୍ଯ୍ୟନ ମହାନ୍ତି, ଶାନ୍ତନୁ ରାଉତରାୟ, କୀର୍ତ୍ତିମାନ ଦାସ ଓ ଜନାର୍ଦ୍ଦନ ମାଝି ଏବଂ ବାଳିକାରେ ମିତ ପୂଜାପଣ୍ଡା, ଶ୍ରେୟାଂଶି ଶୁଭଦର୍ଶିନୀ ମିଶ୍ର, ସିଦୀକ୍ଷା ଭଗତ ଓ ପଞ୍ଖୁଡ଼ି ନାୟକ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକ ଶନିବାର ଅନୁଷ୍ଠିତ ହେବ ବୋଲି ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଜଣାଇଛନ୍ତି।

# ଅଷ୍ଟ୍ରେଲିଆକୁ ୯ ଉଇକେଟରେ ହରାଇଲା ପାକିସ୍ତାନ

ଆଡିଲେଡ୍, ୮।୧୧ (ଏପି): ଫାଷ୍ଟ ବୋଲର ହାରିସ ରୌଫ୍‌ଙ୍କ ୫ ଉଇକେଟ ସଫଳତା ଓ ସଇମ ଆୟୁବଙ୍କ ଆକର୍ଷଣୀୟ ୮୨ ରନର ସହାୟତାରେ ପାକିସ୍ତାନ ଏଠାରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୯ ଉଇକେଟରେ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୫ ଓଭରରେ ୧୬୩ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ପାକିସ୍ତାନ ୨୬.୩ ଓଭରରେ ୧ ଉଇକେଟରେ ୧୬୯ ରନ କରି ମ୍ୟାଚ ଜିତି ନେଇଥିଲା। ଟପ୍ ସ୍କୋରର ଆୟୁବ ଓ ଅବଦୁଲ ସାଫିକ (୬୪*) ପାର୍ଟନରଶିପ୍‌ରେ ମ୍ୟାଚ ବିଜୟୀ ୧୩୭ ରନ ଯୋଗ କରିଥିଲେ।

# କିଟ୍‌କୁ ସର୍ବଭାରତୀୟ ଯୋଗ୍ୟତା

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ**

କିଟ୍ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ସର୍ବଭାରତୀୟ ଯୋଗ୍ୟତା ପାଇଛି। ତୃତୀୟ ଦିବସରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କିଟ୍ ୩-୦ରେ ସିଦ୍ଧାର୍ଥ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ୩-୧ରେ ଉତ୍କଳ, ଆଡାମ୍ସ ବିଶ୍ୱବିଦ୍ୟାଳୟ ୩-୦ରେ ଏମ.ଜି. କାଶୀ ବିଦ୍ୟାପୀଠ ଏବଂ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ୩-୦ରେ ୟୁନିଭର୍ସିଟି ଅଫ୍ କୋଲକାତାକୁ ପରାସ୍ତ କରିଛି। ଫଳରେ ଏହି ୪ ଦଳ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛନ୍ତି। ମଧ୍ୟପ୍ରଦେଶ ରେୱାସ୍ଥିତ ଅବଧେଶପ୍ରତାପ ସିଂ ବିଶ୍ୱବିଦ୍ୟାଳୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ।



ସର୍ବଭାରତୀୟ ଯୋଗ୍ୟତା ଅର୍ଜନ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଦଳ।

# ବଦଳୁଥିବା ଦୃଶ୍ୟ

## ଗଳ୍ପ

ପ୍ରଫୁଲ୍ଲ ବାରିକ

ସନ୍ଧ୍ୟାବେଳେ ଟିଭି ଅଧଘଣ୍ଟାଏ ସୁବ୍ରତର। ବାକି ସମୟ ସେ ଯାଏନା ଟିଭି ପାଖକୁ। ପତ୍ରପତ୍ରିକା, ଖବରକାଗଜ, ନାଇଁ ତ ମୋବାଇଲରେ ରଙ୍ଗିନ ଦୁନିଆ। ସାରାଦିନର ସଜ ସମ୍ବାଦ ପାଏ ସନ୍ଧ୍ୟାରେ ଟିଭିରୁ। ସଉପ ପକେଇ ସୀମା ବସି ପଢ଼ାଉଥିବ ଷ୍ଟାଣ୍ଡାର୍ଡ ଟୁ'ରେ ପଢୁଥିବା ପୁଅ ବାପୁନୁକୁ। ରାଇମ୍ ଘୋଷଉଥିବ। ଆଡିସନ ସବ୍‌ଷ୍ଟ୍ରାକ୍ସନ ସାରି ଏବେ ଆରମ୍ଭ କରୁଛି ମଲ୍ଟିପ୍ଲିକେଶନ ଡିଭିଜନ। ଆହୁରି ଅନେକ। ଗଦାଗଦା ଟାସ୍କ। ଏତେ ଟିକେ ମଥାରେ କେତେ ଲୋଡ୍? ନକଲେ ବାଜେ କମେଣ୍ଟ ସିଷ୍ଟରଙ୍କର। ସୀମା ପଢ଼ାଉଥିବ ଜିଗର ଲଗେଇ। ଖଟ ଉପରେ ସ୍ଲୋ ସାଉଣ୍ଡରେ ଶୁଣୁଥିବ ସୁବ୍ରତ ନ୍ୟୁଜ୍। ବେଳେବେଳେ ପାଟି କରିବ ସୀମା– ସାଉଣ୍ଡ କମଉନ? ପିଲାଟା ପଢୁଛି, ଦେଖୁନା କି? ସୁବ୍ରତ ଜିଭ କାମୁଡ଼ି ରିମୋର୍ଟ ଉଠେଇବ।

ମୁଖ୍ୟ ସମ୍ବାଦ ପରେ ଏମିତି ସମ୍ବାଦ ଶୁଣିଲା ଥ' ହେଇଗଲା ସୁବ୍ରତ। ଡାକିଲା ସୀମାକୁ ଦେଖିବାକୁ। ସୀମା ଉଠି ଆସିଲା ପଢ଼ା ପାଖରୁ। ପଛେପଛେ ପୁଅ ବି। ସମସ୍ତଙ୍କ ଆଖି ପରଦାରେ। ଜୟଦେବ ଭବନ, ଯାହା କହୁଛନ୍ତି ଘୋଷିକା, ସଜ୍ଜିତ ମଞ୍ଚ। ମଞ୍ଚରେ ମାନ୍ୟଗଣ୍ୟ ବରିଷ୍ଠ ସାହିତ୍ୟିକଙ୍କ ସହ ତାଙ୍କ ବାପା ବ୍ରଜସୁନ୍ଦର। ଅଛନ୍ତି ବି ଖୋଦ୍ ପରିବେଶ ମନ୍ତ୍ରୀ। ଅନାବରଣ ଅଛି ବ୍ରଜସୁନ୍ଦରଙ୍କ ପରିବେଶ ପୁସ୍ତକ 'ବଦଳୁଥିବା ଦୃଶ୍ୟ'। କାନ୍ଥ ବ୍ୟାନରରେ ବହି ଉନ୍ମୋଚନର ବିଜ୍ଞାପନ।

ଚୁପ୍‌ଚାପ୍ ବସି ଦେଖୁଛନ୍ତି ସମସ୍ତେ। ପାଟିରେ ଶବ୍ଦଟିଏ ନାହିଁ। ଆଖି ସ୍ଥିର ଟିଭି ପରଦାରେ। ସୀମା ଉଠିଯାଇ ଶାଶୁଙ୍କୁ ଆଣି ବସେଇ ସାରିଲାଣି। ସମ୍ପୂର୍ଣ୍ଣ ପରିବାର ଟିଭି ପାଖରେ।

ସଂଯୋଜକଙ୍କ ମୁହଁରେ ସୁନ୍ଦରଭାବେ ବହି ସହ ବାପାଙ୍କର ଗୁଣଗାନ। ସଭାପତିଙ୍କ ଅନୁରୋଧରେ ମନ୍ତ୍ରୀଙ୍କ ହାତରେ ହେଲା ବହିର ଅନାବରଣ। ବହିପାଇ ଦେଖାଉଛନ୍ତି ମଞ୍ଚସ୍ଥ ଅତିଥିମାନେ ଦର୍ଶକଙ୍କୁ। ସକ୍ରିୟ କ୍ୟାମେରାମ୍ୟାନ୍। ତାଳି ପଡୁଚି ଘନଘୋର। କମ୍ପୁଛି ହଲ୍। ଆତ୍ମତୃପ୍ତିର ହସ ଝରୁଛି ବାପାଙ୍କ ମୁହଁରୁ।

ଆରମ୍ଭ ହେଲା ବହିର ସମୀକ୍ଷା। ପରେପରେ ଅତିଥିଙ୍କ ଉଦ୍‌ବୋଧନୀ ପ୍ରଶଂସା। ପୋତି ପଡୁଛନ୍ତି ବାପା। ଟିଭିରେ ଦେଖୁଥିବା ଘରଲୋକଙ୍କ ଛାତି ଯେତେବେଳେ ଫାଟିବା ଉପରେ, ବାପାଙ୍କ କଥା କ'ଣ କହିବେ। ଶେଷରେ ଡକାଗଲା ବାପାଙ୍କୁ ବହି ଉପରେ ବଖାଣିବାକୁ ଅଭିଜ୍ଞତା ତାଙ୍କର। ବାପା ସହାସ୍ୟ ଉଠି ମୁହଁ ପାଖକୁ ମାଇକ୍ ନେଇ ଗଳା ସଫାକଲେ। ସମସ୍ତଙ୍କୁ ସମ୍ବୋଧନ ପୂର୍ବକ ଆସିଲେ ପ୍ରସଙ୍ଗକୁ।

''...ମୋ' ଚାକିରି ଥିଲା ଗୋଟିଏ ମାଇନ୍ସରେ। ଟାଉନଶିପ୍‌ର ସବା ଶେଷମୁଣ୍ଡକୁ ଥିଲା କ୍ୱାର୍ଟର। ସେଇଠି ବିତିଛି ମୋର ଗୋଟା ଚାକିରି ଜୀବନ ସପରିବାରେ। କ୍ୱାର୍ଟର ଦୁଆରେ ଠିଆ ହେଲେ ଆଖିକୁ ଆସିବ ପ୍ରକୃତିର ନଙ୍ଗଳା ରୂପ। ସାମ୍ନାରେ ଶାଳବଣ। ବଣ ପଛକୁ ପାହାଡ଼ମାନ, ଠିଆ ହେଇଛନ୍ତି ହାତ ଧରାଧରି ହେଇ ଗୋଟା ମାଇନ୍ସ ସହ ଟାଉନଶିପ୍‌କୁ ଘେରି। ଜଙ୍ଗଲରୁ କାଠଗୋଛା ମୁଣ୍ଡେଇ ଫେରୁଥିବେ ଆଦିବାସୀ ଯୁବତୀ। ସବୁର ଦର୍ଶନ ସବୁଦିନ। ଜଙ୍ଗଲ ଯିବା ମୋର ନିୟମିତ ପ୍ରାତଃ ଭ୍ରମଣରେ। ମୋଟାମୋଟି ଅଙ୍ଗାଙ୍ଗୀ ଭାବେ ମୁଁ ଜଡ଼ିତ ଥିଲି ପ୍ରକୃତି ସହ ଦୀର୍ଘଦିନ ଧରି।

ଅବସର ଅନ୍ତେ ଆସିଲି ଗାଁକୁ। ଭାବିଥିଲି ଜଙ୍ଗଲ ନହେଲେ ବି ପ୍ରାକୃତିକ ପରିବେଶରେ ଭରାଥିବ ମୋ' ଗାଁ। ମୋ' ଅଞ୍ଚଳ। ଦେଖି ବ୍ୟଥିତ ହେଲି ଗାଁର ଅବସ୍ଥାକୁ। ଛାଡ଼ିଯାଇଥିବା ଗାଁକୁ ପାଇଲି ନାହିଁ। ବଦଳିଯାଇଛି ସମ୍ପୂର୍ଣ୍ଣ ଭାବେ। ପ୍ରକୃତିକୁ ହତ୍ୟାକରି ଗଢ଼ିଉଠିଚି ସେଠି ଆଧୁନିକ କୃତ୍ରିମ ପରିବେଶ। ବାରନ୍ଦାରୁ ବସି ଦୃଷ୍ଟି ଲମ୍ବାଏ ଗାଁ ଆଡ଼େ। ଅନାଏ ଆକାଶକୁ। ଖୋଜେ ପିଲାଦିନର ପରିବେଶକୁ। ସକାଳୁ ସଞ୍ଜ କଳରବରେ ମୁଖରିତ କରୁଥିବା ପକ୍ଷୀମାନେ ଗଲେ କୁଆଡ଼େ? କୁଆଡ଼େ ଗଲା ତାଙ୍କ ଶବ୍ଦ? ଖୋଜିଲି ବାଡ଼ି, ବିଲ। ପଡ଼ିଆ ଗୋହୀରି। କାଁ ଭାଁ ଅବଶ୍ୟ ମିଳିଲେ କେଇଟି ଶେଷସନ୍ତକ ଭାବେ। ଶାଗୁଣା ଚିଲ ଘରଚଟିଆଠୁ ନେଇ କଜଳପାତି ଭଦଭଦଳିଆ ହଳଦୀବସନ୍ତ ଡାହୁକ କୁମ୍ଭାଟୁଆ କାଠହଣା କୁଚିଳାଖାଇ କେହି ଆସିଲେନି ଦୃଶ୍ୟକୁ। କୋଉଠି କିମିତି କପୋତଙ୍କର ମୌନଯୋଡ଼ି। ତରକା ଶଙ୍କିତ ପଦପାତ। ଯେତୋଟି ଦେଖୁଥାଏ ଫଟୋ ନେଉଥାଏ। ସେ ଫଟୋସବୁ ଏ ବହିରେ। ସେଗୁଡ଼ିକୁ ଭାବିବେନି ଗୁଗୁଲ୍ ଆନୀତ।

ଅନ୍ତରରେ ଗଭୀର ବେଦନା ନେଇ ଆରମ୍ଭ କଲି ଲେଖିବାକୁ ସେମାନଙ୍କ ଦୃଶ୍ୟ ଅଦୃଶ୍ୟର କାରଣ ଏବଂ ପ୍ରକୃତି ଉପରେ ତା'ର ପ୍ରଭାବକୁ। ଏସବୁ ଦେଖିବାକୁ ଆଜିର ଦିନରେ ସମୟ କାହାର? ଭାବିବା ତ ଦୂର। ଯଦି ବହିପଢ଼ି ଆଗାମୀ ପିଢ଼ି ହୁଅନ୍ତି ସଚେତନ, ତେବେ ପ୍ରକୃତି ସୁରକ୍ଷାର ଶ୍ୟାମଳ ଆଶାଟିଏ ଅବଶ୍ୟ କରାଯାଇପାରିବ। କେତେଦୂର ସକ୍ଷମ ହେବି ମୁଁ ଜାଣେନା। ପ୍ରକାଶକ ବନ୍ଧୁ ମୋର ବହିଟିକୁ ସଯତ୍ନେ ଛାପିବା ସହ ଆଜି ତାଙ୍କଆଡ଼ୁ ଅନାବରଣ ଉତ୍ସବର ଆୟୋଜନ କରିଥିବାରୁ ମୁଁ ବାଧିତ ଓ ଋଣୀ ତାଙ୍କ ପାଖରେ।''

ବାପାଙ୍କ କଥା ସରୁସରୁ ମନ୍ତ୍ରୀ ଠିଆହେଇ ପ୍ରଶଂସା ତ କଲେ ବାପାଙ୍କ ମାନସିକତା ଓ କର୍ମକୁ, ଘୋଷଣା କଲେ ଏକ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ସରକାରଙ୍କ ତରଫରୁ। ମାନପତ୍ର, ଉତ୍ତରୀୟ ସହ ପ୍ରକୃତି ମିତ୍ର ଉପାଧି ଦିଆଯିବ ଏକା ସ୍ଥାନ ଜୟଦେବ ଭବନରେ ଆଗାମୀ ବିଶ୍ୱ ପରିବେଶ ଦିବସରେ। ତାଳିରେ ଉଚ୍ଛୁଳୁଚି ସଭାସ୍ଥଳ।

ଟିଭି ସାମ୍ନାରେ ପରିବାର। ବସିଛନ୍ତି ମୂକପ୍ରାୟ। ଆଖିରେ ପଡୁନି ପଲକ। ଇଏ ସତ ନା ସ୍ୱପ୍ନ ଦେଖୁଛନ୍ତି? ବୋଉ କହିଲା, କୋଉ ଜଣେ ସାଙ୍ଗ ଘରକୁ ଯାଉଛନ୍ତି କହି ଯାଇଛନ୍ତି। ସନ୍ଦେହ ଛୁଁ ଥିଲା ମନକୁ ମୋର ଗଲାବେଳେ। ଯୋଉ ପୋଷାକ ପିନ୍ଧିଥାଆନ୍ତି, ଧଳା ପ୍ୟାଣ୍ଟ, ଆକାଶୀ ରଙ୍ଗର ସମ୍ବଲପୁରୀ ହାଫ୍ ଶାର୍ଟ, ଏକୁ ସେ ପିନ୍ଧନ୍ତି ସାହିତ୍ୟ ସଭାକୁ ଗଲେ। ବାକି କାମରେ ଅନ୍ୟ।

ସୁବ୍ରତ କହିଲା, ତୁ କିଛି ଜାଣିନୁ ବୋଉ ବାପାଙ୍କ ଏସବୁ କାମ ବିଷୟରେ? ପକ୍ଷୀଙ୍କ ଜୀବନ ଅନୁଧ୍ୟାନ, ବହିଲେଖା?

ପୋଡ଼ାମୁହଁ ମୁଁ। ଦେଖେ ଘଣ୍ଟା ଘଣ୍ଟା ଧରି ସେ ପକ୍ଷୀଙ୍କ ପଛରେ ପଡ଼ିଥିବାର। ବାଡ଼ିବଗିଚା ବୁଲି କିଛି ଖୋଜୁଥିବାର। ମୁଁ କାଇଁ ଜାଣନ୍ତି? ଓଲଟି ପାଟିକରେ– ବୁଢ଼ା ହେଲଣି, ପକ୍ଷୀପ୍ରେମ ଗଲାନି? ସବୁବେଳେ ସେଇ ଚଢ଼େଇଙ୍କ ପଛରେ? ଯେମିତି ସାନପିଲା। ପାଗଳ କୋଉଠିକାର...। ମୋ' କଥାର କିଛି ଉତ୍ତର ରଖନ୍ତିନି, କି ରାଗନ୍ତିନି। ଲାଗିଥାଆନ୍ତି ତାଙ୍କ କାମରେ। ପାଗଳ ଲୋକ, ଯାହା କରୁଛନ୍ତି କରୁଥାଆନ୍ତୁ କହି ମୁଁ ମୁହଁମୋଡ଼େ। ଏବେ ଭାବୁଛି, କେଡ଼େ ଭୁଲ୍ ନ କରିଛି ମୁଁ। ମୁଁ ତ ମୂର୍ଖ। କାଉଁ ବୁଝନ୍ତି ଏ କଥାକୁ?

ବୋଉଙ୍କ କଥାରେ ଓଠ କାମୁଡ଼ି ହସୁଥିବା ବେଳେ ସୀମାକୁ ସୁବ୍ରତ ଅନଉଥାଏ ଓ ତାଗିଦା କରୁଥାଏ ଇସାରାରେ। ଜେଜୀଙ୍କୁ ହଲେଇ ଦେଇ ନାତି ପଚାରିଲା, ଜେଜୀ, ସିଏ ଆମ ଜେଜେ ନା? ମୁଁ ଯିବି ତାଙ୍କ ପାଖକୁ। ମୋତେ ନେଇଚାଲ...। ଶାଶୁଙ୍କୁ ବିରକ୍ତ ନ କରିବାକୁ ସୀମା ପୁଅକୁ କାଖକୁ ନେଇ ପ୍ରସ୍ଥାନ କଲା ସେଠୁ।

ମୋ: ୯୨୩୮୯୨୦୪୦୫



## ପୁସ୍ତକ ପରିଚୟ



### ଓଡ଼ିଶାର ପ୍ରାଚୀନ ଗଳ୍ପଧାରା

**ସଂକଳନ ଓ ସଂପାଦନା:** ଡ. ତନ୍ମୟ ପଣ୍ଡା
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୦୦/–

ଫକୀରମୋହନଙ୍କଠୁଁ ଆରମ୍ଭ କରି ପ୍ରତିଭା ରାୟଙ୍କ ପର୍ଯ୍ୟନ୍ତ ମୋଟ ୨୨ଜଣ ପ୍ରତିଷ୍ଠିତ ଓଡ଼ିଆ କଥାକାରଙ୍କର ୨୯ଟି ଗଳ୍ପକୁ ନେଇ ସଂପାଦକ ଆଲୋଚ୍ୟ ପୁସ୍ତକଟିର ପରିକଳ୍ପନା କରିଛନ୍ତି। ଚୟିତ ଗଳ୍ପଗୁଡ଼ିକୁ ସେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉପବିଦ୍ୟାଳୟର ପାଠ୍ୟକ୍ରମରୁ ଆହରଣ କରିଥିବା ପ୍ରଚ୍ଛଦପଟ ଲେଖାରେ ସୂଚିତ ହୋଇଛି। ସଂକଳନରେ ଫକୀରମୋହନଙ୍କର ତିନୋଟି ଗଳ୍ପ (ଡାକମୁନ୍‌ସି, ରାଣ୍ଡିପୁଅ ଅନନ୍ତା ଓ ରେବତୀ), ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବୁଢ଼ା ଶଙ୍ଖାରି', 'ଗୋଦାବରୀଶ ମହାପାତ୍ରଙ୍କର ଦୁଇଟି ଗଳ୍ପ (ଦେବତାର ବିଧାତା, ମାଗୁଣିର ଶଗଡ଼), କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଂସର ବିଳାପ', ଭଗବତୀଚରଣ ପାଣିଗ୍ରାହୀଙ୍କ 'ଶିକାର', ଗୋପୀନାଥ ମହାନ୍ତିଙ୍କ 'ପିମ୍ପୁଡ଼ି', ସଚ୍ଚି ରାଉତରାୟଙ୍କର ତିନୋଟି ଗଳ୍ପ (ମଶାଣିର ଫୁଲ, ଅନ୍ଧାରୁଆ ଓ ହାତ), ବସନ୍ତ କୁମାର ଶତପଥୀଙ୍କ 'ଗଙ୍ଗା ଓ ଗାଙ୍ଗୀ', ରାଜକିଶୋର ରାୟଙ୍କର 'କଳିଙ୍ଗ ଶିଳ୍ପୀ', ବାମାଚରଣ ମିତ୍ରଙ୍କର 'ହୋଲି', ରାଜକିଶୋର ପଟ୍ଟନାୟକଙ୍କ 'ସୁଲ୍‌ତାନ୍', ସୁରେନ୍ଦ୍ର ମହାନ୍ତିଙ୍କ 'ସାରୀପୁତ୍ତ', କିଶୋରୀ ଚରଣ ଦାସଙ୍କ 'ଭଙ୍ଗାଖେଳଣା' ଓ 'ଠାକୁରଘର', ମହାପାତ୍ର ନୀଳମଣି ସାହୁଙ୍କ 'ଅନ୍ଧରାତିର ସୂର୍ଯ୍ୟ', ଅଚ୍ୟୁତାନନ୍ଦ ପତିଙ୍କ 'ଅଶୁଭ ପୁତ୍ରର କାହାଣୀ', ଅଖିଳମୋହନ ପଟ୍ଟନାୟକଙ୍କ 'ଡିମିରିଫୁଲ', ମନୋଜ ଦାସଙ୍କର ଦୁଇଟି ଗଳ୍ପ (ଲକ୍ଷ୍ମୀର ଅଭିସାର, ମଧୁବନର ମେୟର), ରବି ପଟ୍ଟନାୟକଙ୍କ 'ଦରିଦ୍ର', ବୀଣାପାଣି ମହାନ୍ତିଙ୍କ 'ପାଟଦେଈ', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଅଦିନ ବଉଳ', ରାମଚନ୍ଦ୍ର ବେହେରାଙ୍କର 'ଗୋପପୁର' ଓ ପ୍ରତିଭା ରାୟଙ୍କ 'ମୋକ୍ଷ' ସ୍ଥାନିତ। କିନ୍ତୁ ସଂକଳନର ଗଳ୍ପଗୁଡ଼ିକ ସମ୍ପର୍କରେ ସମ୍ପାଦକଙ୍କର ଏକ ଆକଳନଧର୍ମୀ ଲେଖା ଯେ ଗ୍ରନ୍ଥଟିର ଆଭିମୁଖ୍ୟକୁ ଟେକି ଧରିବାର ଅପେକ୍ଷା ରଖୁଥିଲା– ଏପରି ଏକ ପ୍ରତ୍ୟାଶାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ଚୟନ ନିରପେକ୍ଷ ଓ ଗଳ୍ପଗୁଡ଼ିକ ସର୍ବକାଳୀନ।



### ଜାଣେନା କାହା ବାଟ ରହିଛି ଚାହିଁ

**ଗାଳ୍ପିକ:** କିଶୋର ଆକାଶ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍‌ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୬୯/–

ମୋଟ ୧୪ଟି ଗଳ୍ପ ଆଲୋଚ୍ୟ ଗ୍ରନ୍ଥରେ ସଂକଳିତ। ଆରମ୍ଭ 'ଅବୁଝା ଚାହାଣି– ଅକୁହା କାହାଣୀ'ରୁ ଓ ଶେଷ 'ରେବତୀ'ରେ। ଫକୀରମୋହନଙ୍କ 'ରେବତୀ' ଓ ରେବତୀର ଶିକ୍ଷକ ବାସୁଦେବଙ୍କୁ ଭିନ୍ନ ପରିଚୟରେ ଆବିଷ୍କାର କରେ ପାଠକ 'ରେବତୀ' ଶୀର୍ଷକ ଗଳ୍ପରୁ। ଜଣେ ପୋଲିସ ଅଫିସର ଗେଟ୍ ଖୋଲି ଭିତରକୁ ପଶୁପଶୁ ରେବତୀକୁ ପଚାରନ୍ତି– 'ଆପଣ ରେବତୀ ମହାନ୍ତି?' ଓ ରେବତୀ ଛେପ ଢୋକି ଉତ୍ତର ଦିଏ– 'ହଁ ଆଜ୍ଞା, କ'ଣ ହେଲାକି?' ଦ୍ୱିତୀୟ ପ୍ରଶ୍ନ– 'ଅଧ୍ୟାପକ ଡକ୍ଟର ବାସୁଦେବ ବେହେରାଙ୍କୁ ଜାଣନ୍ତି?' ଉତ୍ତର– 'ହଁ, ଜାଣେ– ଜଣେ ଦରଦୀ କବିବନ୍ଧୁ, ଶୁଭେଚ୍ଛୁ, ଗାଇଡ୍ ହିସାବରେ... ଇତ୍ୟାଦି।' ଏପରି ଏକ ସଂଳାପଧର୍ମୀ, ଉତ୍କଣ୍ଠାପୂର୍ଣ୍ଣ ଆରମ୍ଭ ଗଳ୍ପଟିକୁ ପଢ଼ିବାକୁ ପାଠକଙ୍କୁ ଅଥୟ କରେ। ଏହିପରି ବହିର ପ୍ରତ୍ୟେକଟି ଗଳ୍ପରେ ଲେଖକ ଗଳ୍ପର କଥାବସ୍ତୁ ଓ ପରିବେଷଣ ଶୈଳୀକୁ ଏପରି ନିଆରା ଢଙ୍ଗରେ ଉପସ୍ଥାପନ କରନ୍ତି, ଯାହା କେବଳ କିଶୋରସୁଲଭ ପ୍ରାଣୋଚ୍ଛଳତାରେ ପରିପୂର୍ଣ୍ଣ। 'ଅନାଗତ ଅତିଥି' ଶୀର୍ଷକ ଗଦ୍ୟଲେଖରେ ଲେଖକ କହନ୍ତି: ''ପ୍ରତିକ୍ଷଣରେ ପ୍ରତ୍ୟୟ ଜାଗେ କେହି ଜଣେ ନିଶ୍ଚୟ ଆସିବ। ହେଲେ ସତରେ କେହି କେବେ ବି ଆସେନା। xx କିନ୍ତୁ ଅପେକ୍ଷାର ବି ଅନ୍ତ ଘଟେନା। xx ଆସନ୍ତୁ ସବୁବେଳେ ସବୁ କଥାରେ ସବୁଠି ପଜିଟିଭ୍ ହେବା।'' କିଶୋର ସକାରାତ୍ମକ କଥାକାର। ସୁତରାଂ ଏପରି ଗଳ୍ପ ମଣିଷ ପିଠିରେ ହାତ ରଖିବାର ସଂକଳ୍ପ ରଖେ। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

## କାଳକାଳକୁ



''ବହି ମଣିଷର ସ୍ୱାଧୀନ ଆତ୍ମା।''
– ମାର୍କ ଟ୍ୱେନ୍

**ମାର୍କ ଟ୍ୱେନ୍‌ଙ୍କ** ଜନ୍ମ ୩୦ ନଭେମ୍ବର ୧୮୩୫ରେ ଓ ପରଲୋକ ୨୧ ଏପ୍ରିଲ ୧୯୧୦ରେ, ଆମେରିକାରେ। ତାଙ୍କର ପ୍ରକୃତ ନାମ ସାମୁଏଲ୍ ଲାଂଗ୍‌ହର୍ନ କ୍ଲେମେନ୍‌ସ ଓ ଛଦ୍ମନାମ ମାର୍କ ଟ୍ୱେନ୍। ସେ ହେଉଛନ୍ତି ଆମେରିକାର ସର୍ବାଧିକ ମାନ୍ୟତାପ୍ରାପ୍ତ ହାସ୍ୟ–ଲେଖକ। ଉଇଲିୟମ୍ ଫକ୍‌ନରଙ୍କ ମତରେ 'ଟ୍ୱେନ୍ ହେଉଛନ୍ତି ଆମେରିକୀୟ ସାହିତ୍ୟର ଜନକ।' 'ଆଡ୍‌ଭେଞ୍ଚର୍ସ ଅଫ୍ ଟମ୍ ସୟେର୍' (୧୮୭୬) ଓ 'ଆଡ୍‌ଭେଞ୍ଚର୍ସ ଅଫ୍ ହାକ୍‌ଲେବେରୀ ଫିନ୍' (୧୮୮୪) ହେଉଛି ଲେଖକଙ୍କର ପ୍ରସିଦ୍ଧ ଯମଜ–ଗ୍ରନ୍ଥ। ୧୮୭୩ରେ ପ୍ରକାଶିତ 'ଦ ଗିଲ୍‌ଡେଡ୍ ଏଜ୍: ଏ ଟେଲ୍ ଅଫ୍ ଟୁଡେ' ପୁସ୍ତକର ସେ ସହ–ଲେଖକ, ଯାହାର ଅନ୍ୟତମ ଲେଖକ ହେଉଛନ୍ତି ଚାର୍ଲସ ଡୁଡ୍‌ଲେ ୱାର୍ନର୍। ଟ୍ୱେନ୍ କହନ୍ତି: ''ଯେଉଁଠି ମନ ଭୋକିଲା, ସେଠି ଭରାପେଟ କିଛି ମାନେ ରଖେନା।''

## ଉପେକ୍ଷା

ମିନିଗଳ୍ପ

ସୁଦର୍ଶନ ମହାପାତ୍ର

ହୃଦ୍‌ଘାତର ସୂଚନା ପାଇ ସ୍ୱାମୀଙ୍କୁ ତୁରନ୍ତ ବଡ଼ ମେଡିକାଲକୁ ନେଇ ଆସିଲେ ସରିତା ଦେବୀ। ଘରେ କେହି ନାହାନ୍ତି ଯେ ଏ ବିପଦ ସମୟରେ ସାହାଯ୍ୟ ସହଯୋଗ କରିବେ। ପୁଅ ବୋହୂ ଯାଇ ବିଦେଶରେ ଏବଂ ଝିଅ ଜୋଇଁ ପୁନେରେ।

ଅବଶ୍ୟ ଅବସରପ୍ରାପ୍ତ ସରୋଜ ବାବୁଙ୍କ ବନ୍ଧୁ ଦୁଇଜଣ ଖବର ପାଇ ଆସିଥିଲେ, ହେଲେ ସେମାନେ ଏତେଟା ସକ୍ଷମ ନୁହନ୍ତି ଯେ ରୋଗୀ ପାଖରେ ରହି ଡାକ୍ତରଙ୍କ କହିବା ମୁତାବକ ସେବା ଯୋଗାଇ ଦେଇପାରନ୍ତେ।

ସରିତା ଦେବୀଙ୍କ ବ୍ୟସ୍ତତା ଏବଂ କାନ୍ଦ ଦେଖି ପାଖରେ ଠିଆ ହେଲେ ଜଣେ ଯୁବକ।

'କିଛି ସାହାଯ୍ୟ ଦରକାର ଥିଲେ କହିବେ ମାଡାମ୍'– ନିଜଆଡ଼ୁ କହିଲା ଯୁବକ ଜଣକ।

ଅପରିଚିତ ଯୁବକ ଜଣକୁ କିଛି କହିବାକୁ ଉଚିତ ମନେକଲେନି ସରିତା ଦେବୀ। ଯୁବକଟି ଫେରିଗଲା।

ପରଦିନ ମେଡିସିନ ଦୋକାନ କାଉଣ୍ଟରରେ ପଇସା ଦେଇ ସରିତା ଦେବୀ ମୁହଁ ବୁଲେଇଲା ବେଳକୁ ସାମ୍ନାରେ ଠିଆ ହୋଇଥିଲା ସେଇ ଯୁବକଟି। ବୋଧହୁଏ ତାଙ୍କର କେହି ପେସେଣ୍ଟ ଭର୍ତ୍ତି ହୋଇଥିବେ ବୋଲି ଭାବିଲେ ସେ।

'ମାଡାମ, ସାର୍ ଭଲ ଅଛନ୍ତି? କିଛି ଅସୁବିଧା ହେଲେ ନିଶ୍ଚୟ କହିବେ।' ଅଯାଚିତ ଭାବେ ପଚାରି ବସିଲା ଯୁବକଟି।

'ହଁ'ର ସଂକ୍ଷିପ୍ତ ଉତ୍ତର ଦେଇ ମୁହଁ ବୁଲେଇ ଚାଲିଗଲେ ସରିତା ଦେବୀ।

ପରଦିନ ସରିତା ଦେବୀଙ୍କ ସହ ଯୁବକଟିର ଦେଖାହେଲା ଆଇସିୟୁର ବାହାରେ ଥିବା ଅପେକ୍ଷାଗୃହରେ।

'ମାଡାମ୍, ସାର୍ ଠିକ୍‌ଠାକ୍ ଅଛନ୍ତି ତ? କିଛି ଅସୁବିଧା ହେଲେ ମୋତେ କହିଲେ ନିଶ୍ଚୟ ସାହାଯ୍ୟ ସହଯୋଗ କରିବି।'

'ତୁମର କିଏ ପେସେଣ୍ଟ ଆଇସିୟୁରେ ଅଛନ୍ତି କି?' ପଚାରିଲେ ସରିତା ଦେବୀ।

'ନା ମାଡାମ୍, କେହି ଜଣେ ଅସୁବିଧାରେ ପଡ଼ିଲେ ମୁଁ ଏମିତି ସାହାଯ୍ୟ କରେ।'

ଯୁବକଟିକୁ ଦଲାଲ ଭାବି ତା' ସହିତ ଏଥର କଥା ବନ୍ଦକଲେ ସରିତା ଦେବୀ।

ପରଦିନ ସକାଳେ କାନ୍ଦୁଥିବା ଅବସ୍ଥାରେ ସରିତା ଦେବୀଙ୍କୁ ଆବିଷ୍କାର କଲା ଯୁବକଟି। ପାଖରେ ଥିଲେ ବୋଧହୁଏ ତାଙ୍କର ନିଜର କିଛି ଲୋକ। ସବୁକିଛି ବୁଝି ଯାଇଥିଲା ଯୁବକଟି।

ଟିକିଏ ସମୟ ପରେ ସ୍ୱର୍ଗଧାମ ଲେଖାଥିବା ଗାଡ଼ିଟିଏ ଆସି ପହଞ୍ଚିଗଲା ସରିତା ଦେବୀଙ୍କ ପାଖରେ ଏବଂ ତା' ଭିତରୁ ବାହାରି ଆସିଲା ଯୁବକଟି।



'ମାଡାମ୍, ଅନୁମତି ଦେଲେ ମୁଁ ଏଇ ସମୟରେ ଆପଣଙ୍କ କାମରେ ଲାଗି ପାରିବି। କୁହନ୍ତୁ ସାର୍‌ଙ୍କୁ ପୁରୀ ନେବେ ନା ଆଉ କେଉଁଠିକୁ?'

ଯୁବକଟିର ସାହାଯ୍ୟକୁ ଏଥର ଉପେକ୍ଷା କରି ପାରିନଥିଲେ ସରିତା ଦେବୀ...!

ମୋ: ୯୪୩୮୧୭୫୫୪୨

## କବିତା

### ଶୀତର ତାତି

ଛବିରାଣୀ ପତି

ତୁମ ଭିତରେ ଏତେ ସ୍ନେହ
ଏତେ ଭଲପାଇବା...!
ଓଃ...
ହୃଦୟରେ ଭିଡ଼ ବାନ୍ଧନ୍ତି ଇଚ୍ଛାମାନ
ତୁମକୁ ଟିକେ ପାଖେ ପାଇବାକୁ।

ଇଚ୍ଛାହୁଏ ବୟସର ପାଚେରି ଡେଇଁ
ସମ୍ପର୍କର ନାନା ଇଆଡୁ ସିଆଡୁ
ଅଡୁଆ ଆବୁରୁ ଜାବୁରୁ ସୂତାକୁ ଛିଡ଼େଇ
ତୁମ ସାଥେ ଟିକେ ଛନ୍ଦିହେବାକୁ।

କେମିତି ବା ହେବନି କୁହ ତ?
ପ୍ରଗଲ୍‌ଭା ନଦୀଟିଏ ହୋଇ ତୁମେ ମାଡ଼ିଆସ
ହାଡ଼ଭଙ୍ଗା ଶୀତୁଆ ରାତିର ଦ୍ୱିପ୍ରହରରେ!
ଯା...
ଏଇଟା କ'ଣ, ତୁମ ଆସିବାର ବେଳ...?

ତୁମେ ନା' ଭାରି ଅଛ...
ଯୌବନ କ୍ଷେତରୁ ଅମଳ କରିଥିବା
ମୋର ସବୁ ସୁନାର ଫସଲ
ଇଚ୍ଛା ହୁଏ...
ଉଜାଣି ବୟସଟା ଫିକା ପଡ଼ିବା ଆଗରୁ
ଓଜାଡ଼ି ଦିଅନ୍ତି ତୁମ ହାତ ଆଞ୍ଜୁଳିରେ!
ଆଉ, ସାଉଁଟି ନିଅନ୍ତି...
ଅନେକ ଅଭୁଲା ସ୍ମୃତି
ମୋ' ମନ ଆଇନାର ଉଷୁମ କମ୍ବଳ ଭିତରେ।

ମୋ: ୯୩୩୭୯୬୦୦୬୦

### ଧାରେ ଆଲୁଅ

ଝରଣା ଦାସ

ହାତ ହତିଆର ବିନା
ଧାରେ ଆଲୁଅ ଗାରେ ଜମି ପାଇଁ
ଚାଲିଛି ତ ସଂଘର୍ଷ ଜନମରୁ।
ଭିଟାମାଟିରେ ଫସଲ ଫଳେଇ
ଜୀବିକା ନିର୍ବାହରେ
ବର୍ଷାର ତାଡ଼କୁ ବାତ୍ୟାର ଢେଉ
ଭାଙ୍ଗିଛି କେତେବେଳେ
ଦେହର ଟାଣ ତ
ଛାତି ତଳ ମନୋବଳ।

ବହଳ ଅନ୍ଧାର
ଏରୁଣ୍ଡି ଭିତର ବାହାରେ
ବାରିହୁଏ କୋଉ
ସାଧୁ–ସୈତାନ କିଏ?
ପେଟ ଚାଖଣ୍ଡ ପାଇଁ
ଆମ୍ବ ଟାକୁଆ କୋଇଲିଠୁଁ
ତେନ୍ତୁଳି ମଞ୍ଜି ଜାଉରେ
ମରିନି ଭୋକ ବରଂ ଧରିଛି ଜୋର୍।
ସାହୁକାର ପାଖେ ମୂଳରେ ସୁଧ ମିଶି
ବଢୁଥିବା ଋଣର ଆକାରକୁ ଚାହିଁ
ଦାଦନ ଦଲାଲ ପାଖେ
ନିଜ ମୁଣ୍ଡ ନିଲାମିଠୁଁ ପେଟ ପିଲା ବିକ୍ରିଯାଏ
ଲାଗେନି ଅସଙ୍ଗତ କିଛି ବି।

ମାଟି ଉପରଠୁଁ ଭିତରଯାଏ
ସହଭାଗିତାରେ ଭୋଗକଲାବେଳେ
ସରକାର ଆଉ ଖଣି ମାଲିକ ମିଶି
ଆମ ଅଧିକାରର ଅଂଶ
ଆମେ ମରୁ କିନ୍ତୁ
ସାମାନ୍ୟତମ ଚିକିତ୍ସା ଅଭାବରେ।
୧୦୮ ଆମ୍ବୁଲାନ୍ସ ଅପହଞ୍ଚ
ଦୁର୍ଗମ ଗିରି–ବନପଥ
କେତେବେଳେ ଭାରାରେ ତ
ଗର୍ଭବତୀ ବୋହୂ ଭୁଆସୁଣୀକୁ
ଦଉଡ଼ିଆ ଖଟରେ ବୋହି।

ସରକାର ପରେ ବଦଳେ ସରକାର
ଆଦି ମାନବରୁ ଆଦିମ ହେଇ
ଆମେ ରହିଯାଉ ସେମିତି
ଅନ୍ତଃସ୍ୱର ଆମ ଅପହଞ୍ଚ
ସରକାରଯାଏ।
ଗୋଟେ ନିଘଞ୍ଚ ଜଙ୍ଗଲ
ଏ ଗଛରୁ ସେ ଗଛଡାଳ
ଶୁଆଶାରୀ ଭଳି ଉଡ଼ିବୁଲୁଥିବା
ସ୍ୱପ୍ନ ଆମ ଆଖି ସେପଟେ ଲୁହଭରେ ଖାଲି
ଛାତିତଳେ ମେଞ୍ଚେ କୋହ ସାଜି।

ମୋ: ୮୩୪୨୮୫୬୦୦୧

### ଗୀତି–କବିତା

### ସରଗର ଚାନ୍ଦ

ଗୁରୁଚରଣ ପ୍ରଧାନ

ଜହ୍ନ ରାଇଜର ଲାଜେଇ ଝିଅ, ସୂର୍ଯ୍ୟ ଆଲୋକକୁ ଲୁଚେ।
ସୂର୍ଯ୍ୟ ଅସ୍ତ ହେଲେ ଅନ୍ଧାର କୁଲାରେ, ସପନ ଚାଉଳ ବାଛେ ॥

ମନେ ଭାବିଥିଲା ଶାଶୁଘର ଯାଇ ଖୁସିରେ କାଟିବ ଦିନ।
ଭଲ ହେଉ ଅବା ମନ୍ଦ ହିଁ ହେଉ ପତି ତା' ଜୀବନ ଧନ ॥

ଶାଶୁଘରେ ଯାଇ ପ୍ରଥମ ଦିନରେ ଘଡ଼ିଏ ଦେଖିଲା ପତିକୁ।
ଭାବି ନ ଥିଲା ସେ ବିହି ତା' ପାଇଁ ଭୁଲିଗଲା ସବୁ ନୀତିକୁ ॥

ଦ୍ୱିତୀୟ ଦିନରେ ଲାଜେଇ ଝିଅ, ପତିକୁ ଦେଖେ ଦି'ଘଡ଼ି।
ମା' ଦେଇଥିଲା ବଚନ ତାକୁ, ପତିକୁ ନ ଯିବୁ ଛୁଡ଼ି ॥

ଦିନ ପରେ ଦିନ ଘଡ଼ିଏ ଘଡ଼ିଏ ବଢ଼େ ସ୍ୱାମୀ ସଙ୍ଗେ ମେଳ।
ପନ୍ଦର ଦିନରେ ମା'ର ଅମୂଲ୍ୟ ବଚନ ହୁଏ ସଫଳ ॥

ମା' କହିଥିଲା ଧୈର୍ଯ୍ୟର ଫଳ ହୁଏ ସବୁବେଳେ ମିଠା।
ପତି ସଙ୍ଗେ ଖୁସିରେ ରହିବୁ ରହିବ ନାହିଁ ତୋ ଚିନ୍ତା ॥

ଦୁଃଖ ସୁଖ ଏଠି ଲାଗି କି ରହିଛି ବିଧିର ବିଧାନ ଏହି।
ଧୀରେ ଧୀରେ ତୋର ସୁଖ ଯିବ ଲୁଚି କଷ୍ଟ ଯିବୁ ସହି ତୁହି ॥

ପୂର୍ଣ୍ଣ ଅମାବାସ୍ୟା ଆସିବ ତୋ ଭାଗ୍ୟେ ଭାବି ନ ଥିଲି ମୁଁ ସ୍ୱପ୍ନେ।
ସମୟ ଚକ୍ରକୁ କେ ରୋକିପାରିବ ସବୁ ଚକ୍ରଧର ଜାଣେ ॥

ସବୁ ସହିଛୁ ବୋଲି ତ ପୂଜା ପାଉ ତୁହି ଜଗତର ମାମୁ ହୋଇ।
ଧନ୍ୟ କରି ଅଛୁ ମୋ କୋଳକୁ ତୁ ବହୁତ ଦୂରରେ ରହି ॥

ମୋ: ୯୮୬୧୨୯୬୯୬୨

## ବିଦ୍ରୋହ

ଲଘୁଗଳ୍ପ

ଦେବେନ୍ଦ୍ର କର

ଋତୁରାଜ ବସନ୍ତଙ୍କର ଏବେ ବିଦାୟର ବେଳ। ସହରର ମୁଖ୍ୟ ଛକ ଉପର ସେଇ ଡେଙ୍ଗା ଗଛଟି କଅଁଳ ଛନଛନ ପତ୍ରରେ ପରିପୂର୍ଣ୍ଣ ହୋଇଉଠିଲା। ପବନର ସାମାନ୍ୟ ସ୍ପର୍ଶରେ ଶାଖା ପ୍ରଶାଖାଗୁଡ଼ିକ ନାଚି ଉଠୁଥା'ନ୍ତି। ମନେହେଉଥାଏ ଯେମିତି ଆଉ ଗୋଟେ ଋତୁର ସ୍ୱାଗତରେ ସେ ବି ସାମିଲ ହୋଇଛନ୍ତି। ଗୋଟିଏ ଦୁଇଟି ଶାଖାରେ ଚଢ଼େଇମାନେ ଆସି ବସା ବାନ୍ଧିଲେଣି। ସେଦିନ ଅଚାନକ ଗଛଟି ଗୁମ୍‌ସୁମ୍ ପଡ଼ିଗଲା। ଏକ ସଙ୍ଗରେ ଗଛର ସମସ୍ତ ଅଂଶ ବିଦ୍ରୋହ ଆରମ୍ଭ କରିଦେଲେ। ସମସ୍ତଙ୍କ ସ୍ୱରରେ ଭରି ରହିଥିଲା ନ୍ୟାଯ୍ୟ ଅଧିକାର ଦାବି। ଅନ୍ୟାୟ ଅନୀତି ଆଉ ଚଳିବ ନାହିଁ। ଆମେ କର୍ତ୍ତବ୍ୟ ସମ୍ପାଦନ ପ୍ରତିବଦଳରେ କ'ଣ ପାଇଛୁ। ବହୁତ ହେଇଗଲା, ବହୁତ ସହିଗଲୁ। ସମସ୍ତେ ବିଦ୍ରୋହରେ ସାମିଲ ଥିଲେ ଆଉ ଗଛର ଅନ୍ତରାତ୍ମା ଥିଲା ନୀରବ ନିଶ୍ଚଳ।

ସମସ୍ତେ ତ ତା'ରି ଅଂଶ, କାଳର ପ୍ରବାହରେ ଆଜି ଅଧିକାର ସାବ୍ୟସ୍ତ କରିବାକୁ ତତ୍ପର। ପତ୍ର କହିଲା– ଋତୁ ବଦଳିଲେ ମୋ' ଆୟୁ ପୂରେ। ଏଇ ସ୍ୱଳ୍ପ ଦିନରେ ଜଗତକୁ ମୂଲ୍ୟବାନ ଅମ୍ଳଜାନ ପ୍ରଦାନରେ ନଥାଏ ମୋର ବିରତି। ଫୁଲ କହିଲା– କଢ଼ିଟେ ବେଳରୁ ମୁଁ ମୋ' ଆଖପାଖରେ ସୁଗନ୍ଧ ଭରିଚି। ଆଉ ଏ ମଣିଷ ସମାଜ ଦେବଦେବୀଙ୍କୁ ଅର୍ପଣ କରି ଧର୍ମ ଅର୍ଜନ କରୁଛନ୍ତି। ଶାଖା ପ୍ରଶାଖା କହିଲେ– ଆମେ ଭାର ବୋହିବୁ ନହେଲେ ଜାଳ ହେବୁ, ଆମ ଜୀବନରେ ସୁଖ କାହିଁ ବା? ମୂଳ କହିଲା– ମାଟିକୁ ମୁଁ ମଜଭୁତ କରିବି, ପବନ ବେଗକୁ ମୁଁ ରୋକିବି, କେତେ କୀଟପତଙ୍ଗଙ୍କୁ ମୁଁ ଆଶ୍ରା ଦେବି ଆଉ ପରିଣାମ ସ୍ୱରୂପ ମୋ' ଆଖପାଖରେ ଫିଙ୍ଗା ହେବ ଅଳିଆ ଆବର୍ଜନା। ସମସ୍ତେ ଏକ ସ୍ୱରରେ କହିଉଠିଲେ– ଜଣେ ସହିବ ଯଦି କେତେ ସହିବ। ସହିବାର ପୁଣି ଗୋଟେ ସୀମା ଅଛି ନା ନାହିଁ। ସମସ୍ତଙ୍କ ସ୍ୱର ତୀବ୍ରତର ହେବାକୁ ଲାଗିଲା।

ଏଇ ସମୟରେ ଭଗବାନ ଅଚାନକ ଗଛ ସମ୍ମୁଖରେ ଉଭା ହେଲେ। ସମସ୍ତେ ଭଗବାନଙ୍କ ଉପସ୍ଥିତିକୁ ଅଣଦେଖା କଲେ। ନିଜ ନିଜ କାର୍ଯ୍ୟଦକ୍ଷତାକୁ ଆହୁରି ବଖାଣିଲେ, ଚାଲିଲା ତର୍କ–ବିତର୍କ। ଗଛର ଅନ୍ତରାତ୍ମା ଶେଷରେ ତାଗିଦା କଲେ ଆରେ ଟିକେ ତ ଶାନ୍ତ ହୁଅ, ଦେଖ ତୁମମାନଙ୍କ ଲାଗି ଭଗବାନ ଧରାପୃଷ୍ଠକୁ ଓହ୍ଲାଇ ଆସିଲେଣି। ଭଗବାନ କହିଲେ– ତୁମ ସମସ୍ତଙ୍କ ଅବଦାନ ଅତୁଳନୀୟ, ଅବର୍ଣ୍ଣନୀୟ। ତୁମ ତ୍ୟାଗ, ସହନଶୀଳତା, ସମର୍ପଣ ଭାବର ନାହିଁ କେହି ସମକକ୍ଷ। ଦୁନିଆ ସେଇମାନଙ୍କ ଗୁଣଗାନ କରେ, ଯିଏ ଅନ୍ୟପାଇଁ ବଞ୍ଚେ। ତୁମର ସୃଷ୍ଟି ଜଗତର କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ। ଏଠି କିଏ କେତେ କାଳ ବଞ୍ଚିଲା ବଡ଼ କଥା ନୁହେଁ, କିଏ କେଉଁ ଭଳି ଢଙ୍ଗରେ ବଞ୍ଚିଲା, କେତେ ଜଣ ତୁମ ଦ୍ୱାରା ଉପକୃତ ହେଲେ ଏହା ହିଁ ବଡ଼ କଥା। ତୁମେ ସଭିଏଁ ବୃକ୍ଷ ଦେବତାଙ୍କ ଅଂଶ। ଅର୍ଥାତ୍ ଦେବତାତୁଲ୍ୟ ଗୁଣ ତୁମ ମଧ୍ୟରେ ବିଦ୍ୟମାନ। ତୁମ ଲକ୍ଷ୍ୟ ଉଚ୍ଚ ଏବଂ ଭାବ, ବିଚାର ନିର୍ମଳ ଶାଶ୍ୱତ। ବୃକ୍ଷଲତା ଶାନ୍ତ ସରଳତାର ପ୍ରତୀକ। ତା' ମଧ୍ୟେ ବିଦ୍ରୋହ, ହିଂସା, ଅରାଜକତାର ନାହିଁ ତିଳେମାତ୍ର ସ୍ଥାନ। ସାରା ଜଗତରେ ତୁମେ ବୃକ୍ଷ ଦେବତା ରୂପେ ପୂଜିତ। ଅଧିକାର ସାବ୍ୟସ୍ତ ତୁମକୁ ସ୍ୱାର୍ଥ ପ୍ରବଣତା ପଥରେ ଅଗ୍ରସର କରାଇବ। ଜୀବନ ସାର୍ଥକ ହୁଏ ଅନ୍ୟ ପାଇଁ ଜିଇବାରେ। ଭଗବାନଙ୍କ ତୁଣ୍ଡରୁ ସବୁକଥା ଶୁଣି ସମସ୍ତେ ନିରବୀଗଲେ। ଭଗବାନ କହିଲେ– ନିଜ ଦାୟିତ୍ୱ କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲେଇ ଜଗତର ଶ୍ରେଷ୍ଠ ସେବକର ଧର୍ମ ପାଳନ କର। ଜଗତ ତୁମ ନିକଟରେ ଚିରକାଳ ପାଇଁ ଋଣୀ ହୋଇଥାଉ। ଶେଷରେ ଗଛର ଅନ୍ତରାତ୍ମା ଭଗବାନଙ୍କୁ ଗୁହାରି କଲେ ପ୍ରଭୁ! ତୁମ କୃପା ମୋ' ଉପରେ ସଦାସର୍ବଦା ବରଷୁ ଥାଉ। ଭଗବାନ ସଙ୍ଗେ ସଙ୍ଗେ ତଥାସ୍ତୁ କହି ଅନ୍ତର୍ଦ୍ଧାନ ହେଇଗଲେ।

ମୋ: ୯୯୩୭୯୬୩୯୧୦



# ସି.କେ. ନାଇଡୁ ଟ୍ରଫି, କର୍ଣ୍ଣାଟକ: ୨୮୭/୬



ଓଡିଶା ଓ କର୍ନାଟକ ଦଳର କ୍ରିକେଟ ଖେଳାଳିଙ୍କ ସହ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଅନ୍ୟ ଅତିଥି।

ବଲାଙ୍ଗୀର, ୮।୧୧

(ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ଓଡିଶା ଏବଂ କର୍ନାଟକ ଦଳ ମଧ୍ୟରେ କର୍ଣ୍ଣେଲ ସିକେ ନାୟୁଡୁ ଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କର୍ନାଟକ ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୬ ଉଇକେଟ ହରାଇ ୨୮୭ ରନ ସଂଗ୍ରହ କରିଛି। କର୍ନାଟକର ସଫଳ ବ୍ୟାଟର ଭାବରେ ପ୍ରକର ଚର୍ତୁବେଦୀ ୧୦୨ ଏବଂ ହର୍ସଲ ଧର୍ମାନୀ ୭୭ ରନ କରିଛନ୍ତି। ରାଜଭିର ୱାଧୱା ୩୪ ଓ ମନଭନ୍ତ କୁମାର ଏଲ. ୪୦ ରନରେ ଅପରାଜିତ ରହିଛନ୍ତି। ଓଡିଶା ଦଳ ପକ୍ଷରୁ ସଫଳ ବୋଲର ଭାବେ ଆଶୁତୋଷ ମାର୍ଣ୍ଡି୩ଟି, ବାଦଲ ବିଶ୍ୱାଳ ଓ ଆଶୁତୋଷ ଛୁରିଆ ଓ ସାଇଦୀପ ମହାପାତ୍ର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ଖେଳ ଆରମ୍ଭ ହେବା ପୂର୍ବରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲାପାଳ ଇସଲୱାର ବଲାଙ୍ଗୀର ଜିଲାର କ୍ରୀଡାର ଉନ୍ନତି ଏବଂ ଭିତ୍ତିଭୂମିର ବିକାଶ ଦିଗରେ ପ୍ରଶାସନ ସବୁ ପ୍ରକାର ଉଦ୍ୟମ କରିବ। ଜିଲାରୁ ସଫଳ କ୍ରୀଡାବିତ୍ ବାହାରି ଜିଲାର ସୁନାମ ବଢ଼ାଇବାକୁ ସେ କ୍ରୀଡାବିତ୍‌ଙ୍କୁ କହିଥିଲେ। ବଲାଙ୍ଗୀର ମାଟିରୁ ଜାତୀୟ ମହିଳା କ୍ରିକେଟ୍ ଟିମ୍‌ରେ ସ୍ଥାନ ପାଇଥିବା ବଲାଙ୍ଗୀରର ଦୁଇ ଝିଅ ମାଧୁରୀ ମେହେଟ୍ଟା ଓ ରୋସନାରା ପରବିନ୍‌ଙ୍କୁ ଶୁଭେଚ୍ଛା ଜଣାଇ ସେମାନେ ମହିଳା ସଶକ୍ତିକରଣର ପ୍ରତୀକ ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ମ୍ୟାଚ୍ ପୂର୍ବରୁ ଜିଲାପାଳ ଉଭୟ ଦଳର ଖେଳାଳି, ମ୍ୟାଚ୍ ଅଫିସିଆଲ ଓ ଆୟୋଜକଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହଲ୍ଲାଦ ଶତପଥୀ, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତୃଘ୍ନ ସିଂ, ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ମହିଳା କ୍ରିକେଟର ମାଧୁରୀ ମେହେଟ୍ଟା ଓ ରୋଶନାରା ପରୱିନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ସାମସନଙ୍କ ଶତକ

ଡର୍ବାନ, ୮।୧୧

ସ୍ଥାନୀୟ କିଙ୍ଗ୍ସ ମିଡ୍ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଛି। ଓପନର ସଞ୍ଜୁ ସାମସନ କ୍ୟାରିୟରର ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଓପନର ଅଭିଷେକ ଶର୍ମା (୭)ଙ୍କ ଉଇକେଟ ଶୀଘ୍ର ହରାଇଥିଲେ ହେଁ ସାମସନ ବିସ୍ଫୋରକ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ୪୭ ବଲ୍‌ରୁ ଶତକ ପୂରଣ କରିଥିବା ସାମସନ ୫୦ ବଲ୍‌ରୁ ୭ ଚୌକା ଓ ୧୦ ଛକା ସହାୟତାରେ ୧୦୭ ରନକରି ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୧ ଓ ତିଲକ ବର୍ମା ୩୩ ରନର ଯୋଗଦାନ ଦେଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଗେରାଲ୍ଡ କୋଜି ୩ଟି ଏବଂ କେଶବ ମହାରାଜ, ଏନ୍‌କାବାୟୋମ୍‌ଜି ପିଟର, ମାର୍କୋ ଜାନସେନ ଓ ପ୍ୟାଟ୍ରିକ କ୍ରୁଗର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# କବିର-ରିଷଭ ଫାଇନାଲରେ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

ଆଇଟିଏଫ୍ ୱାର୍ଲ୍ଡ ଟେନିସ



ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଶଟ୍ ଖେଳିବା ଅବସରରେ ନିକ୍ ଚାପେଲ।

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏମ୍୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-୨୦୨୪ର ଡବଲ୍ସରେ ଓଡ଼ିଶାର କବିର ହଂସଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। କବିର ଓ ରିଷଭ ଅଗ୍ରୱାଲଙ୍କ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ତୃତୀୟ ସିଡ୍ ସିଦ୍ଧାନ୍ତ ବନ୍ଥିଆ ଓ ବିଷ୍ଣୁ ବର୍ଦ୍ଧନ ଯୋଡ଼ିଙ୍କୁ ୬-୨, ୭-୬ (୪) ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ଏହି ଯୋଡ଼ି ଟାଇବ୍ରେକରରେ ବିଜୟୀ ହୋଇଥିଲେ। ଅନ୍ୟଏକ ତୀବ୍ର ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଟପ୍ ସିଡ୍ ଇଗର ଆଗାଫୋନୋଭ ଓ ବୋଗଡାନ ବୋବରୋଭ ଯୋଡ଼ି ୩-୬, ୭-୬(୬), ୧୦-୮ରେ ଇଶାକ ଇକବାଲ ଓ ଫେଜଲ କମରଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ୍ସ ଫାଇନାଲ ଶନିବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।

ମୁଖ୍ୟ ଡ୍ର'ର ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଚେକ୍ ରିପବ୍ଲିକର ଡାଲିବର ଭର୍ସିନା ୬-୪, ୬-୧, ଆର୍ଯ୍ୟନ ଶାହା ୫-୭, ୬-୪, ୬-୨ରେ ରେଥିନ ପ୍ରଣବ ସେନ୍ଥିଲ କୁମାର, ବୋଗଡାନ ବୋବରୋଭ ୬-୩, ୬-୦ରେ କରନ ସିଂଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ଆମେରିକାର ନିକ୍ ଚାପେଲ ୫-୭, ୭-୫, ୧-୦ରେ ଅଗ୍ରଣୀ ଥିବାବେଳେ ବିପକ୍ଷ ଖେଳାଳି ଏସ୍.ଡି. ପ୍ରଜ୍ୱଳ ରିଟାୟର୍ଡ ହୋଇ ଯାଇଥିଲେ। ସିଙ୍ଗଲ୍ସ ସେମିଫାଇନାଲ ଶନିବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ପ୍ରଥମ ସେମିଫାଇନାଲରେ ବୋବରୋଭ-ଚାପେଲ ଏବଂ ୧୧ଟାରେ ଆରମ୍ଭ ହେବାକୁଥିବା ଦ୍ୱିତୀୟ ସେମିରେ ଡାଲିବର-ଆର୍ଯ୍ୟନଙ୍କ ମଧ୍ୟରେ ମୁକାବିଲା ହେବ।

# ଡବଲ ବିଜୟ ସହ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

ଜାତୀୟ ଦୃଷ୍ଟିବାଧିତ ଚେସ୍

ଅଲ୍ ଇଣ୍ଡିଆ ଫେଡେରେଶନ୍ ଫର ଦି ବ୍ଲାଇଣ୍ଡ (ଏଆଇସିଏଫ୍‌ବି) ଆନୁକୂଲ୍ୟରେ ଗୁଜରାଟର ଅହମଦାବାଦରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଜାତୀୟ ଚେସ୍ ଚାମ୍ପିୟନଶିପ୍। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ଡବଲ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ୪-୦ରେ ମଧ୍ୟପ୍ରଦେଶ 'ଏ'କୁ ଏବଂ ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଗ୍ରୀନ୍‌କୁ ୩-୧ରେ ହରାଇ ଦେଇଛି। ମଧ୍ୟପ୍ରଦେଶ ବିପକ୍ଷରେ ବୋର୍ଡ-୧ରେ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ପ୍ରତିପକ୍ଷ ସୌର୍ଯ୍ୟ ପ୍ରତାପ ସିଂଙ୍କୁ ହରାଇଥିବାବେଳେ ଶୁଭେନ୍ଦୁ କୁମାର ପାତ୍ର ବୋର୍ଡ-୨ରେ ରୂପେଶ କୁମାର ଯାଦବ, ସୌନ୍ଦର୍ଯ୍ୟଙ୍କ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ବୋର୍ଡ-୩ରେ ପ୍ରକାଶ ପଟେଲ ଏବଂ ପ୍ରାଚୀ ପ୍ରଜ୍ଞା ସାହୁ ବୋର୍ଡ-୪ରେ ଦୀପିକା ପଟେଲଙ୍କୁ ପରାସ୍ତ କରିଛନ୍ତି। ସେହିପରି ଗୁଜରାଟ ଗ୍ରୀନ୍ ବିପକ୍ଷ ମ୍ୟାଚରେ ସୌନ୍ଦର୍ଯ୍ୟ ବୋର୍ଡ-୧ରେ ରାହୁଲ ସାହାଣୀ, ଶୁଭେନ୍ଦୁ ଦ୍ୱିତୀୟ ବୋର୍ଡରେ ରାହୁଲ ବାଘେଲା, ପ୍ରାଚୁର୍ଯ୍ୟ ତୃତୀୟ ବୋର୍ଡରେ ପଟନି ଅନିକେତ ଚନ୍ଦ୍ରକାନ୍ତଭାଇଙ୍କୁ ହରାଇଥିବାବେଳେ ପ୍ରାଚୀପ୍ରଜ୍ଞା ଚତୁର୍ଥ ବୋର୍ଡରେ ଖୋରାସିୟା ଖୁଶାଲିଙ୍କଠାରୁ ହାରି ଯାଇଛନ୍ତି। ଓଡ଼ିଶା ଦଳର ଅନ୍ୟତମ ଅର୍ଥାତ୍ ପଞ୍ଚମ ସଦସ୍ୟ ହେଲେ ସୁଧୀର କୁମାର ନାୟକ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଗୁଜରାଟ-ବ୍ଲୁ ବିପକ୍ଷରେ ଖେଳିବ।



ମଧ୍ୟପ୍ରଦେଶ ବିପକ୍ଷ ଚେସ୍ ମ୍ୟାଚ ଅବସରରେ ଓଡ଼ିଶାର ୪ ଦୃଷ୍ଟିବାଧିତ ଖେଳାଳି (ଡାହାଣ)।

# ଭାରତୀୟ ହକି ଦଳ ସମ୍ମାନିତ

ମସ୍କଟ, ୮।୧୧ (ପି.ଟି.)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସମ୍ମିଳନୀ ଅବସରରେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ ଓ ଫ୍ରେଞ୍ଚ ହକି ମହାସଂଘ ସଭାପତି ଇସାବେଲି ଜୋଇନ୍ ଭାରତୀୟ ପୁରୁଷ ହକି ଦଳକୁ ସମ୍ମାନିତ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ପାଇଁ ଭାରତୀୟ ଦଳକୁ ସମ୍ମାନିତ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ ଗ୍ରହଣ କରିଛନ୍ତି। ହକି ଇଣ୍ଡିଆ ତରଫରୁ ପ୍ରକାଶିତ ଏକ ଇସ୍ତାହାରରେ ଏଫ୍‌ଆଇଏଚ୍‌ର ଏହି ସ୍ୱୀକୃତିକୁ ନେଇ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ତର୍ଜାତୀୟ ହକିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏହି ସମ୍ମାନ ଭାରତ ପାଇଁ ଅଧିକ ସ୍ୱତନ୍ତ୍ର।

# ଅଲ୍‌ଜାରୀ ଯୋଶେଫ୍ ୨ ମ୍ୟାଚରୁ ସସ୍‌ପେଣ୍ଡ

ବ୍ରିଜଟାଉନ, ୮।୧୧ (ଏପି)

କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ଫାଷ୍ଟ ବୋଲର ଅଲଜାରୀ ଯୋଶେଫ୍‌ଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିଛି। ବୁଧବାର ଇଂଲଣ୍ଡ ବିପକ୍ଷ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ବେଳେ ଯୋଶେଫ ତାଙ୍କର ଏକ ଓଭର ବୋଲିଂ କରୁଥିବା ବେଳେ ଅଧିନାୟକଙ୍କ ଦ୍ୱାରା ଫିଲ୍‌ଡିଂ ସଜାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିବାଦ କରିଥିଲେ। ୪ର୍ଥ ଓଭର ବୋଲିଂ ପୂର୍ବରୁ ଯୋଶେଫ ଓ ହୋପ୍‌ଙ୍କର ଦୀର୍ଘ ସମୟ ଧରି ଯୁକ୍ତିତର୍କ ହୋଇଥିଲା। ଏପରି କି ଫାଷ୍ଟ ବୋଲର ଜଣକ ଓଭର ଶେଷ ହେବା ପରେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। କିଛି ସମୟ ପରେ ସେ ପୁଣି ପଡ଼ିଆକୁ ଫେରିଥିଲେ। କ୍ରିକେଟ ୱେଷ୍ଟଇଣ୍ଡିଜ କହିଛି ଯୋଶେଫ ସିଡବ୍ଲ୍ୟୁଆଇର ପେସାଦାରି ମାନଦଣ୍ଡର ଉଲ୍ଲଂଘନ କରିଛନ୍ତି। ଏ କ୍ଷେତ୍ରରେ ଦଣ୍ଡକୁ ଏଡାଇ ଦେଇହେବ ନାହିଁ ବୋଲି ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡର କ୍ରିକେଟ ନିର୍ଦ୍ଦେଶକ ମାଇଲ୍ସ ବାସ୍‌କମ୍ବ କହିଛନ୍ତି। ଯୋଶେଫ କିନ୍ତୁ ପରେ ଦୋଷ ସ୍ୱୀକାର କରିବା ସହ ତାଙ୍କର ଏହି ଆଚରଣକୁ ନେଇ କ୍ଷମାପ୍ରାର୍ଥନା କରିଛନ୍ତି। ୱେଷ୍ଟଇଣ୍ଡିଜ ଏହି ମ୍ୟାଚ ୮ଉଇକେଟରେ ଜିତିନେବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ବିଜୟ ହାସଲ କରିଥିଲା।

# କିରନ ଜର୍ଜ ସେମିଫାଇନାଲରେ

ଇକ୍‌ସାନ ସିଟି, ୮।୧୧ (ପି.ଟି.)

ଭାରତର କିରନ ଜର୍ଜ କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର କ୍ୱାର୍ଟରଫାଇନାଲରେ ସେ ସିଧାସଳଖ ଗେମ୍‌ରେ ଜାପାନର ଟାକୁମା ଓବାୟାଶିଙ୍କୁ ହରାଇ ଦେଇଛନ୍ତି। ଭାରତର ଏହି ୨୪ ବର୍ଷୀୟ ତଥା ୪୧ ର୍‌ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ବିଶ୍ୱର ୩୪ ନମ୍ବର ଓବାୟାଶିଙ୍କୁ ୨୧-୧୪, ୨୧-୧୬ରେ ପରାସ୍ତ କରିଛନ୍ତି। ମ୍ୟାଚଟି ମାତ୍ର ୩୯ ମିନିଟରେ ଶେଷ ହୋଇଥିଲା। ଏହି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୩୦୦ ଇଭେଣ୍ଟରେ କିରନ ଆଉ ଏକ ବିପର୍ଯ୍ୟୟ ଘଟାଇଛନ୍ତି।

# ଭେନ୍ୟୁକୁ ନେଇ ବିସିସିଆଇ-ପିସିବି ଛକାପଞ୍ଝା

ଲାହୋର/ନୂଆଦିଲ୍ଲୀ, ୮।୧୧ (ପି.ଟି.)

ଚାମ୍ପିୟନ୍ସ ଟ୍ରଫି ଭେନ୍ୟୁକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ୍ୟରେ ଛକାପଞ୍ଝା ଜାରି ରହିଛି। ପିସିବି ଚେୟାରମ୍ୟାନ ମୋହସିନ ନକ୍‌ଭି ଶୁକ୍ରବାର ସ୍ପଷ୍ଟ କରିଛନ୍ତି ଯେ, ଚାମ୍ପିୟନ୍ସ ଟ୍ରଫିରେ ଖେଳିବା ପାଇଁ ଭାରତୀୟ ଦଳ ପାକିସ୍ତାନ ଯାଇପାରିବ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଆନୁଷ୍ଠାନିକ ଭାବେ ଅବଗତ କରାଯାଇ ନାହିଁ। ଭାରତ ଏକ 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବ ଦେଇଥିବା ଗୁରୁବାର ପିସିବି ସୂତ୍ରରୁ ଜଣାପଡ଼ିଥିଲା । ଏହାର ସମସ୍ତ ମ୍ୟାଚ ଦୁବାଇରେ ଆୟୋଜନ କରାଯାଉ ବୋଲି ଏଥିରେ ଦର୍ଶାଯାଇଥିଲା। ୨୦୨୩ ଏସିଆ କପ୍ ବେଳେ ହାଇବ୍ରିଡ୍ ମଡେଲକୁ ଅନୁସରଣ କରାଯାଇଥିଲା। ତଦନୁସାରେ ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ ହୋମ୍ ଗ୍ରାଉଣ୍ଡରେ ଏବଂ ଭାରତ ଏହାର ମ୍ୟାଚଗୁଡ଼ିକ ଶ୍ରୀଲଙ୍କାରେ ଖେଳିଥିଲା। ଶୁକ୍ରବାର ବିସିସିଆଇ ସୂତ୍ରରୁ ଦାବି କରାଯାଇଛି ଯେ, ଭାରତୀୟ ଦଳ ପାକିସ୍ତାନ ଗସ୍ତରେ ଯାଇପାରିବ ନାହିଁ ବୋଲି ଇତିମଧ୍ୟରେ ପିସିବିକୁ ବିଧିବଦ୍ଧ ଭାବେ ଜଣାଇ ଦିଆଯାଇ ସାରିଛି। ତେବେ ନକ୍‌ଭି ଶୁକ୍ରବାର ସନ୍ଧ୍ୟାରେ ଗଦାଫି ଷ୍ଟାଡିୟମରେ ଏକ ଖବରଦାତା ସମ୍ମିଳନୀ ଡକାଇ କହିଛନ୍ତି, ଏପର୍ଯ୍ୟନ୍ତ କେହି 'ହାଇବ୍ରିଡ୍ ମଡେଲ ସଂକ୍ରାନ୍ତରେ ଆଲୋଚନା କରି ନାହାନ୍ତି। ଆମେ ମଧ୍ୟ ଏବିଷୟରେ




ଆଲୋଚନା କରିବାକୁ ଚାହୁଁନା। ଗତ କିଛି ବର୍ଷ ଆମେ କୌଣସି ପ୍ରସ୍ତାବକୁ ଗ୍ରହଣ କରିନେଇଛୁ, ହେଲେ ସବୁବେଳେ ତାହା ସମ୍ଭବ ନୁହେଁ। ସେ ପୁଣି କହିଛନ୍ତି, ଯଦି ଏଭଳି କୌଣସି ପ୍ରସ୍ତାବ ଆସିଥାନ୍ତା ତେବେ ଆମେ ତାହାକୁ ଆମ ସରକାରଙ୍କ ପାଖକୁ ନେଇକରି ଯାଇଥାନ୍ତୁ। ସରକାରଙ୍କ ନିଷ୍ପତ୍ତିକୁ ଆମେ ଅନୁପାଳନ କରିଥାନ୍ତୁ।

ଅନ୍ୟପକ୍ଷରେ ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି, ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବାର ନାହିଁ। ଭାରତ ସରକାର ମଧ୍ୟ ତାଙ୍କ ନୀତିରେ ଅଟଳ ରହିଛନ୍ତି। ଭାରତୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି ଯେ, ସୁରକ୍ଷା ଜନିତ କାରଣରୁ ଭାରତ ପାକିସ୍ତାନକୁ ଏହାର ଦଳ ପଠାଇବାକୁ ଚାହୁଁନାହିଁ। ଏବିଷୟରେ ପିସିବିକୁ ଅବଗତ କରାଯାଇସାରିଛି ବୋଲି ବିସିସିଆଇର ଜଣେ ଅଫିସିଆଲ କହିଛନ୍ତି। ନକ୍‌ଭୀଙ୍କୁ ଏ ବିଷୟରେ ପଚରାଯିବାରେ ସେ ଏବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଛନ୍ତି। ସେ ପୁଣି ଦୋହରାଇ କହିଥିଲେ, ଟୁର୍ନାମେଣ୍ଟ ଯେହେତୁ ପାକିସ୍ତାନରେ ଆୟୋଜନ ହେବାକୁ ଯାଉଛି ସବୁଦଳ ଖେଳିବାକୁ ଆସିବେ। ଭାରତକୁ ଛାଡ଼ିଦେଲେ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଅନ୍ୟ ସମସ୍ତ ଦଳ ଆସିବାକୁ ରାଜି ଅଛନ୍ତି। ଭାରତ ପାକିସ୍ତାନ ଆସିବ ନାହିଁ ବୋଲି ଯଦି ଲିଖିତ ଭାବେ କୌଣସି ଚିଠି ଆସେ ତେବେ ସେ ଏହାକୁ ସରକାର ଓ ଗଣମାଧ୍ୟମରେ ଶେୟାର କରିବେ। ପିସିବି ବିସିସିଆଇକୁ ଏକ ପ୍ରସ୍ତାବ ଦେଇଥିଲା। ତଦନୁସାରେ ଭାରତୀୟ ଦଳ ଦିଲ୍ଲୀ କିମ୍ବା ଚଣ୍ଡିଗଡ଼ରେ ଅବସ୍ଥାନ କରି ଲାହୋରରେ ଏହାର ମ୍ୟାଚ ଖେଳି ସେହିଦିନ ଫେରିଯାଇପାରିବ। କିନ୍ତୁ ଏହା ବିସିସିଆଇ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲା। ଭାରତ ଶେଷ ଥର ପାଇଁ ଏସିଆ କପ୍ ଖେଳିବା ପାଇଁ ୨୦୦୮ରେ ପାକିସ୍ତାନ ଆସିଥିଲା। କିନ୍ତୁ ସେହିବର୍ଷ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାପରଠାରୁ ଭାରତ ଆଉ ପାକିସ୍ତାନ ଟୁର୍‌ରେ ଯାଇ ନାହିଁ। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) କୌଣସି ବୋର୍ଡକୁ ସରକାରଙ୍କ ନୀତି ବିରୋଧରେ ଯିବା ଲାଗି ବାଧ୍ୟ କରିପାରିବ ନାହିଁ ବୋଲି ଇତିମଧ୍ୟରେ ସ୍ପଷ୍ଟ କରିଛି। ବିସିସିଆଇର ବିଦାୟୀ ସମ୍ପାଦକ ଜୟ ଶାହା ଡିସେମ୍ବର ୧ରୁ ଆଇସିସିର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ